

‘ବାରାଣସୀ’ରେ
୩୦ ମିନିଟ୍ ଯୁଦ୍ଧ
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-342 ◆WEDNESDAY ◆10 JUNE 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୩୪୨ ◆ବୁଧବାର ◆୧୦ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ପ୍ରଜନନ କ୍ଷମତା ହ୍ରାସ କରିଛି ସ୍ମାର୍ଟଫୋନ୍ !

■ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ଆଧୁନିକ ଯୁଗରେ ସ୍ମାର୍ଟଫୋନ୍ ଆମ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। କିନ୍ତୁ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୦୭ରେ ଆଇଫୋନ୍ ବ୍ୟବହାର ଆରମ୍ଭ ପରଠାରୁ ସାରା ବିଶ୍ୱରେ ପ୍ରଜନନ ହାର ଅଭୂତପୂର୍ବ ଭାବେ ହ୍ରାସ ପାଇଛି। ବୈଜ୍ଞାନିକ ଏବଂ ଅର୍ଥନୀତିଜ୍ଞମାନେ ଏହାକୁ ଏକ ବିଶ୍ୱବ୍ୟାପୀ ଟେକ୍ନୋଲୋଜି ଏକ୍ ଭାବେ ବର୍ଣ୍ଣନା କରିଛନ୍ତି। ନ୍ୟାସନାଲ୍ ବ୍ୟୁରୋ ଅଫ୍ ଇକୋନୋମିକ୍ ରିସର୍ଚ୍ଚ (ଏନ୍‌ବିଆର୍)ର ଏକ ଅଧ୍ୟୟନ ଅନୁସାରେ, ଆମେରିକାରେ ୧୯୮୦ ରୁ ୨୦୦୭ ପର୍ଯ୍ୟନ୍ତ ଜନ୍ମ ହାର ପ୍ରତି ୧,୦୦୦ ମହିଳାଙ୍କ ମଧ୍ୟରେ ୬୫ ରୁ ୭୦ ରହିଥିଲା। କିନ୍ତୁ ୨୦୦୭ ପରେ ଏହା ଦ୍ରୁତ ଗତିରେ ହ୍ରାସ ପାଇଛି। ୨୦୨୪ ସୁଦ୍ଧା ଏହା ୫୪କୁ ଖସି ଆସିଛି। ଏହା ଗତ ୧୭ ବର୍ଷ ମଧ୍ୟରେ ପ୍ରାୟ ୨୨ ପ୍ରତିଶତ ହ୍ରାସ ବୋଲି ଲକ୍ଷ୍ୟ କରାଯାଇଛି। ବିଶେଷ କରି ୧୫ ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ କ୍ଷେତ୍ରରେ ଏହି ହାର ସର୍ବାଧିକ ୭୦ ପ୍ରତିଶତ କମିଛି। ତେବେ ଗବେଷକମାନେ ଏହି ହ୍ରାସ ପଛରେ ସ୍ମାର୍ଟଫୋନର ବ୍ୟବହାରକୁ ଏକ ପ୍ରମୁଖ କାରଣ ଭାବେ ଦର୍ଶାଇଛନ୍ତି।

## ୨୦୦୭ ପରଠାରୁ ବିଶ୍ୱବ୍ୟାପୀ ହ୍ରାସ ପାଇଛି ଜନ୍ମହାର



ଗବେଷଣାରେ ଲକ୍ଷ୍ୟ କରାଯାଇଛି ଯେ, ୨୦୦୩ରେ ଜଣେ ବ୍ୟକ୍ତି ଦୈନିକ ହାରାହାରି ୬୮ ମିନିଟ୍ ନିଜ ବନ୍ଧୁବାନ୍ଧବଙ୍କ ସହ ଶାରୀରିକ ଭାବେ ମିଳାମିଶା କରୁଥିଲେ। ଏହା ସମୟ ପ୍ରାୟ ୪୪% ହ୍ରାସ ପାଇ ୨୦୧୯ ସୁଦ୍ଧା ୩୮ ମିନିଟ୍‌କୁ ଖସି ଆସିଛି। ଅନ୍ୟପଟେ, ଲୋକେ କମ୍ପ୍ୟୁଟର ବା ସ୍କ୍ରିନ୍ ସାମ୍ନାରେ ବିତାଉଥିବା ସମୟ ୨୨ ମିନିଟ୍‌ରୁ ୯୬ ମିନିଟ୍‌କୁ ବୃଦ୍ଧି ପାଇଛି। ସ୍ମାର୍ଟଫୋନ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ଯୁବପିଢ଼ିଙ୍କ ମଧ୍ୟରେ ଯୌନ ସକ୍ରିୟତା କମିଥିବା ବେଳେ ଅନ୍‌ଲାଇନ୍ ଅଶ୍ଳୀଳତା ପ୍ରତି ଆକର୍ଷଣ ବଢ଼ିଛି। ସେହିପରି ଆଇଫୋନ୍ ମାଧ୍ୟମରେ କିଶୋର ଓ ଯୁବପିଢ଼ି ଗର୍ଭନିରୋଧକ ଏବଂ ଗର୍ଭପାତ ସମ୍ପର୍କିତ ସୂଚନା ସହଜରେ ପାଉଛନ୍ତି, ଯାହା ଜନ୍ମ ହାର କମିବାର ଅନ୍ୟ ଏକ କାରଣ ହୋଇଛି। ତେବେ ଏହି ସମସ୍ୟା କେବଳ ଧନୀ ଦେଶମାନଙ୍କରେ ସୀମିତ ରହିନାହିଁ। ୟୁନିଭର୍ସିଟି ଅଫ୍ ସିନସିନାଟିର ଅର୍ଥନୀତିଜ୍ଞଙ୍କ ଅନୁସାରେ, ୧୨୮ଟି ଦେଶରେ ସ୍ମାର୍ଟଫୋନ୍ ବ୍ୟବହାର ବଢ଼ିବା ସହ ଜନ୍ମ ହାରରେ ସମାନ ଧରଣର ହ୍ରାସ ଦେଖିବାକୁ ମିଳିଛି। ଇରାନ୍, କୋଷ୍ଟାରିକା, ଗୁଆଟେମାଲା, ଚିଲି, ମେକ୍ସିକୋ ଏବଂ ତୁର୍କୀ ଭଳି ଦେଶରେ ସ୍ମାର୍ଟଫୋନ୍ ବ୍ୟବହାର ଏକ ମୁଖ୍ୟ ପ୍ରକ୍ରିୟା ହୋଇଛି। ଭାରତ ଏବଂ ବ୍ରାଜିଲ୍ ଭଳି ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ମଧ୍ୟ ସମାନ ଧାରା ପରିଲକ୍ଷିତ ହେଉଛି। ରିସର୍ଚ୍ଚ ଅନୁସାରେ, ଯେଉଁ ଅଞ୍ଚଳରେ ୪ଜି ବା ହାଇ-ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ଅଧିକ ରହିଛି, ସେଠାରେ ପ୍ରଜନନ ହାର ଅପେକ୍ଷାକୃତ ଦ୍ରୁତ ଗତିରେ ହ୍ରାସ ପାଇଛି।

# ମମତାଙ୍କ ଘରେ ସିଆଇଡି, ପୁଲିସ ଫୋର୍ସ



## ଜାଲ ଦସ୍ତଖତ ମାମଲାରେ ଯାଞ୍ଚ

## ଅଭିଷେକ ବାନାର୍ଜୀ ଘରେ ବି ଚଢ଼ଉ

■ କୋଲକାତା, ୯।୬ (ଏଜେନ୍ସି): ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ଦଳ ଭିତରେ ତୀବ୍ର ବିଦ୍ରୋହର ସମ୍ମୁଖୀ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଇଣ୍ଡିଆ ମେଣ୍ଟ ବୈଠକରେ ଯୋଗଦେବା ଲାଗି ସେ ଦିଲ୍ଲୀ ଯାଇଥିବା ବେଳେ ତାଙ୍କର କୋଲକାତା ବାସଭବନରେ ପଶିଛି ରାଜ୍ୟ ସିଆଇଡି ଟିମ୍। ଦଳୀୟ ବିଧାୟକମାନଙ୍କ ଜାଲ୍ ଦସ୍ତଖତ ମାମଲାରେ ରାଜ୍ୟ ଅପରାଧ ଅନୁସନ୍ଧାନ ବିଭାଗ (ସିଆଇଡି)ର ଏକ ଟିମ୍ ପୁଲିସ ଫୋର୍ସ ସହିତ ମମତା ବାନାର୍ଜୀଙ୍କ କାଳୀଘାଟସ୍ଥିତ ବାସଭବନ ଏବଂ ତାଙ୍କ ପୁତୁରା ତଥା ଟିଏମସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ କରିଛି। ମମତାଙ୍କ ବାସଭବନ, ଯାହାକି ତୃଣମୂଳ କଂଗ୍ରେସର କେନ୍ଦ୍ରୀୟ କାର୍ଯ୍ୟାଳୟ ଭାବେ ମଧ୍ୟ ବ୍ୟବହୃତ ହୁଏ ସେଠାରେ ସିଆଇଡିର ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚିଥିଲା। ଏହି ସମୟରେ ସୁରକ୍ଷାକର୍ମୀ ଓ ଦଳୀୟ ନେତାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ମମତା ଏବଂ ଅଭିଶେକ ଘରେ ନଥିବାରୁ ସିଆଇଡିକୁ ଯାଞ୍ଚ ପାଇଁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ଦଳୀୟ ନେତା କହିଥିଲେ। ଶେଷାରେ ସିଆଇଡି ଦଳ ବାସଭବନରେ ଯାଞ୍ଚ ଆରମ୍ଭ କରିଥିଲେ। ସେହି ସମୟରେ ଅନ୍ୟ ଏକ ସିଆଇଡି ଦଳ ଅଭିଷେକଙ୍କ କାମାକ୍ ଷ୍ଟ୍ରିଟ୍ କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ତେବେ ଏହି ସମୟରେ ମମତା କିମ୍ବା ଅଭିଷେକ ଘରେ ନଥିଲେ।

ମମତାଙ୍କ ଘରେ ସିଆଇଡି ଟିମ୍ ଆସିଥିବା ଖବର ପ୍ରଚାରିତ ହେବା ପରେ ମମତାଙ୍କ ଅନୁଗତ ରୂପେ ପରିଚିତ ଅନେତ ବିଧାୟକ ଓ ସାଂସଦ ସେଠାରେ ପହଞ୍ଚି ଟିମକୁ ଅଟକାଇଥିଲେ। ସାଂସଦ ତଥା ବରିଷ୍ଠ ଆଡଭୋକେଟ କଲ୍ୟାଣ ବାନାର୍ଜୀ ମଧ୍ୟ ସେଠାରେ ପହଞ୍ଚି ସିଆଇଡି ଅଧିକାରୀଙ୍କ ସହିତ କଥା ହୋଇଥିଲେ। କିନ୍ତୁ ସିଆଇଡି ଅଧିକାରି କିଛି ଶୁଣି ନଥିଲେ ଏବଂ ମମତାଙ୍କ ଘରେ ପଶି ଯାଞ୍ଚ କରିଥିଲେ।

ଟିଏମ୍‌ସି ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ବିରୋଧୀ ଦଳ ନେତା ଭାବେ ସ୍ୱୀକୃତି ଦେବା ପାଇଁ ବିଧାନସଭା ବାଚସ୍ପତିଙ୍କୁ ମମତାଙ୍କ ପକ୍ଷରୁ ଚିଠିଲେଖାଯାଇଥିଲା। ସେହି ଚିଠିରେ ପାଖାପାଖି ୭୦ ଜଣ ବିଧାୟକଙ୍କ ଦସ୍ତଖତ ଥିଲା ଏବଂ ଏଥିରେ ଅଭିଷେକ ବାନାର୍ଜୀ ସ୍ୱାକ୍ଷର କରିଥିଲେ। କିନ୍ତୁ ପରେ ବିଧାୟକ ରତବ୍ରତ ବାନାର୍ଜୀ ଏବଂ ସନ୍ଦୀପନ ଶାହା ଏଥିରେ ଥିବା ଅନେକ ବିଧାୟକଙ୍କ ଦସ୍ତଖତ ଜାଲ୍ ବୋଲି ଅଭିଯୋଗ କରିଥିଲେ। ଏହାର ଯାଞ୍ଚ କରିବା ଲାଗି ସିଆଇଡିକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ। ସିଆଇଡି ଅନୁଯାୟୀ, ଅଭିଷେକ ପୂର୍ବରୁ କହିଥିଲେ ଯେ ବିଧାୟକମାନଙ୍କ ଦସ୍ତଖତ ଦଳର କେନ୍ଦ୍ରୀୟ କାର୍ଯ୍ୟାଳୟରେ ସଂଗ୍ରହ କରାଯାଇଥିଲା। ସେହି ବୟାନକୁ ଭିତ୍ତି କରି ଆଜି ସିଆଇଡି ଏହି ସର୍ଚ୍ଚ ଅପରେସନ କରିଛି। ତେବେ ଏହି ଚଢ଼ଉ ସମୟରେ ମମତା ଏବଂ ଅଭିଷେକ ବାନାର୍ଜୀ ଉଭୟ ଇଣ୍ଡିଆ ମେଣ୍ଟର ବୈଠକ ପାଇଁ ନୂଆଦିଲ୍ଲୀ ଗସ୍ତରେ ଥିବା ଜଣାପଡ଼ିଛି।

### ରାଜ୍ୟସଭା ନିର୍ବାଚନରେ ନାଟକୀୟ ମୋଡ଼

# କଂଗ୍ରେସ ପ୍ରାର୍ଥୀ ମୀନାକ୍ଷୀଙ୍କ ନାମାଙ୍କନ ନାକଚ

■ ଭୋପାଳ, ୯।୬ (ଏଜେନ୍ସି): ଆସନ୍ତା ୧୮ ତାରିଖରେ ୧୦ଟି ରାଜ୍ୟରେ ୨୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି। ତେବେ ନିର୍ବାଚନ ପୂର୍ବରୁ ମଧ୍ୟପ୍ରଦେଶରେ ଏହା ନାଟକୀୟ ମୋଡ଼ ନେଇଛି। ବିଜେପିର ଅଭିଯୋଗ କ୍ରମେ ରାଜ୍ୟରୁ କଂଗ୍ରେସର ଏକମାତ୍ର ପ୍ରାର୍ଥୀ ମୀନାକ୍ଷୀ ନଟରାଜନଙ୍କ ପ୍ରାର୍ଥିପତ୍ରକୁ ନାକଚ କରିଦେଇଛନ୍ତି ରିଟର୍ଣ୍ଣିଂ ଅଫିସର। ପ୍ରାର୍ଥିପତ୍ର ସହିତ ସେ ଦାଖଲ କରିଥିବା ସତ୍ୟପାଠରେ କିଛି ତଥ୍ୟ ଲୁଚାଇଥିବା ଅଭିଯୋଗରେ ରିଟର୍ଣ୍ଣିଂ ଅଫିସର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହାଫଳରେ ରାଜ୍ୟରେ ସମସ୍ତ ତିନିଟି ଯାକ ଆସନ ବିଜେପି ଖାତାକୁ ଯିବା ସ୍ପଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ କଂଗ୍ରେସ ଏହାର ପ୍ରତିବାଦ ଜଣାଇବା ସହିତ କୋର୍ଟ ଯିବ ବୋଲି କହିଛି।



## ବିଜେପି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ

## ପ୍ରତିବାଦ ଜଣାଇଲା କଂଗ୍ରେସ, କୋର୍ଟ ଯିବ

ପ୍ରାର୍ଥିପତ୍ର ଯାଞ୍ଚ ବେଳେ ବିଜେପି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ନଟରାଜନ ତାଙ୍କ ▶ପୃଷ୍ଠା-୭

# ଜଗନ୍ନାଥ ‘ଧାମ’ ନୁହେଁ ଦୀଘା

## ନୂଆ ନାମ ହେବ ‘ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର’: ଶୁଭେନ୍ଦୁ

■ ଭୁବନେଶ୍ୱର/ପୁରୀ, ୯।୬ (ସମିସ): ଓଡ଼ିଶାର କ୍ରମାଗତ ଦାବି ପରେ ଦୀଘା ଜଗନ୍ନାଥ ଧାମରୁ ‘ଧାମ’ ଶବ୍ଦ ହଟିବ। ପୂର୍ବରୁ ଏ ସମ୍ପର୍କରେ ରାଜ୍ୟବ୍ୟାପୀ ଦାବି ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତରେ ନବନିଯୁକ୍ତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ଦୀଘା ଜଗନ୍ନାଥ ମନ୍ଦିର ଏଣିକି ଧାମ ପରିବର୍ତ୍ତେ ‘ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର’ଭାବେ ପରିଗଣିତ ହେବ।

ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ ସ୍ୱାଗତଯୋଗ୍ୟ ଅଟେ। ପୂର୍ବ ସରକାର ସନାତନ ସଂସ୍କୃତିର ଅପମାନ କରିଥିଲେ ଓ ଏହି ପ୍ରକଳ୍ପ ସହ ‘ଧାମ’ ଶବ୍ଦ ଯୋଡ଼ିଥିଲେ। କିନ୍ତୁ ସନାତନ ପରମ୍ପରା ଓ ହିନ୍ଦୁ ଧାର୍ମିକ ଆସ୍ଥା ଅନୁଯାୟୀ ‘ଧାମ’ ଶବ୍ଦର ଏକ ବିଶେଷ ମହତ୍ତ୍ୱ ରହିଛି। ଏହି ନାମ ପରିବର୍ତ୍ତନକୁ ଔପଚାରିକ ମଞ୍ଜୁରି ଦେବା ପାଇଁ ପଶ୍ଚିମବଙ୍ଗ ମନ୍ତ୍ରିମଣ୍ଡଳ ବୈଠକରେ ଏକ ପ୍ରସ୍ତାବ ଆଣାଯିବ ଏବଂ ତାହାକୁ ଅନୁମୋଦନ କରାଯିବ। କ୍ୟାବିନେଟ୍ ମଞ୍ଜୁରି



## ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁଙ୍କୁ ଧନ୍ୟବାଦ ଜଣାଇଲେ ମୋହନ

ପରେ କମ୍ପ୍ଲେକ୍ସର ନାମ ‘ଦୀଘା ଜଗନ୍ନାଥ ଧାମ’ ନାମ ସମ୍ପୂର୍ଣ୍ଣ ଭାବେ ବଦଳି ‘ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର’ ଭାବେ ପରିଚିତ ହେବ। ସେହିପରି ଯେଉଁଠି ଠାକୁର ପୂଜା ପାଉଛନ୍ତି, ସେହି ସ୍ଥାପତ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ନାମରେ ନାମିତ ହେବ। ମନ୍ଦିର ପରିଚାଳନା ପାଇଁ ଯେଉଁ ଟ୍ରଷ୍ଟ କମିଟି ଗଠନ କରାଯାଇଛି, ଆସନ୍ତା ୨ ଦିନ ମଧ୍ୟରେ ଉପରୋକ୍ତ ନିଷ୍ପତ୍ତି ▶ପୃଷ୍ଠା-୭

### କାଦୁଅରେ ଖସିଗଲା ସ୍କୁଟି

# ଟ୍ରକ୍ ଚାପାରେ ମା’-ଝିଅ ମୃତ



■ ବଲାଙ୍ଗିର, ୯।୬ (ସମିସ): ଟ୍ରକ୍ ଚାପାରେ ଚାଲିଗଲା ମା’-ଝିଅଙ୍କ ଜୀବନ। ବଲାଙ୍ଗିର ସହରର ଗାନ୍ଧୀନଗରପଡ଼ା ନିକଟରେ ଆଜି ସକାଳେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ତାଳପାଲିପଡ଼ାର ସୁନୀତା ନାଗ ଓ ତାଙ୍କ ଝିଅ ସୁଷମା ନାଗ।

ସୂଚନାନୁସାରେ, ସୁନୀତା ସ୍ଥାନୀୟ ସମଲେଶ୍ୱରୀ ନର୍ସିଂହୋମ୍‌ରେ କାମ କରନ୍ତି। ସବୁଦିନ ଭଳି ଆଜି ସକାଳୁ ସୁଷମା ନିଜ ସ୍କୁଟିରେ ସୁନୀତାଙ୍କୁ ନର୍ସିଂହୋମ୍‌ରେ ଛାଡ଼ିବା ପାଇଁ ନେଉଥିଲେ। ସେମାନେ ଗାନ୍ଧୀନଗରପଡ଼ା ପାର ହେବା ପରେ ରାଜ୍ ହୋଟେଲ ସମ୍ମୁଖରେ ପଡ଼ିଥିବା ମାଟି କାଦୁଅରେ ସ୍କୁଟି ଚକା ଖସି ଯାଇଥିଲା। ଏହି ସମୟରେ ସହର ପଟୁ ଆସୁଥିବା ଏକ ଟ୍ରକ୍ ଚକା ତଳେ ଦୁହେଁ ପଡ଼ିଯାଇଥିଲେ। ଟ୍ରକ୍‌ଟି ଦୁହିଁଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଶବଦ୍ୱୟକୁ ▶ପୃଷ୍ଠା-୭

### ରାଜଧାନୀରେ ଲଜ୍ଜା।

# ପାର୍ଲରରେ ଯୁବତୀଙ୍କୁ ଗଣଦୁଷ୍କର୍ମ

## ଚାକିରି କରିବାକୁ ପାର୍ଲରକୁ ଆସିଥିଲେ

## ମାଲିକ, କର୍ମଚାରୀ ଗିରଫ; ଜଣେ ଫେରାର

## ପାର୍ଲରରୁ ଆପତ୍ତିଜନକ ସାମଗ୍ରୀ ଜବତ

## ହ୍ୱାଟ୍ସଆପରୁ ମିଳିଲା ଚାଞ୍ଚଲ୍ୟକର ତଥ୍ୟ



■ ଭୁବନେଶ୍ୱର, ୯।୬ (ସମିସ): ପାହାଳ ଓ ଧଉଳି ଥାନା ଅଞ୍ଚଳରେ ଯୁବତୀଙ୍କୁ ଦୁଷ୍କର୍ମ ଘଟଣାର ମନରୁ ନ ଯାଉଣୁ ଆଉ ଏକ ଗଣଦୁଷ୍କର୍ମ ଘଟଣା ସାମ୍ନାକୁ ଆସିଛି। ଚାକିରି କରିବାକୁ ଆସି ଗଣଦୁଷ୍କର୍ମର ଶିକାର ହୋଇଛନ୍ତି ୨୦ ବର୍ଷୀୟା ଯୁବତୀ। ଜାଗମରା ଅଞ୍ଚଳରେ ଥିବା ଏକ ୟୁନିସେକ୍ସ୍ ପାର୍ଲରରେ ଏଭଳି କାଣ୍ଡ ଘଟିଛି। ଅଭିଯୋଗ ପାଇବା ପରେ ପାର୍ଲର ମାଲିକ ଓ କର୍ମଚାରୀଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ସତ୍ୟସାଇ ଏନକ୍ଲେଭରେ ରହୁଥିବା ରବୀନ୍ଦ୍ର କୁମାର ମହାନ୍ତି (୫୦) ଓ ବଡ଼ମ୍ବା ଥାନା ରଗଡ଼ିପଡ଼ାର ସନ୍ତୋଷ କୁମାର ବାରିକ (୫୨)।

ପୁଲିସ ସୂଚନାନୁସାରେ, କୋଳଥିଆ ସତ୍ୟସାଇ ଏନକ୍ଲେଭର ରବୀନ୍ଦ୍ର ଜାଗମରା ଅଞ୍ଚଳରେ ଏକ ୟୁନିସେକ୍ସ୍ ପାର୍ଲର କରିଥିବା ବେଳେ ସନ୍ତୋଷ ସେଠାରେ କାମ କରୁଥିଲା। ନିକଟରେ ଯୁକ୍ତ ୩ ପାସ୍ କରିଥିବା ବଡ଼ଗଡ଼ ଥାନା ଅଞ୍ଚଳର ଜଣେ ୨୦ବର୍ଷୀୟା ଯୁବତୀ ଚାକିରି ସନ୍ଧାନରେ ଥିଲେ। ଗତ ୩ ତାରିଖ ଦିନ ଯୁବତୀଜଣଙ୍କ ତାଙ୍କର ଜଣେ ସମ୍ପର୍କୀୟ ମାଧ୍ୟମରେ ରବୀନ୍ଦ୍ରଙ୍କ ପାର୍ଲରକୁ ଯାଇଥିଲେ। ସେଠାରେ ରବୀନ୍ଦ୍ର ଓ ସନ୍ତୋଷ ସହ କଥାବାର୍ତ୍ତା ହୋଇଥିଲେ। କଥାବାର୍ତ୍ତା ମୁତାବକ, ଯୁବତୀଜଣଙ୍କ ସେହି ପାର୍ଲରରେ କାମ କରିବା ସହ ଗ୍ରାହକମାନଙ୍କୁ ମସାଜ୍ କରିଥା’ନ୍ତେ। ଏହି ସମୟରେ ସେଠାରେ ଅନ୍ୟ ଜଣେ ଗ୍ରାହକ ମଧ୍ୟ ଉପସ୍ଥିତ ଥିଲେ। ଯୁବତୀଙ୍କୁ ଏକାକୀ ପାଇ ରବୀନ୍ଦ୍ର, ସନ୍ତୋଷ ଓ ଗ୍ରାହକଜଣଙ୍କ ଯୌନପିପାସୁ ପାଲଟି ଯାଇଥିଲେ। କଥାବାର୍ତ୍ତା ଚାଲିଥିବା ସମୟରେ ସନ୍ତୋଷ ହଠାତ୍ ପାର୍ଲର୍‌ର କବାଟକୁ ଭିତରପଟୁ ବନ୍ଦ କରି ଦେଇଥିଲା। କବାଟ ବନ୍ଦ ହେବାପରେ ରବୀନ୍ଦ୍ର ଯୁବତୀଙ୍କୁ ଟଣାଓଟରା କରିବା ସହ ଦୁଷ୍କର୍ମ କରିଥିଲା। ଯୁବତୀଜଣଙ୍କ କାକୁତିମିନତି ହୋଇଥିଲେ ମଧ୍ୟ କେହି ଶୁଣିନଥିଲେ। ରବୀନ୍ଦ୍ରଙ୍କ ପରେ ସନ୍ତୋଷ ମଧ୍ୟ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲା। ଏମିତିକି, ଉପସ୍ଥିତ ଥିବା ଗ୍ରାହକ ମଧ୍ୟ ଯୁବତୀଙ୍କୁ ଛାଡ଼ିନଥିଲା। ଅଭିଯୁକ୍ତମାନେ ମିଳିମିଶି ଦୁଷ୍କର୍ମ କରିବା ପରେ ଯୁବତୀଙ୍କୁ ବିଭିନ୍ନ ପ୍ରକାରର ଧମକଚମକ ଦେଇଥିଲେ। ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ତାଙ୍କୁ ଓ ତାଙ୍କ ପରିବାରକୁ ଜୀବନରେ ମାରିଦେବେ ବୋଲି ଧମକାଇଥିଲେ। ଏଥିରେ ଯୁବତୀଜଣଙ୍କ ଭୟଭୀତ ହୋଇ ଘରକୁ ଫେରିଯାଇଥିଲେ। କିଛି ଦିନ ମାନସିକ ଅବସାଦରେ ରହିବା ପରେ ପରିବାରଲୋକଙ୍କୁ ସବୁ କଥା ଜଣାଇଥିଲେ। ପରିବାରଲୋକଙ୍କ ପରାମର୍ଶ କ୍ରମେ ଯୁବତୀଜଣଙ୍କ ଖଣ୍ଡଗିରି ଥାନାରେ ▶ପୃଷ୍ଠା-୭

### ୧୨ ବର୍ଷ ହେଲା ନ୍ୟାୟ ଅପେକ୍ଷାରେ ମା’-ଝିଅ

# ଖାସି, ଚାଉଳ ନ ଦେବାରୁ ଗାଁରୁ ବାସନ୍ଦ

■ ବଣାଇଁ, ୯।୬ (ସମିସ): ସୁନ୍ଦରଗଡ଼ ଜିଲ୍ଲା ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ମହୁଲଡିହା ଗ୍ରାମରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଖାସି, ଟଙ୍କା ଓ ଚାଉଳ ଦେଇ ନପାରିବାରୁ ଜଣେ ମହିଳା ଓ ତାଙ୍କ ବୃଦ୍ଧା ମା’ଙ୍କୁ ଦୀର୍ଘ ୧୨ ବର୍ଷ ଧରି ସମାଜରୁ ବାସନ୍ଦ କରାଯାଇଛି। ଏବେ ମା’ ବାର୍ଦ୍ଧକ୍ୟଜନିକ ରୋଗଶଯ୍ୟାରେ ମୃତ୍ୟୁ ଅପେକ୍ଷାରେ ଦିନ ଗଣୁଥିବା ବେଳେ ମଲା ପରେ ସାମାଜିକ ସହଯୋଗ ମିଳିବ କି ନାହିଁ ସେ ନେଇ ଝିଅ ଚିନ୍ତାରେ।

ସୂଚନାନୁଯାୟୀ, ପ୍ରଭାତୀ ମୁଣ୍ଡାରୀ ନାମ୍ନୀ ଜଣେ ମହିଳା ଦୀର୍ଘ ୧୨ ବର୍ଷ ଧରି ତାଙ୍କ ଅସହାୟ ଓ ଶଯ୍ୟାଶାୟୀ ମା’ଙ୍କ ସେବା କରିଆସୁଛନ୍ତି। ପରିବାରର ପୁଅ ଓ ବୋହୂ ଅଲଗା ରହୁଥିବା ବେଳେ



ମା’-ଝିଅ ସରକାରୀ ରାସନ ଚାଉଳ ଗଣ୍ଡାକରେ ଚଳୁଛନ୍ତି। ଜରାଜୀର୍ଣ୍ଣ ଘର, ଅଭାବ ଓ ଅନିଶ୍ଚିତତା ମଧ୍ୟରେ ତାଙ୍କ ଦିନ କଟୁଥିବାବେଳେ ସମାଜର ବାସନ୍ଦ ଦୁଃଖକୁ ଆହୁରି ବଢ଼ାଇ ଦେଇଛି।

ପ୍ରଭାତୀଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ସେ ଅନ୍ୟତ୍ର ପଳାଇ ଯାଇଥିବା ଘଟଣାକୁ କେନ୍ଦ୍ର କରି ସମାଜ ପକ୍ଷରୁ ତାଙ୍କ ଉପରେ ଜରିମାନା ସ୍ୱରୂପ ଖାସି, ଟଙ୍କା ଓ ଚାଉଳ ଦେବାକୁ କୁହାଯାଇଥିଲା। ଆର୍ଥିକ ଅସମର୍ଥତା କାରଣରୁ ସେ ଏହା ▶ପୃଷ୍ଠା-୭

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବି ଖାତିର ନାହିଁ

## ପ୍ରାକୃତିକ ବିପର୍ଯ୍ୟୟ ସୂଚୀଭୁକ୍ତ ହେଲାନାହିଁ ବନ୍ୟପ୍ରାଣୀ ଆକ୍ରମଣଜନିତ ମୃତ୍ୟୁ

■ ଭୁବନେଶ୍ୱର, ୯।୬ (ସମିସ): ବନ୍ୟପ୍ରାଣୀ ଆକ୍ରମଣ ଯୋଗୁଁ ମନୁଷ୍ୟଙ୍କ ମୃତ୍ୟୁ ଘଟଣାକୁ ପ୍ରାକୃତିକ ବିପର୍ଯ୍ୟୟ ସୂଚୀ ଅନ୍ତର୍ଭୁକ୍ତ କରିବ ଓ ଏ ବାବଦରେ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ଓମାତ୍ର ଏହି ନିର୍ଦ୍ଦେଶକୁ ୬ ମାସ ବିତିଯାଇଥିଲେ ମଧ୍ୟ ଓଡ଼ିଶାରେ ଏହା ଲାଗୁ ହୋଇପାରି ନାହିଁ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପରେ ଏହି ମାମଲାଗୁଡ଼ିକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକା ଭୁକ୍ତ କରା ଯାଇଥିଲେ କ୍ଷତିପୂରଣ ଅର୍ଥରାଶି ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ପ୍ରଦାନ କରାଯାଇଥାନ୍ତା। ମାତ୍ର ଏଯାଏ ଏ ସଂକ୍ରାନ୍ତରେ ସ୍ପଷ୍ଟ ନିର୍ଦ୍ଦେଶ ଜାରି ହୋଇ ନ ଥିବାରୁ ପୂର୍ବରୁ ରାଜ୍ୟ ସରକାର ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ ଲାଗି ପ୍ରଦାନ କରାଯାଉଥିବା



ଅନୁକମ୍ପାରାଶି ବନ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଛି।

ଓଡ଼ିଶାରେ ଦୀର୍ଘବର୍ଷ ହେଲା ସାପ କାମୁଡ଼ା ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକାଭୁକ୍ତ କରାଯାଇଛି। ଏ ବାବଦରେ ମୃତକଙ୍କ ପରିବାରକୁ କେବଳ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଏହାକୁ ନେଇ ଅନେକ ଦିନରୁ ସରକାରୀ ବ୍ୟବସ୍ଥା ଓ ସାମାଜିକ କର୍ମୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି।

## ମୃତ୍ୟୁ ଯୋଗୁଁ ୧୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଥିଲା ନିର୍ଦ୍ଦେଶ

## ଏଯାଏ ବଢ଼ିନାହିଁ ସାପ କାମୁଡ଼ା ମୃତ୍ୟୁ ଜନିତ ଅନୁକମ୍ପା ରାଶି

ବନ୍ୟପ୍ରାଣୀ ଆକ୍ରମଣରେ ମଣିଷ ମୃତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମିଳୁଥିବା ବେଳେ ସାପ କାମୁଡ଼ା ମୃତ୍ୟୁ କ୍ଷେତ୍ରରେ ଏହି ରାଶି ୪ ଲକ୍ଷରେ ସୀମିତ ରହିଛି। ଭାରତୀୟ ବନ୍ୟ ପ୍ରାଣୀ ଆଇନ୍‌ରେ ମଣିଷକୁ ମାରିବା ଭଳି କ୍ଷମତା ରଖିଥିବା ସବୁ ସାପ ସିଡ୍ୟୁଲ୍-୧ ଏବଂ-୨ ତାଲିକା ଅନ୍ତର୍ଭୁକ୍ତ ରହିଛନ୍ତି। ନାଗ, ତମ୍ପ, ଚନ୍ଦନ ବୋଡ଼ା, ଅହିରାଜ ସିଡ୍ୟୁଲ୍-୧ ସାପ ଭାବେ ଗଣାଯାଉଥିବା ବେଳେ ସିଡିଲ୍ୟୁ-୧ ତାଲିକାରେ ହାତୀ, ବାଘ, କୁମ୍ଭୀର ମଧ୍ୟ ରହିଛନ୍ତି। ସେହିପରି ଚିତି, ରଣା, ଧୂଳିଆ ବୋଡ଼ା ଆଦି ସାପ ସିଡ୍ୟୁଲ-୨ ସୂଚୀରେ ରହିଛନ୍ତି। ତେଣୁ ସାପ କାମୁଡାରେ କାହାରି ମୃତ୍ୟୁ ହେଲେ ମଧ୍ୟ ସମାନ ଭାବରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇ ଆସୁଛି।

ଗତ ନଭେମ୍ବର ୧୭ ତାରିଖରେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପରେ ସାପ କାମୁଡା ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ଅନୁକମ୍ପାମୂଳକ ରାଶି ୪ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଥିଲେ। ଏହି କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ରାଜ୍ୟ ସରକାର ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିଶ କରିଥିଲେ। କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ▶ପୃଷ୍ଠା-୭

# ପିଓକେରେ ପାକିସ୍ତାନୀ ସେନାର ଦମନଲୀଳା



## ଗୁଳିରେ ୩୦ ଆନ୍ଦୋଳନକାରୀ ନିହତ, ଶତାଧିକ ଆହତ



ନୂଆଦିଲ୍ଲୀ, ୯।୬(ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ପାକିସ୍ତାନୀ ସୁରକ୍ଷା ବଳର ବର୍ବରତା ଏବଂ ମାନବାଧିକାର ଉଲ୍ଲଙ୍ଘନ ବିରୋଧରେ ବ୍ରିଟେନରେ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଛି। ବ୍ରିଟେନର ବ୍ରାଡଫୋର୍ଡସ୍ଥିତ ପାକିସ୍ତାନୀ କନସୁଲେଟ୍ ସମ୍ମୁଖରେ ଶତାଧିକ କାଶ୍ମୀର ପ୍ରବାସୀ ଏକତ୍ରିତ ହୋଇ ପାକିସ୍ତାନ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରିପୋର୍ଟ ଅନୁସାରେ, ପିଓକେର ରାୱଲାକୋଟ ଅଞ୍ଚଳରେ ଏକ ଶୋକସଭାରେ ଯୋଗ ଦେଇଥିବା ଲୋକଙ୍କ ଉପରେ ପାକିସ୍ତାନୀ ସୁରକ୍ଷା ବଳ ଗୁଳିଚାଳନା କରିଥିଲା। ଏହି ହିଂସାକାଣ୍ଡରେ ୩୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଗତ କିଛି ଦିନର ଦମନଲୀଳା ମଧ୍ୟରେ ମୃତ୍ୟୁସଂଖ୍ୟା ୧୦୦ରୁ ଅଧିକ ହୋଇଛି। ଏହି ଘଟଣାକୁ ନେଇ ବ୍ରିଟେନର ପ୍ରାୟ ୩୦ ଜଣ ସାଂସଦ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ବ୍ରାଡଫୋର୍ଡ ଇଷ୍ଟର ସାଂସଦ ଇମ୍ରାନ ହୁସେନ୍‌ଙ୍କ ନେତୃତ୍ୱରେ ଏହି ସାଂସଦମାନେ ବ୍ରିଟିଶ ବୈଦେଶିକ ମନ୍ତ୍ରଣାଳୟକୁ ପତ୍ର ଲେଖି କୂଟନୈତିକ ସ୍ତରରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି, ମନଇଚ୍ଛା ଗିରଫଦାରୀ ଏବଂ ବ୍ରିଟିଶ ନାଗରିକଙ୍କୁ ଅଟକ ରଖାଯିବା ନେଇ ସାଂସଦମାନେ ଉଦବେଗ ପ୍ରକାଶ କରିଛନ୍ତି। ପିଓକେରେ ଜଏଣ୍ଟ ଆୱାମି ଆକ୍ସନ କମିଟି (ଜେଏଏସି) ପକ୍ଷରୁ ଶସ୍ତା ଅଟା, ବିଜୁଳି ଦର ହ୍ରାସ ଏବଂ ମୌଳିକ ସୁବିଧା ଦାବିରେ ଏକ ବଡ଼ ଧରଣର ଆନ୍ଦୋଳନ ଚାଲିଛି। ପାକିସ୍ତାନ ପ୍ରଶାସନ ପିଓକେ ଅଞ୍ଚଳରେ ଜେଏଏସି ଉପରେ ନିଷେଧାଦେଶ ଜାରି କରିବା ସହ ଶତାଧିକ ଲୋକଙ୍କୁ ଗିରଫ କରିବା ପରେ ପରିସ୍ଥିତି ଅଧିକ ଜଟିଳ ହୋଇଛି। ସୁରକ୍ଷା ବଳର ଅତ୍ୟଧିକ ବଳ ପ୍ରୟୋଗ ଏବଂ ଜନସାଧାରଣଙ୍କ ଦାବିକୁ ଦମନ କରିବା ପାଇଁ ନିଆଯାଉଥିବା ପଦକ୍ଷେପକୁ ବିଶ୍ୱ ସ୍ତରରେ ନିନ୍ଦା କରାଯାଉଛି। ବ୍ରିଟିଶ ସାଂସଦମାନେ ପାକିସ୍ତାନ ସରକାରଙ୍କୁ ସଂଯମତା ରକ୍ଷା କରିବା ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଛନ୍ତି।

## ନରସଂହାରକୁ ନିନ୍ଦା କଲା ଭାରତ

### ପାକିସ୍ତାନକୁ ଉତ୍ତରଦାୟୀ କରିବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଆହ୍ୱାନ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଘଟିଥିବା କଶ୍ମୀରବାସୀଙ୍କ ନିର୍ମମ ନରସଂହାରକୁ ଭାରତ ଆଜି କଡ଼ା ଭାଷାରେ ନିନ୍ଦା କରିଛି। ଏହି ଅମାନୁଷିକ ଘଟଣା ପାଇଁ ଅନ୍ତର୍ଜାତୀୟ ସମୁଦାୟ ପାକିସ୍ତାନକୁ ଦାୟୀ କରିବା ସହ ଉଚିତ ଜବାବ ମାଗିବେ ବୋଲି ଭାରତ ଆଶା ପ୍ରକଟ କରିଛି। ସୂଚନା ଅନୁସାରେ, ପିଓକେରେ ସାଧାରଣ ଜନସମାଗମ ଏବଂ ସଭାସମିତି ଉପରେ ପାକିସ୍ତାନ ସରକାର କଟକଣା ଜାରି କରିବା ପରେ ସେଠାରେ ଭୟଙ୍କର ହିଂସାକାଣ୍ଡ ଦେଖାଦେଇଛି। ଏହି ହିଂସା ପରିପ୍ରେକ୍ଷୀରେ କଶ୍ମୀରୀମାନଙ୍କୁ ଯେଭଳି ଭାବେ ହତ୍ୟା କରାଯାଇଛି, ତାହା ମାନବାଧିକାରର ଚରମ ଉଲ୍ଲଙ୍ଘନ ବୋଲି ଭାରତ କହିଛି। ଭାରତୀୟ ବୈଦେଶିକ ବ୍ୟାପାର ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପାକିସ୍ତାନ ଦ୍ୱାରା ନିରୀହ ଲୋକଙ୍କ ଉପରେ ହେଉଥିବା ଏହି ଦମନମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ତାକୁ ବିଶ୍ୱ ଦରବାରରେ ଉତ୍ତରଦାୟୀ କରାଯିବା ଆବଶ୍ୟକତା ରହିଛି। ତେବେ ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ପାକିସ୍ତାନର ଏଭଳି କାର୍ଯ୍ୟକଳାପ ପୁଣି ଥରେ ସେଠାରେ ରହୁଥିବା ସଂଖ୍ୟାଲଘୁ ଏବଂ କଶ୍ମୀରୀମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି।

## ନିଟ୍-ୟୁଜି ବିବାଦ: ଏନ୍‌ଟିଏ, ଶିକ୍ଷା ଅଧିକାରୀଙ୍କୁ ସମନ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ନିଟ୍-ୟୁଜି ପରୀକ୍ଷାକୁ ନେଇ ଚାଲିଥିବା ବିବାଦ ନେଇ ଆସନ୍ତା ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ, ଉଚ୍ଚଶିକ୍ଷା ସଚିବ, ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଏବଂ ନ୍ୟାସନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି)ର ବରିଷ୍ଠ ଅଧିକାରୀଙ୍କୁ ସଂସଦୀୟ କମିଟି ପକ୍ଷରୁ ସମନ ଜାରି କରାଯାଇଛି। ଜୁନ୍ ୨୧ ରେ ଅନୁଷ୍ଠିତ ହେବାକୁ ଥିବା ନିଟ୍-ୟୁଜି ପୁନଃ ପରୀକ୍ଷାର ସ୍ୱଚ୍ଛତା ଏବଂ ପରିଚାଳନା ସମ୍ପର୍କରେ ଏହି ଅଧିକାରୀମାନେ ପ୍ୟାନେଲକୁ ସୂଚନା ପ୍ରଦାନ କରିବେ। ସୂଚନାଯୋଗ୍ୟ, ନିଟ୍ ବିବାଦକୁ ନେଇ ଏହା ହେଉଛି ତୃତୀୟ ସଂସଦୀୟ ପ୍ୟାନେଲ। ଏହା ପୂର୍ବରୁ ସେମାନେ ଶିକ୍ଷା କମିଟି ଏବଂ ସରକାରୀ ଆଶ୍ୱାସନା କମିଟି ନିକଟରେ ହାଜର ହୋଇସାରିଛନ୍ତି। ଅନ୍ୟପଟେ, ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ ଏହି ମାମଲାରେ ଚାଲିଥିବା ତଦନ୍ତର ଅଗ୍ରଗତି ବିଷୟରେ ଅନ୍ୟ ଏକ ସଂସଦୀୟ ପ୍ୟାନେଲକୁ ଅବଗତ କରାଇଛନ୍ତି। କଂଗ୍ରେସ ସାଂସଦ ଦିଗବିଜୟ ସିଂହଙ୍କ ନେତୃତ୍ୱରେ ଗଠିତ ଶିକ୍ଷା ସମ୍ପର୍କିତ କମିଟି ଏନ୍‌ଟିଏକୁ ବିଭିନ୍ନ ପ୍ରଶ୍ନ ପଚାରିଛି। ଏନ୍‌ଟିଏ ଅଧିକାରୀମାନେ କିନ୍ତୁ ଦାବି କରିଛନ୍ତି ଯେ ସେମାନଙ୍କ ବ୍ୟବସ୍ଥାରେ କୌଣସି ତ୍ରୁଟି ନାହିଁ। ତଥାପି କମିଟି ଏହି ମାମଲାରେ ଆଭ୍ୟନ୍ତରୀଣ ତଦନ୍ତ ସମ୍ପର୍କରେ ରିପୋର୍ଟ ମାଗିଛି।

## ଜୟପୁର ବାଣ ଗୋଦାମରେ ବିସ୍ଫୋରଣ; ୭ ଜୀବନ୍ତ ଦଗ୍ଧ

ଜୟପୁର, ୯।୬(ଏଜେନ୍ସି): ରାଜସ୍ଥାନର ଜୟପୁରରେ ଖୋହ ନାଗୋରିଆନ୍ ଅଞ୍ଚଳରେ ଥିବା ଏକ ବେଆଇନ ବାଣ ଗୋଦାମରେ ମଙ୍ଗଳବାର ବିସ୍ଫୋରଣ ଘଟି ୭ ଜଣ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଅଗ୍ନିକାଣ୍ଡରେ ଅନ୍ୟ କେତେକ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ଖୋହ ନାଗୋରିଆନ୍ ଅଞ୍ଚଳସ୍ଥିତ ଆୟେଶା ନଗର ତଲାଇ କଲୋନୀର ଏକ ଘରେ ବେଆଇନ ଭାବେ ବାଣ ଗଚ୍ଛିତ କରି ରଖାଯାଇଥିଲା। ହଠାତ୍ ସେଠାରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟି ନିଆଁ ଚାରିଆଡ଼କୁ ବ୍ୟାପି ଯାଇଥିଲା। ଏସଏମଏସ ମେଡିକାଲ କଲେଜର ଡାକ୍ତର ଦୀପକ ମାହେଶ୍ୱରୀ କହିଛନ୍ତି ଯେ, ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିମାନଙ୍କୁ ଡାକ୍ତରଖାନା ଅଣାଯିବା ପରେ ସେମାନଙ୍କୁ ମୃତ ଘୋଷଣା କରାଯାଇଥିଲା। ଘଟଣାସ୍ଥଳରେ ଦମକଳ ବାହିନୀ, ପୁଲିସ ଟିମ୍ ଏବଂ ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପୂର୍ବରୁ ସ୍ଥାନୀୟ ବାସିନ୍ଦାମାନେ ନିଜସ୍ୱ ଉଦ୍ୟମରେ ନିଆଁକୁ ଆୟତ୍ତ କରିବା ସହ ଘର ଭିତରେ ଫସି ରହିଥିବା ଲୋକଙ୍କୁ ବାହାର କରିବାକୁ ଚେଷ୍ଟା କରିଥିଲେ। ବର୍ତ୍ତମାନ ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଲକ୍ଷାଦ୍ୱୀପରେ ୪୭ ବର୍ଷର ମଦ କଟକଣା ପ୍ରତ୍ୟାହୃତ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ଦୀର୍ଘ ୪୭ ବର୍ଷ ପରେ କେନ୍ଦ୍ରଶାସିତ ଅଞ୍ଚଳ ଲକ୍ଷାଦ୍ୱୀପରେ ମଦ ବିକ୍ରି ଉପରେ ଲାଗିଥିବା କଟକଣାକୁ କେନ୍ଦ୍ର ସରକାର ହଟାଇ ଦେଇଛନ୍ତି। ପର୍ଯ୍ୟଟନ ଶିଳ୍ପକୁ ବିଶ୍ୱସ୍ତରୀୟ କରିବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାର 'ଲକ୍ଷାଦ୍ୱୀପ ନିଷେଧାଦେଶ ନିୟମାବଳୀ, ୧୯୭୯'କୁ ରଦ୍ଦ କରି ଏକ ନୂତନ ନିୟନ୍ତ୍ରିତ ଅବକାରୀ ବ୍ୟବସ୍ଥା ଲାଗୁ କରିଛନ୍ତି। ଏହି ନୂତନ ନିୟମ ମଦର ଉତ୍ପାଦନ, ଆମଦାନୀ, ପରିବହନ ଏବଂ ବିକ୍ରି ପାଇଁ ଏକ ଲାଇସେନ୍ସ ଭିତ୍ତିକ ଢାଞ୍ଚା ପ୍ରଦାନ କରିବ। ସରକାର ମଦ ଉପରେ ବହୁଳ ପରିମାଣର ଅବକାରୀ ଶୁଳ୍କ ଧାର୍ଯ୍ୟ କରିଛନ୍ତି। ବିଦେଶୀ ମଦ ଉପରେ ୪୦୦%, ବିୟର ଉପରେ ୨୦୦% ଏବଂ ୱାଇନ୍ ଉପରେ ୮୦% ଶୁଳ୍କ ଲାଗୁ କରାଯାଇଛି। ଏଥିସହିତ, ୨୧ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କୁ ମଦ ବିକ୍ରି କରିବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ସୂଚନାଯୋଗ୍ୟ, ଲକ୍ଷାଦ୍ୱୀପରେ ପ୍ରାୟ ୯୭% ମୁସଲିମ ଜନସଂଖ୍ୟା ବାସ କରନ୍ତି। ଇସଲାମ ଧର୍ମରେ ମଦ୍ୟପାନକୁ ବାରଣ କରାଯାଇଥିବାରୁ ଏବଂ ସ୍ଥାନୀୟ ସାଂସ୍କୃତିକ ପରମ୍ପରାକୁ ସମ୍ମାନ ଜଣାଇ ୧୯୭୯ରୁ ଏଠାରେ ମଦ ବିକ୍ରି ଉପରେ କଟକଣା ଥିଲା। ତେବେ ପର୍ଯ୍ୟଟନ କ୍ଷେତ୍ରରେ ମାଳଦ୍ୱୀପ ଭଳି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳଗୁଡ଼ିକ ସହ ପ୍ରତିଯୋଗିତା କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ୨୦୨୪ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲକ୍ଷାଦ୍ୱୀପ ଗସ୍ତ ପରେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟାରେ ୪୭% ବୃଦ୍ଧି ଘଟିଛି।

# ଭାରତ ମୁତୟନ କରିଛି ୧୨ଟି ପରମାଣୁ ଯୁଦ୍ଧାସ୍ତ୍ର

### ଚୀନ ସହ ମୁକାବିଲା ପାଇଁ ସଜବାଜ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ବିଶ୍ୱର ସାମରିକ ରଣନୀତି କ୍ଷେତ୍ରରେ ଭାରତ ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ସିପ୍ରି) ଅନୁଯାୟୀ, ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ସାମରିକ ବ୍ୟୟକାରୀ ଦେଶ ଭାବେ ପରିଗଣିତ ହୋଇଛି। ଭାରତର ପ୍ରତିରକ୍ଷା ବ୍ୟୟ ଗତ ବର୍ଷ ତୁଳନାରେ ୮.୯ ପ୍ରତିଶତ ବୃଦ୍ଧି ପାଇ ୯୨.୧ ବିଲିୟନ ଡଲାରରେ ପହଞ୍ଚିଛି। ରିପୋର୍ଟ ଅନୁଯାୟୀ, ୨୦୨୬ର ପ୍ରାରମ୍ଭିକ ସମୟ ସୁଦ୍ଧା ଭାରତର ପରମାଣୁ ଯୁଦ୍ଧାସ୍ତ୍ର ସଂଖ୍ୟା ବୃଦ୍ଧି ପାଇ ପ୍ରାୟ ୧୯୦ ରେ ପହଞ୍ଚିଛି। ଏହା ସହିତ ଭାରତ ପ୍ରଥମ ଥର ପାଇଁ ୧୨ଟି ପରମାଣୁ ୱାରହେଡ୍‌କୁ ସକ୍ରିୟ ଭାବେ ମୁତୟନ କରିଛି। ଭାରତ ନିଜର ପରମାଣୁ କାର୍ଯ୍ୟକ୍ରମକୁ ଆଧୁନିକୀକରଣ କରିବା ସହ ଦୂରଗାମୀ କ୍ଷେପଣାସ୍ତ୍ର ଉପରେ ଗୁରୁତ୍ୱ ଦେଉଛି, ଯାହା ଚୀନ୍‌ର ଯେକୌଣସି ସ୍ଥାନରେ ଲକ୍ଷ୍ୟଭେଦ କରିବାକୁ ସକ୍ଷମ। ଯଦିଓ ପାକିସ୍ତାନ ସହ ଭାରତର ପୁରୁଣା ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି, ତଥାପି ଭାରତର ସାମରିକ ଧ୍ୟାନ ବର୍ତ୍ତମାନ ଚୀନ୍ ଆଡ଼କୁ ଅଧିକ କେନ୍ଦ୍ରୀଭୂତ ହେଉଛି। ସିପ୍ରିର ତଥ୍ୟ ଅନୁଯାୟୀ, ଚୀନ୍ ମଧ୍ୟ ନିଜର ନିୟୋଜିତ ଯୁଦ୍ଧାସ୍ତ୍ର ସଂଖ୍ୟାକୁ ୨୪ ରୁ ୩୪କୁ ବୃଦ୍ଧି କରିଛି। ପୂର୍ବରୁ ଭାରତର ପ୍ରାୟ ସମସ୍ତ ପରମାଣୁ ଅସ୍ତ୍ର 'ଷ୍ଟକପାଇଲ' ବା ଭଣ୍ଡାରରେ ସୁରକ୍ଷିତ ରଖାଯାଉଥିଲା। ସେଗୁଡ଼ିକୁ ଯୁଦ୍ଧ ସମୟରେ ମିସାଇଲ୍ ବା ବିମାନରେ ଖଞ୍ଜାଯିବା ବ୍ୟବସ୍ଥା ରହିଥିଲା। ତେଣୁ ଏଗୁଡ଼ିକ ହଠାତ୍ ବ୍ୟବହାର ହେବା ସମ୍ଭବ ନଥିଲା। କିନ୍ତୁ ପ୍ରଥମ ଥର ପାଇଁ ଭାରତ ଏହାର କିଛି ଅଂଶକୁ ତୁରନ୍ତ ବ୍ୟବହାର ପାଇଁ ରଖିଛି। ମିସାଇଲ୍ ବା ଅନ୍ୟାନ୍ୟ ଯୁଦ୍ଧ ବିମାନରେ ଖଞ୍ଜା ହୋଇ ସାମରିକ ବ୍ୟବହାର ପାଇଁ ସଜାଗ ରଖିଛି। ଭାରତ ନିଜର ଏହି ୧୨ଟି ନିୟୋଜିତ ଯୁଦ୍ଧାସ୍ତ୍ରକୁ ଜଳ, ସ୍ଥଳ ଏବଂ ଆକାଶ ମାର୍ଗରୁ ନିକ୍ଷେପ କରିବାକୁ ସକ୍ଷମ। ଏଥିପାଇଁ ଭାରତୀୟ ନୌସେନାର ଅରିହନ୍ତ ଶ୍ରେଣୀର ପରମାଣୁ ଚାଳିତ ବୁଡ଼ାଜାହାଜ, ବାୟୁସେନାର ମିରାଜ୍ ୨୦୦୦, ଜାଗୁଆର ଏବଂ ରାଫେଲ୍ ଓ ସୁଖୋଇ-୩୦ ଏମ୍‌କେଆଇ ବିମାନ ବ୍ୟବହାର କରାଯାଇପାରିବ। ଏହା ବ୍ୟତୀତ ସ୍ଥଳ ଭାଗରେ ଅଗ୍ନି, ପୃଥ୍ୱୀ, ନିର୍ଭୟ ଏବଂ ବ୍ରହ୍ମୋସ ଭଳି କ୍ଷେପଣାସ୍ତ୍ର ମଧ୍ୟ ପରମାଣୁ କ୍ଷମତା ସମ୍ପନ୍ନ ରହିଛି।

ଜାନୁଆରୀ ୨୦୨୬ ସୁଦ୍ଧା ସାରା ବିଶ୍ୱରେ ପ୍ରାୟ ୧୨, ୧୮୭ଟି ପରମାଣୁ ୱାରହେଡ୍ ଅଛି, ସେଥିରୁ ୪, ୦୧୨ଟି ବିଭିନ୍ନ ମିସାଇଲ୍ ଏବଂ ବିମାନରେ ନିୟୋଜିତ ହୋଇ ରହିଛି। ଯେଉଁଥିରୁ ଆମେରିକା ଓ ରୁଷ ପାଖରେ ସର୍ବାଧିକ ୮୬ ପ୍ରତିଶତ ଅସ୍ତ୍ର ରହିଛି। ପାକିସ୍ତାନ ବର୍ତ୍ତମାନ ସୁଦ୍ଧା କୌଣସି ପରମାଣୁ ଅସ୍ତ୍ର ନିୟୋଜିତ କରିନଥିଲେ ମଧ୍ୟ ଭବିଷ୍ୟତ ପାଇଁ ନିଜର ପରମାଣୁ ଭଣ୍ଡାର ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିବା ରିପୋର୍ଟରେ କୁହାଯାଇଛି।

ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅସ୍ତ୍ରଶସ୍ତ୍ର ଆମଦାନୀକାରୀ ଦେଶ ହୋଇ ରହିଛି। ବିଶ୍ୱର ୯ଟି ପରମାଣୁ ସମ୍ପନ୍ନ ଦେଶ ନିଜର ଶକ୍ତି ବୃଦ୍ଧି କରିବାରେ ଲାଗିଛନ୍ତି। ଭାରତ ଓ ଇସ୍ରାଏଲ୍ ମୁଖ୍ୟତଃ ପ୍ଲୁଟୋନିୟମ୍ ବ୍ୟବହାର କରି ନିଜର ପରମାଣୁ କ୍ଷମତା ବୃଦ୍ଧି କରୁଛନ୍ତି।



### ବିଶ୍ୱର ପରମାଣୁ ଅସ୍ତ୍ରଶସ୍ତ୍ର ଭଣ୍ଡାର

| ଦେଶ | ମୋଟ୍ ଯୁଦ୍ଧାସ୍ତ୍ର | ମୁତୟନ ଯୁଦ୍ଧାସ୍ତ୍ର |
|---|---|---|
| ଆମେରିକା | ୩, ୭୦୦ | ୧, ୭୭୦ |
| ରୁଷ | ୪, ୪୦୦ | ୧, ୭୯୬ |
| ବ୍ରିଟେନ | ୨୨୫ | ୧୨୦ |
| ଫ୍ରାନ୍ସ | ୨୯୦ | ୨୮୦ |
| ଚୀନ | ୬୨୦ | ୩୪ |
| ଭାରତ | ୧୯୦ | ୧୨ |
| ପାକିସ୍ତାନ | ୧୭୦ | ୦ |
| ଇସ୍ରାଏଲ | ୯୦ | ୦ |
| ଉ. କୋରିଆ | ୬୦ | ୦ |

## ଦିଲ୍ଲୀରେ ଧୂଳିଝଡ଼ ସହ ବର୍ଷା

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ପାଣିପାଗରେ ପରିବର୍ତ୍ତନ ଦେଖାଦେଇଛି। ପ୍ରବଳ ଧୂଳିଝଡ଼ ସହ ବର୍ଷା ଯୋଗୁଁ ଦୀର୍ଘ ଦିନ ଧରି ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ଦିଲ୍ଲୀବାସୀଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆଗାମୀ କିଛି ଘଣ୍ଟା ପାଇଁ ସତର୍କ ସୂଚନା ଜାରି କରିଛି। ଆଇଏମ୍‌ଡ଼ି ପକ୍ଷରୁ ରାଜଧାନୀ ପାଇଁ ୟେଲୋ, ଅରେଞ୍ଜ ଏବଂ ରେଡ୍ ଆଲର୍ଟ ଜାରି କରାଯାଇଛି। ଦିଲ୍ଲୀ ଓ ଏନସିଆରର ଅଧିକାଂଶ ସ୍ଥାନରେ ଘଣ୍ଟା ପ୍ରତି ୫୦ ରୁ ୮୦ କିଲୋମିଟର ବେଗରେ ପବନ ବହିବା ସହ ବଜ୍ରପାତ ଓ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ କୁଆପଥର ବର୍ଷା ହେବାର ମଧ୍ୟ ଆଶଙ୍କା ରହିଛି। ଆସନ୍ତା କିଛି ଦିନ ମଧ୍ୟରେ ଦିଲ୍ଲୀର ସର୍ବାଧିକ ତାପମାତ୍ରା ୩୮ ରୁ ୪୨ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୯ ରୁ ୩୦ ଡିଗ୍ରୀ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି। ଦିଲ୍ଲୀ ବ୍ୟତୀତ ହରିୟାଣାର କୈଥଲ, ନରୱାନା, ଜିନ୍ଦ, ପାନିପଥ, ହିସାର ଏବଂ ରୋହତକ ଭଳି ଅଞ୍ଚଳରେ ମଧ୍ୟ ବର୍ଷା ଓ ବଜ୍ରପାତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତରେ ପ୍ରବେଶ କରିସାରିଥିଲେ ମଧ୍ୟ ଦିଲ୍ଲୀରେ ଏହା ପହଞ୍ଚିବାକୁ ଆହୁରି ସମୟ ଲାଗିବ। ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ପ୍ରଭାବ ଯୋଗୁଁ ନିର୍ଦ୍ଧାରିତ ତାରିଖଠୁ ତିନି ଦିନ ବିଳମ୍ବରେ ଚଳିତ ବର୍ଷ ମୌସୁମୀ କେରଳରେ ଜୁନ୍ ୪ ତାରିଖରେ ପହଞ୍ଚିଥିଲା। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଜୁନ୍ ୨୫ ରୁ ୩୦ ମଧ୍ୟରେ ମୌସୁମୀ ଦିଲ୍ଲୀରେ ପ୍ରବେଶ କରିପାରେ। ନୋଏଡା, ଗୁରୁଗ୍ରାମ ଏବଂ ଗାଜିଆବାଦ ଭଳି ସହରଗୁଡ଼ିକରେ ମଧ୍ୟ ଜୁନ୍ ଶେଷ ସପ୍ତାହ ଆଡ଼କୁ ବର୍ଷା ହେବାର ସମ୍ଭାବନା ରହିଛି।



## ବିମାନବନ୍ଦର ପ୍ରକଳ୍ପ ପାଇଁ ସେନାର ରନୱେ ସଂପ୍ରସାରଣ ବାତିଲ


### ଗ୍ରେଟ୍ ନିକୋବରରେ ୧୩, ୦୦୦ କୋଟିର ପ୍ରକଳ୍ପକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): କେନ୍ଦ୍ର ସରକାର ଗ୍ରେଟ୍ ନିକୋବର ଦ୍ୱୀପରେ ଏକ ନୂତନ ଗ୍ରୀନଫିଲ୍ଡ ବେସାମରିକ-ସାମରିକ ବିମାନବନ୍ଦର ନିର୍ମାଣ ପାଇଁ ୧୩, ୦୦୦ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ନିଷ୍ପତ୍ତି ପରେ କିନ୍ତୁ କ୍ୟାମ୍ପବେଲ୍ ବେ'ରେ ଥିବା ଭାରତୀୟ ନୌସେନାର ଏୟାରବେସ୍ 'ଆଇଏନଏସ ବାଜ୍'ର ରନୱେ ସମ୍ପ୍ରସାରଣ ପାଇଁ ଥିବା ଦୀର୍ଘ ଦିନର ଯୋଜନାକୁ ସରକାର ସ୍ଥଗିତ ରଖିଛନ୍ତି। ସରକାରୀ ଏବଂ ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ଗ୍ରେଟ୍ ନିକୋବରର ଦକ୍ଷିଣ-ପୂର୍ବ ଉପକୂଳରେ ଥିବା ଗାଲାଥିଆ ବେ ନିକଟସ୍ଥ ଚିଙ୍ଗେନ୍ ଠାରେ ଏହି ବିମାନବନ୍ଦର ନିର୍ମାଣ କରାଯିବ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ଆଇଏନଏସ ବାଜ୍‌ର ବର୍ତ୍ତମାନର ୪, ୫୦୦ ଫୁଟ୍ ରନୱେକୁ ୧୦, ୦୦୦ ଫୁଟ୍‌କୁ ବଢ଼ାଇବା ଆବଶ୍ୟକ ରହିଛି। ହେଲେ ଏଥିପାଇଁ ଭୌଗୋଳିକ ସୀମାବଦ୍ଧତା ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରତିବନ୍ଧକ ରହିଛି। ଏହି ନୂତନ ବିମାନବନ୍ଦର ମାଲାକ୍କା ପ୍ରଣାଳୀର ପଶ୍ଚିମ ପ୍ରବେଶ ପଥ ନିକଟରେ ଅବସ୍ଥିତ। ଏହି ପ୍ରଣାଳୀ ବିଶ୍ୱର ଅନ୍ୟତମ ବ୍ୟସ୍ତବହୁଳ ସାମୁଦ୍ରିକ ମାର୍ଗ। ତେବେ ଏହି ମେଗା ପ୍ରକଳ୍ପକୁ ନେଇ ରାଜନୈତିକ ବାଦବିବାଦ ତେଜିଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରକଳ୍ପକୁ ଦେଶର ପ୍ରାକୃତିକ ଏବଂ ଜନଜାତି ଐତିହ୍ୟ ବିରୋଧରେ ଏକ ବଡ଼ ଅପରାଧ ଏବଂ ସ୍କାମ୍ ବୋଲି ବର୍ଣ୍ଣନା କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ୧.୫ କୋଟିରୁ ଅଧିକ ଗଛ କଟାଯିବା ସହ ଶୋମ୍‌ପେନ୍ ଜନଜାତିଙ୍କ ବାସସ୍ଥଳୀ ନଷ୍ଟ ହେବାର ଆଶଙ୍କା ଥିବା ସେ ଅଭିଯୋଗ କରିଛନ୍ତି। ରାହୁଲ ଗାନ୍ଧୀ ପ୍ରଶ୍ନ କରିଛନ୍ତି ଯେ ଯଦି କେବଳ ପ୍ରତିରକ୍ଷା ଆବଶ୍ୟକତା ମୁଖ୍ୟ ଲକ୍ଷ୍ୟ ଥିଲା, ତେବେ ଆଇଏନଏସ ବାଜ୍‌କୁ କାହିଁକି ସମ୍ପ୍ରସାରଣ କରାଗଲା ନାହିଁ। ସେପଟେ ସରକାର କିନ୍ତୁ ଏହି ପ୍ରକଳ୍ପକୁ ଭାରତର ଅର୍ଥନୈତିକ ଏବଂ ରଣନୈତିକ ସ୍ୱାର୍ଥ ପାଇଁ ଅପରିହାର୍ଯ୍ୟ ବୋଲି ଦର୍ଶାଇଛନ୍ତି।

# ଟିଏମ୍‌ସି ବିଭାଜନ ପରେ ଏବେ ଡିଏମ୍‌କେ ଉପରେ ନଜର

### ପ୍ରତିଶୋଧ ପାଇଁ ବିଜେପିର ଯୋଜନା
### ଲୋକସଭାରେ ଟାର୍ଗେଟ୍ ୩୬୨

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ପୂର୍ବରୁ ସମ୍ବିଧାନ ସଂଶୋଧନ ଜରିଆରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଧାରଣ ଏବଂ ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାସ୍ କରାଇବାକୁ ଯୋଜନା କରିଥିଲେ କେନ୍ଦ୍ରରେ ଏନ୍‌ଡିଏ ସରକାର। ଏସଂକ୍ରାନ୍ତ ବିଲ୍ ସଂସଦରେ ଆଗତ ବି ହୋଇଥିଲା। କିନ୍ତୁ ଗତ ଏପ୍ରିଲ ୧୭ ତାରିଖରେ ଆବଶ୍ୟକ ସଂଖ୍ୟା ଅଭାବରୁ ଏହା କାଟ୍ ଖାଇ ଯାଇଥିଲା। ୫୪୩ ସଭ୍ୟ ବିଶିଷ୍ଟ ଲୋକସଭାରେ ଏହି ସମ୍ବିଧାନ ସଂଶୋଧନ ବିଲ୍ ଅନୁମୋଦନ ପାଇଁ ଦୁଇ ତୃତୀୟାଂଶ (୩୬୨) ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ସରକାରଙ୍କ ପାଖରେ ଥିଲେ ମାତ୍ର ୨୯୮ ସାଂସଦ। ବିରୋଧୀ ମେଣ୍ଟର ୨୩୦ ସାଂସଦ ଏହାର ବିରୋଧ କରିଥିଲେ। ମୋଦୀଙ୍କ ୧୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ପ୍ରଥମ ଥର ଲାଗି ସଂସଦ ଭିତରେ ସରକାର ଏଭଳି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ଏହାର ପ୍ରତିଶୋଧ ପାଇଁ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଦୁଇଟି ବିଲ୍ ଅନୁମୋଦନ କରାଇବା ଯୋଜନାରେ ଏନ୍‌ଡିଏ ସରକାର ଥିବା ବେଳେ ବିଧାନସଭା ନିର୍ବାଚନ ପରେ ମମତାଙ୍କ ତୃଣମୂଳ କଂଗ୍ରେସରେ ବିଭାଜନ ସରକାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। ମମତାଙ୍କ ୨୦ ଜଣ ସାଂସଦ ବିଦ୍ରୋହ କରି ଏନ୍‌ଡିଏକୁ ସମର୍ଥନ ଦେବାକୁ ଘୋଷଣା କରିବା ପରେ ଲୋକସଭାରେ ଶାସକ ମେଣ୍ଟର ଶକ୍ତି ବୃଦ୍ଧି ପାଇଛି। ଦୁଇ ତୃତୀୟାଂଶ ସଂଖ୍ୟା ୩୬୨ର ନିକଟତର ହୋଇଛି। ଏହି ଟାର୍ଗେଟ ହାସଲ କରିବା ଲାଗି ଏନ୍‌ଡିଏ ଏବେ ଷ୍ଟାଲିନଙ୍କ ଡିଏମକେ ଏବଂ କେଜ୍ରିୱାଲଙ୍କ ଆପ୍ ଉପରେ ଆଖି ପକାଇଛି। ଏହି ଦୁଇ ଦଳ ବିରୋଧୀ ଶିବିରରେ ଥିଲେ ମଧ୍ୟ ଇଣ୍ଡିଆ ମେଣ୍ଟ ଠାରୁ ଦୂରେଇ ଯାଇଛନ୍ତି। ତେଣୁ ସେମାନଙ୍କୁ ସରକାର ଆଡ଼କୁ ଟାଣିବା ଲାଗି ଜୋରଦାର ପ୍ରୟାସ ଆରମ୍ଭ ହୋଇଯାଇଛି।



୫୪୩ ସଭ୍ୟ ବିଶିଷ୍ଟ ଲୋକସଭାରେ ଏନ୍‌ଡିଏର ୨୯୨ ସାଂସଦ ଥିବା ବେଳେ ମମତାଙ୍କ ଟିଏମ୍‌ସିର ୨୦ ବିଦ୍ରୋହୀ ସାଂସଦ ସମର୍ଥନ ଦେବାକୁ ଘୋଷଣା କରିଥିବାରୁ ସମର୍ଥନ ସଂଖ୍ୟା ୩୧୨କୁ ବୃଦ୍ଧି ପାଇଛି। ଇଣ୍ଡିଆ ମେଣ୍ଟର ସଂଖ୍ୟା ୧୯୦କୁ ହ୍ରାସ ପାଇଥିଲା ବେଳେ ନିରପେକ୍ଷ ଗୋଷ୍ଠୀରେ ୩୮ ସଭ୍ୟ ଅଛନ୍ତି। ଏଥିରେ ଡିଏମ୍‌କେର ୨୨ ଜଣ ସାଂସଦ ଥିବା ବେଳେ ୱାଇଏସ୍‌ଆରପିର ୪ ଏବଂ ଆପ୍‌ର ତିନି ଜଣ ସାଂସଦ ଅଛନ୍ତି। ବିରୋଧୀ ଦଳରେ ଫାଟ ସୃଷ୍ଟି କରି ସରକାର ଏଭଳି ଢଙ୍ଗରେ ସଂଖ୍ୟା ହାସଲ କରିବାକୁ ଷଡ଼ଯନ୍ତ୍ର ଚଳାଇଛନ୍ତି ବୋଲି ବିରୋଧୀ ଦଳର ନେତା ଅଭିଯୋଗ କରିଛନ୍ତି।

୨୦୨୯ ନିର୍ବାଚନ ପୂର୍ବରୁ ବହୁତ କିଛି ଘଟିବ ବୋଲି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ନିର୍ବାଚନମଣ୍ଡଳୀ ପୁନଃନିର୍ଦ୍ଧାରଣ ବିଲ୍ ଏବଂ ମହିଳା ବିଲକୁ ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ୨୦୨୯ ନିର୍ବାଚନ ପୂର୍ବରୁ ସରକାରଙ୍କୁ ଏହି ସଫଳତା ମିଳିଯିବ।

# ୨୦୪୭ ସୁଦ୍ଧା ବିକଶିତ ଭାରତ: ମେଘୱାଲ

## ୨୦୩୬ ମସିହା ସୁଦ୍ଧା ଓଡ଼ିଶା ହେବ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୮।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୧୨ ବର୍ଷରେ ଦେଶ ପ୍ରତିଟି କ୍ଷେତ୍ରରେ ବିକାଶ, ପ୍ରଗତି ବହୁଗୁଣିତ ହେଇଛି। ୨୦୪୭ ବେଳକୁ ଭାରତ ବିକଶିତ ରାଷ୍ଟ୍ର ଓ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହୋଇ ସାରିଥିବ ବୋଲି କହିଛନ୍ତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨ ବର୍ଷ ତଥା ତୃତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଲୋକସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମେଘୱାଲ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉପଲବ୍ଧି ସମ୍ପର୍କରେ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରିଛନ୍ତି।

ଶ୍ରୀ ମେଘୱାଲ କହିଛନ୍ତି ଯେ ୨୦୧୪ ପୂର୍ବରୁ ଇନ୍ଦିରା ଆବାସ ଯୋଜନାରେ ହିତାଧିକାରୀଙ୍କୁ ୪୩୦୦୦ ହଜାର ୩ଟି କିସ୍ତିରେ ମିଳୁଥିଲା। ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଦାୟିତ୍ୱ ନେବା ପରେ ଏହି ଯୋଜନାର ଗତି ଏବଂ ଅନୁଦାନ ବୃଦ୍ଧିକୁ ଗୁରୁତ୍ୱ ଦେଇଥିଲେ। ବର୍ତ୍ତମାନ ଦେଶରେ ଗରିବ ଲୋକଙ୍କର ୪ କୋଟି ବାସଗୃହ ନିର୍ମିତ ହୋଇସାରିଛି। ପୂର୍ବରୁ ନିର୍ମଳ ଗ୍ରାମ ଯୋଜନା ଥିଲା; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛ ଭାରତ ଯୋଜନା ଆରମ୍ଭ କଲେ । ୧୦ କୋଟି ଶୌଚାଳୟ ନିର୍ମାଣ ଲକ୍ଷ୍ୟ ୧୨ ବର୍ଷରେ ଏହି ଲକ୍ଷ୍ୟକୁ ପୂରଣ କଲେ। ୨୦୧୪ ପୂର୍ବରୁ ୧୮ ହଜାର ଗାଁକୁ ବିଜୁଳି ନଥିଲା; ମାତ୍ର ୧୦୦୦ ଦିନରେ ଏହି ଗାଁକୁ ବିଜୁଳି ସଂଯୋଗ ହେଲା। ଡିବିଟି ଯୋଜନା ମାଧ୍ୟମରେ ୪.୩୧ ଲକ୍ଷ କୋଟି ଟଙ୍କା ବାଟମାରଣା ରୋକାଯାଇ ପାରିଲା। ପିଏମ୍ କିଶାନ ଯୋଜନାରେ ୧୧ କୋଟି କୃଷକ ଲାଭାନ୍ୱିତ ହେଉଛନ୍ତି। ୩୨ରୁ ଅଧିକ ଦେଶ ନରେନ୍ଦ୍ର ମୋଦୀଙ୍କୁ ନିଜ ଦେଶର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ୨୧ ଜୁନକୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି ବୋଲି ଶ୍ରୀ ମେଘୱାଲ କହିଛନ୍ତି ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ଆସନ୍ତାକାଲି ନରେନ୍ଦ୍ର ମୋଦୀ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଶାସନମୁଖ୍ୟ ଭାବେ ସର୍ବାଧିକ ସମୟ (୪୩୯୯ ଦିନ) ସେବା କରିବାର ଏକ ଅଭୁତପୂର୍ବ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିବେ। ଏହି ଅବସରରେ ମୁଁ ଓଡ଼ିଶାର ସାଢ଼େ ୪ କୋଟି ଜନସାଧାରଣଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଓ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଓଡ଼ିଶାରେ ବିଜେପି ସରକାର ଗଠନ ପରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ଦ୍ରୁତ ଗତିରେ କାର୍ଯ୍ୟ ଚାଲିଛି। ରେଳବାଇ କ୍ଷେତ୍ରରେ ଓଡ଼ିଶା ପାଇଁ ଚଳିତ ଆର୍ଥିକ ବର୍ଷରେ ରେଳ ବଜେଟ୍ ରେକର୍ଡ ସଂଖ୍ୟକ ୧୦,୯୨୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସାଗରମାଳା ଓ ପିଏମ୍ ଗତିଶକ୍ତି ଯୋଜନାରେ ଗଞ୍ଜାମର ବାହୁଦାଠାରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଏକ ସାଟେଲାଇଟ୍ ବନ୍ଦର ପ୍ରତିଷ୍ଠା ହେଉଛି। କେନ୍ଦ୍ରାପଡ଼ାର ମହାନଦୀ ମୁହାଣରେ ୨୨,୭୦୦ କୋଟି ଟଙ୍କା ବ୍ୟୟରେ ଏକ ମେଗା ଜାହାଜ ନିର୍ମାଣ କ୍ଲଷ୍ଟର, ଜଟାଧାର ମୁହାଣରେ କ୍ୟାପ୍ଟିଭ୍ ଜେଟି ଏବଂ ପୁରୀରେ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ହେଉଛି। ୧୨,୨୦୦ କୋଟି ବ୍ୟୟରେ ନ୍ୟାସନାଲ୍ ୱାଟରୱେ-୫ ର ବିକାଶ କରାଯାଉଛି। ଓଡ଼ିଶାରେ ୪୩ ହଜାର କୋଟି ଟଙ୍କା ବ୍ୟୟରେ ୫୪୦୦ କିମି ରାଜପଥ ନିର୍ମାଣ ସରିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷ ୪୬ ହଜାର 'ଲକ୍ଷପତି ଦିଦି' ସୃଷ୍ଟି ହୋଇଛନ୍ତି। ପିଏମ୍ ଆବାସ ଯୋଜନା (ସହରୀ)-୨.୦ ଅଧୀନରେ ୧ ଲକ୍ଷ ୪୩ ହଜାରରୁ ଅଧିକ ଘର ସମ୍ପୂର୍ଣ୍ଣ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର ପାଇଁ ଆମ ସରକାର ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୧୧ଟଙ୍କା ବୃଦ୍ଧି

ଭୁବନେଶ୍ୱର, ୯।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୃହରକ୍ଷୀମାନଙ୍କ ଦୈନିକ ଭତ୍ତା ୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ଭତ୍ତା ୨୦୨୬ ଜାନୁଆରୀ ୧ ତାରିଖରୁ ଲାଗୁ ହେବ। ସୂଚନାଯୋଗ୍ୟ, ୨୦୨୫ ଜୁଲାଇ ପହିଲାରେ ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୨୩ରୁ ୬୩୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ନିୟମିତ କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ଅତିରିକ୍ତ ମହଙ୍ଗା ଭତ୍ତା ୨୦୨୬ ଜାନୁଆରୀ ପହିଲାରୁ ବୃଦ୍ଧି କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୃହରକ୍ଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

# ମେଡିକାଲ କଲେଜ ଓ ଡାକ୍ତରଖାନା ପାଇଁ ୭୫୫ଟି ନୂତନ ପଦ ମଞ୍ଜୁର

ଭୁବନେଶ୍ୱର,୯।୬(ସମିସ): ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ଚିକିତ୍ସା ଶିକ୍ଷାନୁଷ୍ଠାନଗୁଡ଼ିକରେ ଡ଼ାକ୍ତରୀ ଶିକ୍ଷା ସ ରୋଗୀସେବାକୁ ସୁଦୃଢ଼ କରିବା ପାଇଁ ମୋଟ ୭୫୫ଟି ନୂତନ ପଦବୀ ମଞ୍ଜୁର କରିଛନ୍ତି ସରକାର। ମଞ୍ଜୁର ହୋଇଥିବା ପଦଗୁଡ଼ିକ ମଧ୍ୟରେ ୭ଟି ପ୍ରଫେସର, ୩୫ଟି ଆସୋସିଏଟ ପ୍ରଫେସର, ୫୦ଟି ଆସିଷ୍ଟାଣ୍ଟ ପ୍ରଫେସର, ୨୯ଟି ଟ୍ୟୁଟର, ୨୪୮ଟି ସିନିୟର ରେସିଡେଣ୍ଟ, ୧୯୦ଟି ଜୁନିୟର ରେସିଡେଣ୍ଟ (ଏମ୍‌ବିବିଏସ୍), ୧୧୨ଟି କାଜୁଆଲଟି ମେଡିକାଲ ଅଫିସର (ସିଏମ୍‌ଓ) ଏବଂ ୮୪ଟି ବ୍ଲଡ୍ ବ୍ୟାଙ୍କ ଅଫିସର (ବିବିଓ) ପଦବୀ ରହିଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସୁଛନ୍ତି। ଏହି ୭୫୫ଟି ପଦ ମଞ୍ଜୁର ହେବା ଫଳରେ ମେଡିକାଲ କଲେଜଗୁଡ଼ିକରେ ଆବଶ୍ୟକ ମାନବସମ୍ବଳ ବୃଦ୍ଧି ପାଇବ ଏବଂ ରୋଗୀମାନେ ଅଧିକ ଉନ୍ନତ ଚିକିତ୍ସାସେବାର ସୁବିଧା ପାଇପାରିବେ। ବିଗତ ଦିନରେ ତିନିଟି ନୂତନ ମେଡିକାଲ କଲେଜରେ ଦୁଇ ଶହ ପଚାଶ ଏମବିବିଏସ୍ ସିଟ୍‌ରେ ପାଠ ପଢା ବଢିଥିବା ବେଳେ ସମ୍ପ୍ରତି ପିଜି ସିଟ୍ ବଢି ୬୮ରେ ପହଁଚିଛି। ଫଳରେ ପ୍ରଫେସର ଏବଂ ଅନ୍ୟାନ୍ୟ ପଦବୀ ମଞ୍ଜୁର ଆବଶ୍ୟକ ଥିଲା। ଏହି ପଦବୀ ମଞ୍ଜୁର ଫଳରେ ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବା ସହିତ ଆଗାମୀ ଦିନରେ ଗୁଣାତ୍ମକ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

### ସ୍କୁଟି ଚୋରିକୁ ନେଇ କଙ୍ଗାରୁକୋର୍ଟ

# ଅଧା ଲଣ୍ଡା କରି ଗାଁ ବୁଲାଇଲେ

ରାଇରଙ୍ଗପୁର/ଗୋରୁମହିଷାଣୀ, ୯।୬ (ସମିସ): ସ୍କୁଟି ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମାରିବା ସହ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ବୁଲାଇଲେ। ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣୀ ଥାନା ଅଧୀନ ଗୁହାଳଡାଙ୍ଗରି ଅଞ୍ଚଳରେ କଙ୍ଗାରୁ କୋର୍ଟରେ ଜଣେ ଯୁବକଙ୍କୁ ଏଭଳି ଅମାନୁଷିକ ନିର୍ଯାତନା ଦିଆଯାଇଛି। ଖବର ପାଇ ଗୋରୁମହିଷାଣୀ ପୁଲିସ ଘଟଣାସ୍ଥଳରୁ ଯୁବକଙ୍କୁ ଉଦ୍ଧାର କରିବା ସହ ଦୁଇଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଗୁହାଳଡାଙ୍ଗରି ଅଞ୍ଚଳର ରୁଆଁସି ନିବାସୀ ରାଜେଶ ମୁଣ୍ଡାଙ୍କ ସ୍କୁଟିଟି ଚୋରି ହୋଇଯାଇଥିଲା। ସଂଧ୍ୟାରେ ସେ ସ୍କୁଟିକୁ ରାସ୍ତାକଡ଼ରେ ରଖିଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ସ୍କୁଟି ଚୋରି କରିନେଇଥିଲା। ବହୁ ଖୋଜାଖୋଜି କରିବା ପରେ ଅଭିମନ୍ୟୁ ନାଏକ ନାମକ ଜଣେ ଯୁବକ ତାଙ୍କ ସ୍କୁଟି ଚୋରି କରିଥିବା ସେ ସନ୍ଦେହ କରିଥିଲେ। ଏପରିକି, ପରବର୍ତ୍ତୀ ସମୟରେ ତା' ପାଖରୁ ନିଜ ସ୍କୁଟିଟିକୁ ମଧ୍ୟ ଜବତ କରିଥିଲେ। ତେବେ ଏ ସଂପର୍କରେ ଥାନାକୁ ଜଣାଇବା ଗାଁରେ କଙ୍ଗାରୁକୋର୍ଟ ବସାଇ ଫଇସଲା କରିଥିଲେ। ଗାଁର କିଛି ଯୁବକ ଅଭିମନ୍ୟୁଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ତାଙ୍କୁ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ଚଲାଇଥିଲେ। ସ୍ଥାନୀୟ ଜଣେ ଗୃହରକ୍ଷୀ ଏହା ଦେଖି ଗୋରୁମହିଷାଣୀ ଥାନାକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିମନ୍ୟୁଙ୍କୁ ଉଦ୍ଧାର କରିଥିଲେ। ଏନେଇ ଗୋରୁମହିଷାଣୀ ଥାନାରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ କରାଯାଇଛି।

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଦୋନ୍ନତି ବିବାଦ

# ପଦୋନ୍ନତି ରଦ୍ଦ; ବର୍ଦ୍ଧିତ ଦରମା ରାଶି ଫେରସ୍ତ ନିର୍ଦ୍ଦେଶ

ଭୁବନେଶ୍ୱର ୯।୬ (ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପିଆରଓଙ୍କୁ ଆସିଷ୍ଟାଣ୍ଟ ରେଜିଷ୍ଟ୍ରର୍ ପଦରେ ନିଯୁକ୍ତି ଦିଆଗଲା। ପଦ ଅନୁସାରେ ମିଳିଲା ଦରମା । ମାତ୍ର ତଦନ୍ତ ପରେ ଜଣାପଡ଼ିଲା ଯେ ଏଥିରେ ଜାଲିଆତି ହୋଇଛି। ସମ୍ପ୍ରତି ପଦୋନ୍ନତି ପାଇଥିବା ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରଙ୍କୁ ପଦାବନତି କରାଯିବା ସହ ସେ ନେଇଥିବା ଅଧିକ ଦରମା ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ତାଙ୍କର ବେତନ ସ୍ତର ୧୧ରୁ ହ୍ରାସ କରାଯାଇ ବେତନସ୍ତର ୧୦ କରି ଦିଆଯାଇଛି ।



ସୂଚନା ଅନୁସାରେ ଡ. ଫାଗୁନାଥ ଭୋଇ ୨୦୧୧ ଡିସେମ୍ବର ୧ରେ ପେ-ଲେଭଲ୍ ୧୦ରେ ଜନସମ୍ପର୍କ ଅଧିକାରୀ ବା ପିଆର୍ ଅଫିସର ଭାବେ ନିଯୁକ୍ତ ହୋଇଥିଲେ। କୌଣସି ପଦୋନ୍ନତି ସୁବିଧା ନଥିବା ଏହା ଏକ ସ୍ୱତନ୍ତ୍ର ପଦବୀ ଥିଲା। ମାତ୍ର ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ପରିଷଦ ୨୦୧୯ ମସିହାରେ ପୂର୍ବତନ କୁଳପତିଙ୍କ ସମୟରେ ତାଙ୍କୁ ଆସିଷ୍ଟାଣ୍ଟ ରେଜିଷ୍ଟ୍ରର୍ ପଦକୁ ଉନ୍ନୀତ କରାଯାଇ ଫେବୃୟାରୀ ୭ ୨୦୨୦ ରୁ ପେ-ଲେଭଲ୍-୧୧ ପ୍ରଦାନ କରିଥିଲେ। ଏହି ସୁବିଧା କେବଳ ସେହି ସମୟ ପାଇଁ ଉଦ୍ଦିଷ୍ଟ ଥିଲା ଓ ଡ. ଭୋଇ ୟୁଜିସି ଓ ଶିକ୍ଷା ମନ୍ତ୍ରଣାଳୟର ସମସ୍ତ ନିର୍ଦ୍ଦେଶକୁ ମାନିବାକୁ ବାଧ୍ୟ ଏକ ଅଣ୍ଡରଟେକିଂ ଦେଇଥିଲେ।

**ପିଆରଓଙ୍କୁ ମିଳିଥିଲା ସହକାରୀ ରେଜିଷ୍ଟ୍ରାର ପଦରେ ନିଯୁକ୍ତି**

ମାତ୍ର ପରବର୍ତ୍ତୀ ସମୟରେ ଏହି ଦରମା ବୃଦ୍ଧିର ଆଇନଗତ ବୈଧତା ଏବଂ ୟୁଜିସି ନିୟମାବଳୀକୁ ନେଇ ପ୍ରଶ୍ନ ଉଠିଥିଲା। ଏହାର ସମୀକ୍ଷା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ଏପ୍ରିଲ ୨୪ରେ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ନିଯୁକ୍ତି ନିୟମାବଳୀ କିମ୍ବା ୟୁଜିସିର ଗାଇଡଲାଇନରେ ପିଆରଓ ପଦବୀକୁ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର୍ ପଦବୀ ସହ ସମାନତା ଦେଇ ପଦୋନ୍ନତି ଦେବାର କୌଣସି ନିୟମ ନଥିବା କମିଟି ରିପୋର୍ଟ ପ୍ରଦାନ କରିଥିଲା। ପିଆରଓ ପଦବୀର ମୂଳ ଗଠନମୂଳକ ଦରମା କେବଳ ପେ-ଲେଭଲ୍-୧୦; ତେଣୁ ପୂର୍ବରୁ ପ୍ରଦାନ କରାଯାଇଥିବା ପେ-ଲେଭଲ୍-୧୧ ନିୟମ ବିରୋଧୀ ଓ ଭୁଲ୍। ୟୁଜିସି ମଧ୍ୟ ଚିଠିରେ ସ୍ପଷ୍ଟ କରିସାରିଛି ଯେ ପିଏର ଅଫିସର ପଦବୀ ପାଇଁ ନିର୍ଦ୍ଧାରିତ ପେ-ସ୍କେଲ୍ ହେଉଛି ପେ-ଲେଭଲ୍-୧୦। ଏହି ମାମଲାରେ ଡ. ଭୋଇଙ୍କୁ ଗତ ମଇ ୪ରେ ଏକ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଥିଲା। ମାତ୍ର ତାଙ୍କର ଜବାବ ସନ୍ତୋଷଜନକ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ପରିଷଦର ନିଷ୍ପତ୍ତି କ୍ରମେ ୨୦୨୦ ମସିହା ଫେବୃୟାରୀ ୭ ରୁ ପ୍ରଦାନ କରାଯାଇଥିବା ପେ-ଲେଭଲ୍-୧୧ ସୁବିଧାକୁ ତୁରନ୍ତ ପ୍ରତ୍ୟାହାର କରାଯାଇ ତାଙ୍କୁ ପେ-ଲେଭଲ୍-୧୦କୁ ଫେରାଇ ଅଣାଯାଇଛି। ୨୦୨୦ ମସିହାରୁ ଏପର୍ଯ୍ୟନ୍ତ ଭୁଲ୍ ଦରମା ନିର୍ଦ୍ଧାରଣ ଯୋଗୁଁ ତାଙ୍କୁ ଦିଆଯାଇଥିବା ସମସ୍ତ ଅତିରିକ୍ତ ଅର୍ଥ ରାଶି ଫେରସ୍ତ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ନେଇଥିବା ବେତନକୁ ସହଜ ମାସିକ କିସ୍ତି ମାଧ୍ୟମରେ ତାଙ୍କ ଦରମାରୁ କଟାଯିବ ବୋଲି କୁହାଯାଇଛି ।

# ଭିଜିଲାନ୍ସ ଜାଲରେ ଫାର୍ମାସି କାଉନସିଲ ବରିଷ୍ଠ ସହାୟକ ଓ ସହଯୋଗୀ

ଭୁବନେଶ୍ୱର, ୯।୬ (ସମିସ): ଫାର୍ମାସି ପଞ୍ଜୀକରଣ ପ୍ରମାଣପତ୍ର ପାଇଁ ୯ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଓଡ଼ିଶା ଫାର୍ମାସି କାଉନସିଲ୍‌ର ବରିଷ୍ଠ ସହାୟକ ବିଶ୍ୱମୋହନ ପଟ୍ଟନାୟକ ଓରଫ୍ ରାଜା ଏବଂ ତାଙ୍କ ସହଯୋଗୀ ଇଜାଜ ଖାନ୍ ଓରଫ୍ ପୃଷ୍ଟି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସ ଦୁହିଁଙ୍କୁ ଗିରଫ କରିଛି। ଭିଜିଲାନ୍ସ ସୂଚନାନୁଯାୟୀ, ଫାର୍ମାସି ପଞ୍ଜୀକରଣ ପ୍ରମାଣପତ୍ର ପାଇଁ ଜଣେ ଆବେଦନକାରୀ ପ୍ରାୟ ସପ୍ତାହେ ହେବ ବରିଷ୍ଠ ସହାୟକ ରାଜାଙ୍କୁ ଅନୁରୋଧ କରିଆସୁଥିଲେ। କିନ୍ତୁ, ଏହି କାମ ପାଇଁ ରାଜା ୯ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଲାଞ୍ଚ ନଦେଲେ କାମ ହେବ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ।

ଆବେଦନକାରୀଜଣଙ୍କ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଯୋଜନା ଅନୁଯାୟୀ, ଆବେଦନକାରୀଜଣଙ୍କ ଆଜି ଭୁବନେଶ୍ୱରସ୍ଥିତ ଫାର୍ମାସି କାଉନସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ରାଜାଙ୍କୁ ଭେଟି ଲାଞ୍ଚ ଟଙ୍କା ଯାଚିଥିଲେ। କିନ୍ତୁ, ରାଜା ଟଙ୍କା ନନେଇ ସହଯୋଗୀ ଇଜାଜ ଖାନ୍‌ଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଇଜାଜ୍ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଦୁହିଁଙ୍କୁ ମାଡ଼ି ବସିଥିଲେ। ସାକ୍ଷୀଙ୍କ ଉପସ୍ଥିତିରେ ଦୁଇ ଅଭିଯୁକ୍ତଙ୍କଠାରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ପରେ, ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଅଧିକାରୀମାନେ ରାଜାଙ୍କ ଆଦିମାତା କଲୋନୀସ୍ଥିତ ବାସଭବନ ଏବଂ ଅଫିସ୍ ଚାମ୍ବରରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଭିଜିଲାନ୍ସକୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ସମ୍ପତ୍ତି ସମ୍ପର୍କିତ ତଥ୍ୟ ମିଳିଥିବା ଜଣାପଡ଼ିଛି।

### ୪୮ ଘଣ୍ଟା ହେଲା ଅନ୍ଧାରରେ ୩୦ରୁ ଉର୍ଦ୍ଧ୍ୱ ଗ୍ରାମ

# ବିଦ୍ୟୁତ୍ ନ ଥିବାରୁ ୯୦୦୦ କୁକୁଡ଼ା ମୃତ

ମନମୁଣ୍ଡା, ୯।୬(ସମିସ): ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ଯୋଗୁଁ ମରିଗଲେ ୯୦୦୦ରୁ ଉର୍ଦ୍ଧ୍ୱ କୁକୁଡ଼ା। ବୌଦ୍ଧ ଜିଲ୍ଲା ମନମୁଣ୍ଡା ବିଦ୍ୟୁତ୍ ଉପଖଣ୍ଡ ଅଧୀନ ଡେଙ୍ଗପଦର ଗ୍ରାମର ପଞ୍ଚାନନ ସାହୁଙ୍କ କୁକୁଡ଼ା ଫାର୍ମରେ ଏହି ଅଘଟଣ ଘଟିଛି।

ସୂଚନାନୁଯାୟୀ, ଏହି ବିଦ୍ୟୁତ୍ ଉପଖଣ୍ଡ ଅଧୀନ ଝିଙ୍କରପାଲି, ଘୁଲୁଘୁଲାପଦର, ଜୁନାନି, ଦପଲା, ଗୁଆବାହାଲ, ଆମ୍ବପାଲି, ଖମ୍ବସିରିପାଲି, ନୂଆଁପଡ଼ା, ରୁଗୁଡ଼ିପାଲି, ଡେଙ୍ଗପଦର, କୁଣ୍ଡାମାଲ, ମଲ୍ଲିକପଦର ସମେତ ପ୍ରାୟ ୩୦ରୁ ଅଧିକ ଗ୍ରାମରେ ବିଦ୍ୟୁତ୍ ନାହିଁ। ପ୍ରାୟ ୪୮ ଘଣ୍ଟାରୁ ଅଧିକ ସମୟ ହେବ ଏହି ଗ୍ରାମଗୁଡ଼ିକ ଅନ୍ଧାରରେ ରହିଛି। ଦୀର୍ଘ ସମୟ ବିଦ୍ୟୁତ୍ କାଟ୍ ଯୋଗୁଁ ପଞ୍ଚାନନଙ୍କ କୁକୁଡ଼ା ଫାର୍ମରେ ଥିବା ଜେନେରେଟର୍ ମଧ୍ୟ କାମ ଦେଇ ନଥିଲା। ଫଳରେ ଆଲୁଅ ଅଭାବରୁ ବ୍ରଏଲର୍ କୁକୁଡ଼ାଗୁଡ଼ିକ ମରିଯାଇଥିଲେ। ଅପରପକ୍ଷେ, ୨ ଦିନ ଧରି ବିଦ୍ୟୁତ୍ ନଥିବାରୁ ଛୋଟଛୁଆ, ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ରୋଗୀମାନେ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି। ତୁରନ୍ତ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରିଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଏ ସଂପର୍କରେ ମନମୁଣ୍ଡା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଚିନ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇନଥିଲେ।



### ଡାକ୍ତର ଓ ସିକ୍ୟୁରିଟିଙ୍କ ଦାଦାଗିରି

# ଭିଡିଓ କରିବାରୁ ମହିଳା ରୋଗୀଙ୍କ ସ୍ୱାମୀଙ୍କୁ ନିସ୍ତୁକ ମାଡ଼

ପାଟଣାଗଡ଼, ୯।୬ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ସୋମବାର ବିଳମ୍ବିତ ରାତିରେ ଜଣେ ମହିଳା ରୋଗୀଙ୍କ ସ୍ୱାମୀଙ୍କୁ ଡାକ୍ତର ଓ ସିକ୍ୟୁରିଟି ଗାର୍ଡ ପ୍ରବଳ ମାଡ଼ ମାରିଥିବା ନେଇ ପାଟଣାଗଡ଼ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପାଟଣାଗଡ଼ ପୁଲିସ ଏକ ମାମଲା ରୁଜୁ କରି ଆଜି ଦୁଇ ସିକ୍ୟୁରିଟି ଗାର୍ଡକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ଦୀପୁ ନାଏକ ଓ ଗଣେଶ୍ୱର ନାଏକ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଘୋର୍ ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ, ପାଟଣାଗଡ଼ ଥାନା ସିଲେଟପଡ଼ା ଗାଁର ଭୀମ ସୁନା ସୋମବାର ରାତି ପ୍ରାୟ ୧୧ଟାରେ ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ପାଟଣାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସା ପାଇଁ କେହି ନ ଥିଲେ। ଡାକ୍ତରଙ୍କ ଚାମ୍ବରରେ ମଧ୍ୟ ଡାକ୍ତର ନ ଥିଲେ। ଫଳରେ ଅସନ୍ତୋଷ ପ୍ରକାଶ କରି ଭୀମ ଭିଡିଓ ଉତ୍ତୋଳନ କରିଥିଲେ। ଡାକ୍ତରଜଣକ ଆସିବା ପରେ ଏହା ଜାଣି ଭୀମଙ୍କୁ ଧମକ ଦେଇଥିଲେ। ଭିଡିଓ ଡିଲିଟ୍ ନକଲେ ତୁମ ସ୍ତ୍ରୀର ଚିକିତ୍ସା କରିବୁ ନାହିଁ ବୋଲି କହିଥିଲେ। ଭୀମ ନେହୁରା ହେବାରୁ ଡାକ୍ତର ତାଙ୍କ ସ୍ତ୍ରୀଙ୍କୁ ଏକ ସାଲାଇନ୍ ଦେଇଥିଲେ। ପରେ ରକ୍ତପରୀକ୍ଷା ପାଇଁ ତଳକୁ ଯିବା ପାଇଁ କହିଥିଲେ। ଭୀମ ତଳକୁ ଆସିବା ପରେ ସେଠାରେ ଉପସ୍ଥିତ ଡାକ୍ତର ଓ ସିକ୍ୟୁରିଟିଗାର୍ଡ ତାଙ୍କୁ ବାଡ଼ିରେ ନିସ୍ତୁକ ମାଡ଼ ମାରିଥିଲେ। ଭୀମଙ୍କ



**ଥାନାରେ ମାମଲା ରୁଜୁ, ଦୁଇ ସିକ୍ୟୁରିଟି ଗାର୍ଡ ଗିରଫ**

ପିଠିରେ ମାଡ଼ ଚିହ୍ନ ରହିଛି। ଖାଲି ସେତିକି ନୁହେଁ, ତାଙ୍କ ସ୍ତ୍ରୀଙ୍କ ଏଠାରେ ଚିକିତ୍ସା ହୋଇପାରିବ ନାହିଁ କହି ଅନ୍ୟତ୍ର ନେବା ପାଇଁ ଡାକ୍ତର କହିଥିଲେ। ଏହି ଘଟଣାରେ ଉପଖଣ୍ଡ ଚିକିତ୍ସାଧିକାରୀ ସରୋଜ ସ୍ୱାଇଁ କହିଛନ୍ତି ଯେ ରାତିରେ ଡାକ୍ତର ଅମ୍ବିତ ବୁଡେକ ଡ୍ୟୁଟିରେ ଥିଲେ। ତାଙ୍କୁ ପଚରାଯାଇଥିଲେ ହେଁ ହସ୍ପିଟାଲରେ ସେଭଳି କୌଣସି ଘଟଣା ଘଟି ନଥିବା ସେ କହିଛନ୍ତି।

### କାର୍ଯ୍ୟରେ ଅବହେଳା

# ବରଗଡ଼ ଜଳସେଚନ ବିଭାଗର ୩ ଯନ୍ତ୍ରୀ ନିଲମ୍ବିତ


ଭୁବନେଶ୍ୱର, ୮।୬ (ସମିସ): କାର୍ଯ୍ୟରେ ଅବହେଳା ଅଭିଯୋଗରେ ଜଳ ସମ୍ପଦ ବିଭାଗର ୩ ଜଣ ବରିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ରାଜ୍ୟ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବରଗଡ଼ ଜଳସେଚନ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ମଦନ ମୋହନ ସେଠୀ, ଭେଡେନ୍ ଜଳସେଚନ ସବ୍-ଡିଭିଜନ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ କୁମାର ମିଶ୍ର, ବରଗଡ଼ କେନାଲ ସେକ୍ସନର ସହକାରୀ ଯନ୍ତ୍ରୀ ରଞ୍ଜନ ପଟେଲଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବରଗଡ଼ କେନାଲ ଡିଭିଜନ୍ ଅଧୀନରେ ବରଗଡ଼ ବିତରକ କେନାଲର ବକ୍ସ କଣ୍ଡକ୍ଟ ନିର୍ମାଣ, ବରଗଡ଼ କେନାଲ ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନରେ ଅନିୟମିତତା ଅଭିଯୋଗରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ସମୟରେ ମଦନ ମୋହନ ସେଠୀ ଭୁବନେଶ୍ୱରସ୍ଥିତ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ରାଜ କୁମାର ମିଶ୍ର ଓ ରଞ୍ଜନ ପଟେଲ ମହାନଦୀ ବେସିନ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିନା ଅନୁମତିରେ ସେମାନଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓସିଏସ୍ ନିୟମ, ୧୯୬୨ର ଧାରା ୧୨(୧) ଅନୁଯାୟୀ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### 'ଡିଜିଟାଲ ଆରେଷ୍ଟ' ଓ ସେୟାର ମାର୍କେଟ୍ ନାଁରେ ୨ କୋଟି ଲୁଟ୍

# ଦିଲ୍ଲୀ ଓ ଉତ୍ତରାଖଣ୍ଡରୁ ୩ ସାଇବର ଠକ ଗିରଫ

କଟକ, ୯।୬ (ସମିସ): ଦୁଇଟି ବଡ଼ଧରଣର ସାଇବର୍ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚକୁ ବଡ଼ ସଫଳତା ମିଳିଛି। କ୍ରାଇମବ୍ରାଞ୍ଚ ଦିଲ୍ଲୀ ଏବଂ ଉତ୍ତରାଖଣ୍ଡରେ ଚଢ଼ଉ କରି ୩ ଅନ୍ତଃରାଜ୍ୟ ସାଇବର୍ ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଦିଲ୍ଲୀର ଶୁଭମ ଶର୍ମା ଓରଫ୍ ସଞ୍ଜୟ ରାଣା ଓ ଉତ୍ତରାଖଣ୍ଡରୁ ଅମିତ କୁମାର ଏବଂ ଦିଲ୍ଲୀର ୟାସିନ୍ ଶାହ। 'ଡିଜିଟାଲ ଆରେଷ୍ଟ' ନାଁରେ ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କଠାରୁ ଏମାନେ ୧.୩୮ କୋଟି ଟଙ୍କା ଠକେଇ କରିଥିଲେ। ମନିଲଣ୍ଡରିଂ ମାମଲା ସହ ଆଧାର-କାର୍ଡ ଜଡ଼ିତ ଥିବା କହି ଅଭିଯୁକ୍ତମାନେ ଠକେଇର ଶିକାର ବ୍ୟକ୍ତିଙ୍କୁ ଜେଲ୍ ପଠାଇବାର ଭୟ ଦେଖାଇଥିଲେ। ଏଥିରେ ଭୟଭୀତ ହୋଇ ପୀଡ଼ିତଜଣଙ୍କ ଠକମାନଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ୧.୩୮ କୋଟି ଟଙ୍କା ପଠାଇ ଦେଇଥିଲେ।

କ୍ରାଇମବ୍ରାଞ୍ଚ ଡିଏସ୍‌ପି ଅନିଲା ଆନନ୍ଦଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟିମ୍ ନୂଆଦିଲ୍ଲୀର ଉତ୍ତମନଗର ଅଞ୍ଚଳରୁ ଶୁଭମ ଶର୍ମା ଓରଫ୍ ସଞ୍ଜୟ ରାଣା (୨୯)କୁ ଗିରଫ କରିଛି। ଶୁଭମ ଜାଲ୍ ଦସ୍ତାବିଜ୍ ସାହାଯ୍ୟରେ 'ସଞ୍ଜୟ ରାଣା' ନାମରେ ଏକ ନକଲି ପରିଚୟପତ୍ର ତିଆରି କରିଥିଲା ଏବଂ ଏଚ୍‌ଡିଏଫ୍‌ସି, ଆକ୍ସିସ୍ , ଇଣ୍ଡସଇଣ୍ଡ ଭଳି ଅନେକ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଠକେଇ ଟଙ୍କା ନେଣଦେଣ



କରୁଥିଲା। ଠକେଇ ଟଙ୍କାରୁ ସେ ଏକ ହ୍ୟୁଣ୍ଡାଇ ଗ୍ରାଣ୍ଡ ଆଇ-୧୦ କାର୍ ମଧ୍ୟ କିଣିଥିଲା। ତାହାକୁ କ୍ରାଇମବ୍ରାଞ୍ଚ ଜବତ କରିଛି। ତାଙ୍କ ପାଖରୁ ନକଲି ଆଧାର, ପ୍ୟାନ୍ କାର୍ଡ, ମୋବାଇଲ୍ ଓ ସିମ୍ କାର୍ଡ ଜବତ ହୋଇଛି।

ସେହିପରି ଇନ୍ସପେକ୍ଟର୍ ସତ୍ୟନାରାୟଣ ପାଢ଼ୀଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍ ଉତ୍ତରାଖଣ୍ଡର ଡେରାଡୁନରୁ ଅମିତ କୁମାର (୩୧)କୁ ଗିରଫ କରିଛି। ତାଙ୍କ ଆକାଉଣ୍ଟକୁ ସିଧାସଳଖ ୧୩ଲକ୍ଷ ଟଙ୍କା ଆସିଥିଲା। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପୂର୍ବରୁ ଉତ୍ତରପ୍ରଦେଶର ଗାଜିଆବାଦରୁ ମା'-ପୁଅଙ୍କୁ ଗିରଫ କରିଥିଲା। ସେୟାର ମାର୍କେଟ୍‌ରେ ବିନିଯୋଗ ନାଁରେ ୧.୪ କୋଟିର ଠକେଇ ମାମଲାରେ ଭୁବନେଶ୍ୱରର ଆଉ ଜଣେ ବାସିନ୍ଦାଙ୍କୁ ଆଇପିଓ ଏବଂ ସେୟାର ମାର୍କେଟ୍‌ରେ ବିନିଯୋଗ କରି ମୋଟାଅଙ୍କର ଲାଭ ଦେବାର ପ୍ରଲୋଭନ ଦେଖାଇ ପ୍ରାୟ ଦେଢ଼ମାସ ମଧ୍ୟରେ ୧.୪କୋଟି ଟଙ୍କା ଠକି ନିଆଯାଇଥିଲା। ପୀଡ଼ିତଜଣଙ୍କ ଲାଭ ଟଙ୍କା ଉଠାଇ ନପାରିବାରୁ ଠକେଇର ଶିକାର ହୋଇଥିବା ଜାଣି କଟକ ସାଇବର୍ ଥାନାରେ ମାମଲା ଦାୟର କରିଥିଲେ। ଡିଏସ୍‌ପି ଅନିଲା ଆନନ୍ଦଙ୍କ ଟିମ୍ ଏହି ମାମଲାର ଅନୁସନ୍ଧାନ କରି ଦିଲ୍ଲୀର ଶାହଦରାରୁ ୟାସିନ୍ ଶାହ (୩୮)କୁ ଗିରଫ କରିଛି। ୟାସିନଙ୍କ ଆକାଉଣ୍ଟରେ ଠକେଇ ହୋଇଥିବା ଅର୍ଥରୁ ୨ ଲକ୍ଷ ଟଙ୍କା ଜମା ହୋଇଥିଲା। ସୂଚନାଯୋଗ୍ୟ, ଏହି ସେୟାର୍ ମାର୍କେଟ୍ ଠକେଇ ମାମଲାରେ ପୂର୍ବରୁ ଦେଶର ବିଭିନ୍ନ ପ୍ରାନ୍ତରୁ ୧୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇସାରିଛି।

# ଓଡ଼ିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'କୁ କରମୁକ୍ତ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୯।୬ (ସମିସ): ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ନିକୁଞ୍ଜ ହୋତାଙ୍କ ଦ୍ୱାରା ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଜି ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାର ହସ୍ତତନ୍ତ ବୁଣାକାର ସମ୍ପ୍ରଦାୟଙ୍କ ଜୀବନ, ସଂଘର୍ଷ, ସହନଶୀଳତା ଓ ସଫଳତା ଉପରେ ଆଧାରିତ ଏହି ଚଳଚ୍ଚିତ୍ର ଗତ ମେ' ୧୫ତାରିଖରେ ମୁକ୍ତିଲାଭ କରିଛି। ଓଡ଼ିଶାର ମହାନ ପାରମ୍ପରିକ ଐତିହ୍ୟ ଓ କାରିଗରୀ କୌଶଳକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ନିଚ୍ଛକ ଭାବେ ପ୍ରଦର୍ଶିତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଏହାକୁ କରମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

● ମଦ ଉଜାଡି ଦେଉଛି ସଂସାର

# ନିଶାମୁକ୍ତ ଗାଁ ପାଇଁ ପୁଲିସକୁ ମହିଳାଙ୍କ ଗୁହାରି

କୁନ୍ଦୁରା, ୯ା୬(ସମିସ): ମଦ ବନ୍ଦ ପାଇଁ ବାରମ୍ବାର ଗୁହାରୀ ପରେ ବି ପ୍ରଶାସନ ଶୁଣିଲାନି । ଶେଷରେ ନିଜ ପରିବାରକୁ ନିଜେ ବଞ୍ଚାଇବାକୁ ଏକାଠି ହୋଇଛନ୍ତି ମହିଳା । କୋରାପୁଟ ଜିଲ୍ଲା କୁନ୍ଦୁରା ଠାରେ ଏଭଳି ଚିତ୍ର ଦେଖିବାକୁ ମିଳିଛି । କୁନ୍ଦୁରା ବ୍ଲକର ଡଙ୍ଗର ପାଉଁଶି, ଲିମା, ଗୁଣ୍ଡଳ, ଫୁପୁଗାଁ ଓ ବାଣୁଆଗୁଡା ଗ୍ରାମର ଶତାଧିକ ମହିଳା ଏକାଠି ହେଲେ । ପ୍ରଥମେ ଶାସ୍ତ୍ରୀ ମୋଇଦାନରେ ଆଲୋଚନା କଲେ ପରେ କୁନ୍ଦୁରା ଥାନାରେ ପହଞ୍ଚି ବିକ୍ଷୋଭ ପଦର୍ଶନ କରିଥିଲେ । ମହିଳାଙ୍କ କହିବା କଥା, ଆଜି ଅଧିକାଂଶ ପରିବାର ମୁରବିଶୂନ୍ୟ । ଅନେକ ସ୍ତ୍ରୀଙ୍କ ମଥାରୁ ପୋଛି ହୋଇଯାଇଛି ସିନ୍ଦୁର । ଅନେକ ମା' ନିଜ ପୁଅକୁ ହରାଇଛନ୍ତି । ଉକ୍ତ ଅଞ୍ଚଳରେ ପ୍ରତିଦିନ ଘଟୁଛି ଦୁର୍ଘଟଣା । ଏହାର ମୁଖ୍ୟ କାରଣ ସାଜିଛି "ମଦ' । ମଦ ପିଇ ଅନେକ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ଏନେଇ ବାରମ୍ବାର ଅଭିଯୋଗ ପରେ ବି କେହି ଶୁଣିଲେନି । ଏଣୁ ଏଥର ମଦ ମୁକ୍ତି ପାଇଁ ଅଣ୍ଟା ଭିଡ଼ିଛନ୍ତି ଶତାଧିକ ମହିଳା ମହିଳା । ତୁରନ୍ତ ଏହି ଚୋରା ମଦ କାରବାର ବନ୍ଦ କରିବା ଏବଂ ମଦ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଯଦି ଆଗାମୀ ଦିନରେ ଏହି ୪ଟି ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରାନଯାଏ, ତେବେ ମହିଳା ସଂଗଠନ ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ସହ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ପୋଲିସ ପ୍ରଶାସନ ପକ୍ଷରୁ ଅଭିଯୋଗର ଯାଞ୍ଚ କରି ଖୁବ୍ ଶୀଘ୍ର ବେଆଇନ ମଦ ଆଡ୍ଡାଗୁଡ଼ିକ ଉପରେ ଚଢ଼ଉ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମହିଳାମାନେ ଧାରଣାରୁ ହଟିଥିଲେ ।



# କାଳବୈଶାଖୀ ରଚିଲା ତାଣ୍ଡବ; ଭାଙ୍ଗିଲା ଘର



ଉମରକୋଟ, ୯ା୬ (ସମିସ): ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଜାରି ରହିଛି । ମଙ୍ଗଳବାର ଅପରାହ୍ନରେ ଏହାର ପ୍ରଭାବରେ ବଡଭରଣ୍ଡି ପଞ୍ଚାୟତର ଗାଇଝରୀ ଗ୍ରାମଠାରେ ଆକାଶ ଘନ କଳା ମେଘରେ ଆଚ୍ଛାଦିତ ହୋଇ ଅପରାହ୍ନରୁ ପାଗରେ ହଠାତ୍ ପରିବର୍ତ୍ତନ ଦେଖାଯାଇଥିଲା । ପ୍ରବଳ ପବନ ବହିବା ସହ ଅନେକ ସ୍ଥାନରେ ଘଡ଼ଘଡ଼ି ଓ ବିଜୁଳି ମାରିବା ସହ ବର୍ଷା ଆରମ୍ଭ ହୋଇଥିଲା । ଉମରକୋଟ ବ୍ଲକର ବଡଭରଣ୍ଡି ପଞ୍ଚାୟତର ଗାଇଝରୀ ଗ୍ରାମ ଠାରେ ବର୍ଷା ହୋଇଥିବା ବେଳେ କାଳବୈଶାଖୀର ପ୍ରଭାବରେ ତ୍ରିନାଥ ହନ୍ତାଳଙ୍କ ପରିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି । ତ୍ରିନାଥ ହନ୍ତାଳଙ୍କ ଘର ଛପର, ବିଦ୍ୟାଳୟର ଟିଣ ଉଡି ବିଦ୍ୟୁତ ତା'ର ଉପରେ ପଡି ବିଦ୍ୟୁତ ସରବରାହ ବନ୍ଦ ରହିଛି । ବର୍ଷା ଯୋଗୁ ଗରମ ଓ ଗୁଳୁଗୁଳିରୁ ଲୋକେ ଆଶ୍ୱସ୍ତି ପାଇଛନ୍ତି । ତେବେ କେତେକ ସ୍ଥାନରେ ପ୍ରବଳ ପବନ ଯୋଗୁ ଯାତାୟାତ ପ୍ରଭାବିତ ହୋଇଥିବା ଏବଂ ରାସ୍ତାରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି ।

## ଗଛପଡ଼ି ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲା ପରିବାର

ପାପଡାହାଣ୍ଡି, ୯ା୬(ସମିସ): ଅପରାହ୍ନର କାଳବୈଶାଖୀ ବର୍ଷାରେ ପାପଡାହାଣ୍ଡି ଭୀମାସାହିର ଗୋପୀନାଥ ମାଝୀଙ୍କ ଇଶ୍ୱର ମାଝୀଙ୍କ ଆଜବେଷ୍ଟସ୍ ଘର ଉପରେ ଆମ୍ବ ଗଛ ପଡି ଯିବାରୁ ଘରର କାନ୍ଥ ଏବଂ ଆଜବେଷ୍ଟ ସମ୍ପୂର୍ଣ ଭାବେ ଭାଙ୍ଗି ଯାଇଛି । ଅଳ୍ପକେ ବର୍ତି ଯାଇଛନ୍ତି ପରିବାର ଲୋକେ । ଗୋପୀନାଥ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି । ସେ କୁଲି ମଜୁରୀ କରି ପରିବାର ଚଳାନ୍ତି । ଏବେ ରହିବାକୁ ତାଙ୍କର ଘର ନାହିଁ । ପ୍ରଶାସନ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଏହି ଗରିବ ଅସହାୟ ପରିବାରକୁ ଆବାସ ଯୋଜନାରେ ସାମିଲ କରି ବାସଗୃହ ଟିଏ ପ୍ରଦାନ କରିବାକୁ ଦାବି କରିଛନ୍ତି ।



# ବାରମ୍ବାର ଗୁହାରି ପରେ ବି ମିଳୁନି ଭତ୍ତା

ସୁନାବେଡ଼ା, ୯ା୬(ସମିସ): କୋରାପୁଟ ଜିଲ୍ଲା ସଦର ମହକୁମା ଅନ୍ତର୍ଗତ ଡୁମୁରିପୁଟ ନିକଟସ୍ଥ ନିଘାମାନିଗୁଡ଼ା ଗ୍ରାମର ବୁଦୁରା ରୁଡ଼ାଇଙ୍କୁ (୬୩) ବର୍ଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି । ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବା ବେଳେ ତାଙ୍କ ପୁଅ କୁଲି ମଜୁରି କରି ପରିବାର ଚଳାଉଛନ୍ତି । ଝିଅମାନେ ବିବାହ ପରେ ଅନ୍ୟତ୍ର ରହୁଛନ୍ତି । ବୁଦୁରା ରୁଡ଼ାଇ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବାରମ୍ବାର ସ୍ଥାନୀୟ ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗର ଦ୍ୱାରସ୍ଥ ହୋଇଥିଲେ ମଧ ତାଙ୍କ ଆବେଦନ ଉପରେ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ବିଭିନ୍ନ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସେ ଶେଷରେ ନିରାଶ ହୋଇପଡ଼ିଥିବା ଜଣାପଡ଼ିଛି । ସରକାର ବୃଦ୍ଧ ଓ ବୃଦ୍ଧାମାନଙ୍କ ସାମାଜିକ ସୁରକ୍ଷା ପାଇଁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେଉଥିବା ବେଳେ କେତେକ ସରକାରୀ ଅଧିକାରୀଙ୍କ ଅବହେଳା ଓ ଆନ୍ତରିକତାର ଅଭାବ ଯୋଗୁଁ ଯୋଗ୍ୟ ହିତାଧିକାରୀ ଏହି ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ତଦନ୍ତ କରି ବୁଦୁରା ରୁଡ଼ାଇଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ସହ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି ।



# ଦାଦାକୁ ମୃତ ଦର୍ଶାଇ ପୁତୁରାର ଜମି ହଡ଼ପ ଅଭିଯୋଗ

ରାୟଗଡ, ୯ା୬(ସମିସ): ନିଜ ବୃଦ୍ଧ ଦାଦାଙ୍କୁ ମୃତ ଦର୍ଶାଇ ଜମି ହଡପ କରିଛି ପୁତୁରା । ଏପରି ଘଟଣା ରାୟଗଡ ଜିଲ୍ଲାର କାଶୀପୁର ବ୍ଲକ ତଳପାଡିଖାଲ ଗ୍ରାମରେ ଘଟିଛି । ରାଜସ୍ୱ ନୀରିକ୍ଷକଙ୍କୁ ହାତ କରି ପୁତୁରା ସାନୀ ମାଝୀ ଦାଦା ଦିଉଡୁ ମାଝୀଙ୍କ ୪୯ ସେଣ୍ଟ୍ ଜମିକୁ ହଡପ କରିଥିବା ଅଭିଯୋଗ ହୋଇଛି । କାଗଜପତ୍ରରେ ଦିଉଡୁକୁ ମୃତ ଦର୍ଶାଇ ଜମିକୁ ହଡପ କରାଯାଇଥିବା ବେଳେ ଦିଉଡୁ ଏବେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । କାଶୀପୁର ତହସିଲଦାରଙ୍କୁ ଦିଉଡୁ ଏକ ଲିଖିତ ଅଭିଯୋଗ କରିବା ପରେ ରାୟଗଡ ଉପଜିଲ୍ଲାପାଳଙ୍କୁ ଜମି ଫେରାଇବା ପାଇଁ ଦାବି କରିଛନ୍ତି । ଅନ୍ୟପଟେ ଜୀବିତ ଲୋକଙ୍କୁ ମୃତ ଦର୍ଶାଇଥିବା ରାଜସ୍ୱ ନୀରିକ୍ଷକଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ରମେଶ କୁମାର ଜେନା କହିଛନ୍ତି । ତଳପାଡିଖାଲ ଗ୍ରାମରେ ବୃଦ୍ଧ ଦିଉଡୁ ମାଝୀଙ୍କ ପ୍ଲଟ୍ ନଂ.୯୯ ଓ ପ୍ଲଟ୍ ନମ୍ବର ୧୦୦ ରେ ୪୯ ସେଣ୍ଟ୍ ଜମି ରହିଛି । ହେଲେ ଉକ୍ତ ଜମିକୁ ଦିଉଡୁର ପୁତୁରା ସାନୀ ମାଝି ଚଞ୍ଚକତା କରି ୨୦୨୪ ମସିହାରେ ହଡ଼ପ କରିଛି । ଦିଉଡୁଙ୍କ ବଡ଼ ଭାଇ ଡିରିବି ମାଝୀ ମୃତ୍ୟୁବରଣ କରିଥିବା ବେଳେ ଦାଦା ଦିଉଡୁ ଏବେ ବି ଜୀବିତ ଅଛନ୍ତି । ଏହି ଦୁଇ ଭାଇଙ୍କ ନାମରେ ଜମି ରହିଥିବା ବେଳେ ସାନୀ ମାଝୀ ନିଜ ନାମରେ ଉତ୍ତରାଧିକାରୀ ସତ୍ତ୍ୱ ରିପୋର୍ଟ ଦେଇ ନିଜ ନାମରେ ପଟ୍ଟା କରାଇ ନେଇଛନ୍ତି । ଏନେଇ ଦିଉଡୁ ମାଝୀ କାଶୀପୁର ତହସିଲଦାରଙ୍କ ନିକଟରେ ଏକ ପିଟିସନ୍ ଦାଖଲ କରିଥିବା ବେଳେ ରାୟଗଡ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଛନ୍ତି ।



### ସନ୍ଦେହରେ ରାଜସ୍ୱ ନିରୀକ୍ଷକ ଭୂମିକା

# ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ବର୍ଷ ପୂର୍ତ୍ତି

ନବରଙ୍ଗପୁର, ୯ା୬(ସମିସ): ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ୧୦ ବର୍ଷ ପୂର୍ତ୍ତି ଅବସରରେ ନବରଙ୍ଗପୁର ଜିଲ୍ଲାର ୪୧ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଭିଜ୍ଞ ଚିକିତ୍ସକମାନଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା । ଏହି ଅବସରରେ ଜିଲ୍ଲାର ମୋଟ ୨,୯୧୮ ଜଣ ଗର୍ଭବତୀ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସମସ୍ତ ଗର୍ଭବତୀ ମା'ଙ୍କୁ ମାଗଣା ରକ୍ତ ପରୀକ୍ଷା, ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ଔଷଧ ବଣ୍ଟନ କରାଯାଇଥିଲା । ଏହା ସହିତ ୧,୧୧୯ ଜଣ ଗର୍ଭବତୀ ମହିଳାଙ୍କର ମାଗଣା ଅଲ୍ଟ୍ରାସାଉଣ୍ଡ ପରୀକ୍ଷା ମଧ୍ୟ କରାଯାଇଥିଲା । ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ୨,୯୧୮ ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୧,୦୨୩ ଜଣ ବିପଦ ସଙ୍କୁଳ ବର୍ଗର ମା'ଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ସେବା ଓ ନିୟମିତ ଅନୁସରଣମୂଳକ ଯତ୍ନ ଯୋଗାଇ ଦିଆଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ, ସହକାରୀ ଚିକିତ୍ସା ଅଧିକାରୀ ଡାକ୍ତର ମଳୟ କୁମାର ତ୍ରିପାଠୀ, ସଂକର ଆଚାର୍ଯ୍ୟ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ମସନସ କୁମାର ପଣ୍ଡା ଉପ ପରିଚାଳକ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ଓ ତଦାରଖ କରିଥିଲେ । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

# ପ୍ରଧାନମନ୍ତ୍ରୀ, ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ

ନବରଙ୍ଗପୁର, ୯ା୬(ସମିସ): ନବରଙ୍ଗପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ନିଟ ପ୍ରଶ୍ନ ପତ୍ର ଲିକ କେଲେଙ୍କାରୀ, ପେଟ୍ରୋଲ ଡିଜେଲ୍, ଇନ୍ଧନ ଗ୍ୟାସ ଦର ବୃଦ୍ଧି ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧିକୁ ବିରୋଧ କରି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲା କଂଗ୍ରେସ କମିଟି ସଭାନେତ୍ରୀ ଲିପିକା ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ମୁନା ତ୍ରିପାଠୀ, ମହିଳା ସଭାନେତ୍ରୀ ପି ନାଗାରାତ୍ନମା, ବୃନ୍ଦାବନ ତ୍ରିପାଠୀ, ପ୍ରଦୀପ ସାହୁ, ହୁସନା ବାନୋ, ହାଇସା ବାନୋ, ଗୋପାଳ ତ୍ରିପାଠୀ, ଭବାନୀ ସାହୁ ପ୍ରମୁଖ ନେତୃ ମଣ୍ଡଳୀ ଉପସ୍ଥିତ ରହିଥିଲେ ।



# ଅତ୍ୟାବଶ୍ୟକ ସୁବିଧା ନାହିଁ; ବିରଖମ୍ବ ପୀଠରେ ଶ୍ରଦ୍ଧାଳୁ ହନ୍ତସନ୍ତ

ବୈପାରୀଗୁଡା, ୯ା୬(ସମିସ): ବିରଖମ୍ବ ପୀଠରେ ମୌଳିକ ସୁବିଧା ନ ପାଇ ହନ୍ତସନ୍ତ ହେଉଛନ୍ତି ଶ୍ରଦ୍ଧାଳୁ । ପାଣି, ବିଜୁଳି ଏବଂ ଆଶ୍ରୟ ସ୍ଥଳୀ ଭଳି ବିଭିନ୍ନ ସମସ୍ୟାରେ ବୁଡି ରହିଛି ପୀଠ । ନାହିଁ ନାହିଁରେ ଚାଲିଛି ବିରଖମ୍ବ ପୀଠ । ପ୍ରତି ମଙ୍ଗଳ ଏବଂ ଶୁକ୍ରବାର ପୀଠରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶହ ଶହ ଭକ୍ତଙ୍କ ଭିଡ଼ ଲାଗିରହିଥିବା ବେଳେ ବିଶୁଦ୍ଧ ପାନୀୟ ଜଳ, ରାତିଯାପନ ପାଇଁ ଆଶ୍ରୟସ୍ଥଳୀ ସହ ଆଲୋକୀକରଣ ବ୍ୟବସ୍ଥା ନାହିଁ । ଏଠାରେ ଫେଲ ମାରିଛି ଡବଲ ଇଞ୍ଜିନ ସରକାର । କୋରାପୁଟ ବିଧାୟକ ରଘୁରାମ ମାଛ ନିଜ ବିଧାୟକ ପାଣ୍ଠିରୁ ଚିଠି ନମ୍ବର ୧୩୪/୨୫ ଅନୁଯାୟୀ ଗତ ୯.୪.୨୦୨୫ରେ ବିରଖମ୍ବ ପୀଠରେ ଆଲୋକୀକରଣ ପାଇଁ ବ୍ୟବସ୍ଥା କରାଯାଇଥିଲା । ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ହାଇମାକ୍ସ ଏବଂ ବିରଖମ୍ବ ପୀଠ ପିକନିକ ସ୍ଥଳୀରେ ସୋଲାର ଲାଇଟ ଲଗାଇବା ପାଇଁ ପାଞ୍ଚ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ଆଲୋକୀକରଣ ପାଇଁ ମାଆ ଇଣ୍ଟରପ୍ରାଇଜସ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ବିରଖମ୍ବ ପୀଠରେ ସୋଲାର ସ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି । କିନ୍ତୁ କୌଣସି ଲାଇଟ୍ ଜଳୁନି । ଯା' ଦ୍ୱାରା କି ଅନ୍ଧାରରେ ହନ୍ତସନ୍ତ ହେଉଛନ୍ତି ଶ୍ରଦ୍ଧାଳୁ । ସେହିପରି ପୀଠର ଉନ୍ନତି କରଣ ପାଇଁ ତତ୍କାଳୀନ ବିଜେଡି ସରକାର ଦଶ ଲକ୍ଷ ଟଙ୍କା ମଞ୍ଜୁରୀ କରିଥିଲା । ଏହି ଅର୍ଥରେ ଆଶ୍ରୟ ସ୍ଥଳୀ ନିର୍ମାଣ ହୋଇଥିଲେ ସୁଦ୍ଧା ସାଧାରଣ ଭକ୍ତଙ୍କ ବ୍ୟବହାରରେ ଆସୁନି । ବାଧ ହୋଇ ଶ୍ରଦ୍ଧାଳୁ ମାନେ ରାସ୍ତା କଡ଼ରେ ଆଶ୍ରୟ ନେଉଛନ୍ତି । ପୀଠରେ ପାଣି, ବିଜୁଳି ଏବଂ ଆଶ୍ରୟ ସ୍ଥଳୀ ବ୍ୟବସ୍ଥା କରିବାକୁ ଝରୀଗାଁରୁ ଆସିଥିବା ଶ୍ରଦ୍ଧାଳୁ ମଙ୍ଗୁଲୁ ସାନ୍ତା, ଦିଲୀପ ସାନ୍ତା ଓ ପଦ୍ମନ ନାୟକ ପ୍ରମୁଖ ଦାବି କରିଛନ୍ତି ।



### ରାତି ଅନ୍ଧାରରେ ରାସ୍ତାରେ ଆଶ୍ରୟ

# ବଜ୍ରାଘାତରେ ବୃଦ୍ଧ ମୃତ

ପାପଡାହାଣ୍ଡି, ୯ା୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଘାଟଗୁଡା ଗ୍ରାମପଞ୍ଚାୟତ ସଦର ମହକୁମା ଠାରେ ବଜ୍ରାଘାତରେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତ ବୃଦ୍ଧ ଜଣକ ଗୋରାଚାନ୍ଦ ଦଳେଇ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ଘାଟଗୁଡା ଗ୍ରାମର ଗୋରାଚାନ୍ଦ ଦଳେଇ (୮୧) ନିଜ ଚାଷ ଜମିରେ ଚାଷ କାମ କରୁଥିଲେ । ସନ୍ଧ୍ୟା ୪ ଘଣ୍ଟା ସମୟରେ ଅଚାନକ କୁଆପଥର ବର୍ଷା ସହ ବିଜୁଳି ଘଡ଼ଘଡ଼ି ହୋଇଥିଲା । ଏହି ସମୟରେ ଗୋରାଚାନ୍ଦ ଉପରେ ବଜ୍ରାଘାତ ହେବାରୁ ସେ ଜମିରେ ଟଳି ପଡିଥିଲେ । ପରିବାର ସଦସ୍ୟ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# କୁନ୍ଦୁରାରେ ରବିମଣ୍ଡି ଶୁଭାରମ୍ଭ




କୁନ୍ଦୁରା, ୯ା୬ (ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗର ପାଉଁଶି ଏବଂ ଦିଗାପୁର ଠାରେ ରବି ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି । ବ୍ଲକରେ ମୋଟ ୯ଟି ମଣ୍ଡିରୁ ଧାନ ଉଠିବ । ମେ ମାସରୁ ଚାଷୀଙ୍କ ମୋବାଇଲରେ ଧାନ ବିକ୍ରି ନେଇ ଟୋକନ ମେସେଜ ଆସିଥିବା ବେଳେ ମଣ୍ଡି ଶୁଭାରମ୍ଭ ନେଇ ଚିନ୍ତିତ ଥିବା ଚାଷୀ ଆଶ୍ୱସ୍ତ ହୋଇଥିବା ଦେଖିବାକୁ ମିଳିଛି । କୋରାପୁଟ ଜିଲ୍ଲା ମିଲର୍ସ ସଙ୍ଘ ସମେତ ଯୋଗାଣ ନିରୀକ୍ଷକ ପ୍ରଦୀପ କୁମାର ସେଠୀ ଉପସ୍ଥିତ ରହି ଆରମ୍ଭ କରିଛନ୍ତି । ଡଙ୍ଗର ପାଉଁଶି ଧାନ ମଣ୍ଡିର୨୮ ମେସୁଦ୍ଧା ଟୋକାନ ଆସିଥିବା ୧୮ ୫ ଜଣ ଚାଷୀଙ୍କ ୮ ୦୧୬ ଏବଂ ଦିଗାପୁର ଠାରେ ୨୪୬ ଚାଷୀଙ୍କର ୯ ୪୧୪ କ୍ୟୁଣ୍ଟାଲ ଧାନ କ୍ରୟ ଆସନ୍ତାକାଲି ଠାରୁ ଅନ୍‌ଲାଇନ ମାଧ୍ୟମରେ କ୍ରୟ କରାଯିବ ।

# ଚାଷୀଙ୍କୁ ସାର ଯୋଗାଣରେ ସରକାର ବିଫଳ:ବିଜେଡି

ଉମରକୋଟ, ୯ା୬(ସମିସ): ସ୍ଥାନୀୟ ଏକ ହୋଟେଲରେ ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଚାଷୀ କିପରି ସୁରୁଖୁରୁରେ ସାର ପାଇ ପାରିବେ ସେ ବିଷୟରେ ଆଲେଚନା କରାଯାଇଥିଲା । ମୌସୁମୀ ଆସି ଗଲାଣି । ଚାଷୀ ଜମି ଚାଷ କରି ବିହନ ମଧ୍ୟ ବୁଣି ସାରିଲେଣି । କିନ୍ତୁ ରାଜ୍ୟ ସରକାରଙ୍କ ଚାଷି ମାରଣା ନିତି ଯୋଗୁଁ ଆଜି ପର୍ଯ୍ୟନ୍ତ ଚାଷୀ ସାର ପାଇ ପାରୁ ନାହାନ୍ତି ବୋଲି ବିଜେଡି ଅଭିଯୋଗ କରି ରାଜ୍ୟ ସରକାର ଓ ରାଜ୍ୟ ପ୍ରଶାସନକୁ ସମାଲୋଚନା କରିଛି । ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ କହିଛନ୍ତି ଯେ ନବରଙ୍ଗପୁର ଜିଲ୍ଲା ଏକ କୃଷି ଭିତ୍ତିକ ଜିଲ୍ଲା । ବର୍ତ୍ତମାନ ରାଜ୍ୟ ସରକାର ପଟା ଥିବା ଓ ଆଇଡି ଥିବା ପଞ୍ଜିକରଣ କରିଥିବା ଚାଷୀଙ୍କୁ ସାର ମିଳିବ ବୋଲି ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ନିନ୍ଦନୀୟ । ସେହିପରି ପ୍ରଦୀପ ମାଝୀ କହିଛନ୍ତି ଦୀର୍ଘ ୩୦ ବର୍ଷ ଅପାର ଉଦ୍ୟମ ଯୋଗୁଁ ନବରଙ୍ଗପୁର ଜିଲ୍ଲା ସମଗ୍ର ଭାରତ ବର୍ଷରେ ସୁନାମ ଆଣିଥିବା ବେଳେ ସରକାରଙ୍କ ତୃଟିପୂର୍ଣ୍ଣ ପରିଚାଳନା ଯୋଗୁଁ ଚାଷୀଙ୍କ ଖରିଫ ଧାନ ଉଠି ପାରିଲା ନାହିଁ । ଚାଷୀ ଡିଜେଲ ପାଇଲେ ନାହିଁ । ସରକାରଙ୍କ ତୃଟିପୂର୍ଣ୍ଣ ନୀତି ଯୋଗୁଁ ୧ ଲକ୍ଷ ୨୮ ହଜାର ଚାଷୀ ଓ ୩ ଲକ୍ଷ ୮୦ ହଜାର କୃଷୀ ଶ୍ରମିକ ପ୍ରଭାବିତ ହେଲେ ଓ ସେମାନଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ ବୋଲି କହିବା ସହ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ଓ ଅନ୍ୟାନ୍ୟ ସାର ମହଜୁଦ ଥିବା ବେଳେ କାହିଁକି ବଣ୍ଟନ କରାଯାଉନାହିଁ ବୋଲି ପ୍ରଶ୍ନ କରିବା ସହ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏପରି କୃତ୍ରିମ ଅଭାବ ସୃଷ୍ଟି କରିବାପାଇଁ ଚାହୁଁଛନ୍ତି ବୋଲି କହିଛନ୍ତି । ଆଗାମୀ ୧୫ ଦିନ ମଧ୍ୟରେ ଯଦି ସାର ସମସ୍ୟାର ସମାଧାନ ନ ହୁଏ ତାହେଲେ, ବିଜେଡ଼ି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ରମେଶ ମାଝି, ବରିଷ୍ଠ ବିଜେଡି ନେତା ପ୍ରଦୀପ ମାଝୀ, ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଉମରକୋଟ ପୌର ଅଧ୍ୟକ୍ଷା ରାଧା ଭତରା, ନଗର ସଭାପତି ଚନ୍ଦନ ବେହେରା, କାଳୁ ପଣ୍ଡା, ଭିକି ନାୟକ, ତପନ ଦେବନାଥ ଓ ଅଜିତ ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।



## ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬

# ସେମିଫାଇନାଲରେ ନବରଙ୍ଗପୁର ବାଳକ, ବାଳିକା ଦଳ

ନବରଙ୍ଗପୁର, ୯ା୬(ସମିସ): ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିଅମ ଠାରେ ଚାଲିଥିବା ଜୋନାଲ ସ୍ତରୀୟ ୧୪ ବର୍ଷରୁ କମ୍ ଅନ୍ତଃ ଜିଲ୍ଲା ମୁଖ୍ୟ ମନ୍ତ୍ରୀ ଟ୍ରଫି-୨୬ ଚାମ୍ପିଅନ୍‌ସିପରେ ଉଭୟ ନବରଙ୍ଗପୁର ଜିଲ୍ଲା ବାଳକ ଏବଂ ବାଳିକା ଦଳ ଜୋନାଲ ଚାମ୍ପିୟନ୍ ହୋଇ ସେମି ଫାଇନାଲରେ ପ୍ରବେଶ କରିଛନ୍ତି । ଜୋନାଲ ସ୍ତରୀୟ ଫାଇନାଲ ମ୍ୟାଚରେ ବାଳକ ଦଳ କନ୍ଧମାଳ ଦଳକୁ ୨-୦ ଗୋଲରେ ପରାସ୍ତ କରିଥିବା ବେଳେ ବାଳିକା ଦଳ ଗଜପତି ଦଳକୁ ୬-୦ ଗୋଲରେ ପରାସ୍ତ କରିଥିଲେ । ସେମି ଫାଇନାଲ ଖେଳିବା ନିମନ୍ତେ ଦଳ ରାଉରକେଲା ଗସ୍ତ କରିଛି । ଦଳର କୋଚ ଭାବେ ସପନ ବୈରାଗି, ଫିରୋଜ ହିଆଲ ଓ ଲାଲୁ ହରିଜନ ଦାଇତ୍ୱ ନେଉଥିବା ବେଳେ ମେନେଜର ଭାବେ ଶଶାଙ୍କ ଶେଖର ବେହେରା ଏବଂ ଦୁର୍ଯ୍ୟ ହରିଜନ ଦାଇତ୍ୱ ନିର୍ବାହ କରୁଛନ୍ତି । ନବରଙ୍ଗପୁର ଉଭୟ ବାଳକ ଓ ବାଳିକା ଦଳର ଏହି ସଫଳତା ନବରଙ୍ଗପୁର ମାଟିକୁ ରାଜ୍ୟ ସ୍ତରରେ ଗର୍ବିତ କରିଛି । ଏହି ଖବର ପାଇବା ପରେ ନବରଙ୍ଗପୁର କ୍ରୀଡା ସଂଘର ସଭାପତି ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ, କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ.ବାଲା କୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରୀଡା ସମ୍ପାଦକ ଜ୍ୟୋତି ପରିଚ୍ଛା, ଇଣ୍ଡୋର ସମ୍ପାଦକ କୃଷ୍ଣ ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ୍, ମହିଳା ସମ୍ପାଦିକା ଇଁ. ଚନ୍ଦନା ମଲ୍ଲିକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ ସମେତ କ୍ରୀଡା ସଂଘର ଅନ୍ୟ ସମସ୍ତ ସଦସ୍ୟ ମାନେ ବାଳକ ଦଳକୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ ଯେ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲରେ ନବରଙ୍ଗପୁର ଜିଲ୍ଲା ବାଳକ ଦଳ ଯାଜପୁର ସହ ଏବଂ ବାଳିକା ଦଳ ଭୁବନେଶ୍ୱର ଦଳକୁ ଭେଟିବ ।



# ବୈପାରୀଗୁଡ଼ାରେ ଉଦ୍‌ଘାଟନ ହେଲା ରବି ମଣ୍ଡି

କୁନ୍ଦୁରା, ୯ା୬ (ସମିସ): ବୈପାରୀଗୁଡା ସଦର ମହକୁମା ସ୍ଥିତ ସାପ୍ତାହିକ ହାଟପଦା ଠାରେ ରବି ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି । ଚଳିତ ବର୍ଷ ମୋଟ ୧୭୮ ଚାଷୀଙ୍କ ନାମ ପୁଞ୍ଜିକରଣ ହୋଇଥିବା ବେଳେ ୧୪୦ ଚାଷୀଙ୍କ ଠାରୁ ପ୍ରାୟ ପାଞ୍ଚ ହଜାର ପାଞ୍ଚ ସହ ଧାନ କ୍ରୟ କରାଯିବ ବୋଲି ସୂଚନା ରହିଛି । କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ବୋଲି ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ କହିଛନ୍ତି । ବୈପାରୀଗୁଡା ବ୍ଲକବାସୀଙ୍କ ଧାନ କେବଳ ଗୋଟିଏ ମଣ୍ଡରୁ ଉଠିବ । ଏଥିପାଇଁ ଏସକେ ଇଣ୍ଡଷ୍ଟ୍ରି ଏବଂ ଗୋଲଡେନ ରାଇସ ମିଲ ଏହି ଧାନ କ୍ରୟ କରିବେ ବୋଲି ସୂଚନା ରହିଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ସରପଞ୍ଚ ସୂର୍ଯ୍ୟମଣି ନାୟକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ଆନା ଅଧ୍ୟକ୍ଷ ପବିତ୍ର କାନ୍ଦିଲିଆ, ସାଂସଦ ପ୍ରତିନିଧି ନରେନ୍ଦ୍ର କାନ୍ଦିଲିଆ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଚାନ୍ଦ ଶେଖର ରଥ, ବିଧାୟକ ପ୍ରତିନିଧି ଉମେଶ ପଟ୍ଟନାୟକ, ମନୋଜ ନାୟକ, ଚକ୍ର ବୌରାଗୀ, ବରିଷ୍ଠ ଚାଷୀ ହରିହର ହରିହର ରଗଡି, ଲ୍ୟାମ୍ପସ ଏମଡି ଏବଂ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।



# ଜିଲ୍ଲାରେ ବଢ଼ୁଛି ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗୀଙ୍କ ସଂଖ୍ୟା

## ରକ୍ତଚାପରେ ୫୧୧୯୫, ମଧୁମେହରେ ୨୭୦୦୯ ରୋଗୀ ଚିକିତ୍ସାଧୀନ

ରାୟଗଡ଼, ୯।୬(ସମିସ): ରାୟଗଡ ଜିଲ୍ଲାରେ ଦିନକୁ ଦିନ ବଢ଼ିଚାଲିଛି ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗୀଙ୍କ ସଂଖ୍ୟା। ପୂର୍ବରୁ ବୟସ୍କମାନଙ୍କ ମଧ୍ୟରେ ଅଧିକ ଦେଖାଯାଉଥିବା ଏହି ଦୁଇ ରୋଗ ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ମଧ୍ୟ ଚିନ୍ତାଜନକ ଭାବେ ବଢ଼ୁଛି। ଅନିୟମିତ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସ, ଫାଷ୍ଟଫୁଡ୍ ପ୍ରତି ଆକର୍ଷଣ, ଅଧିକ ମାନସିକ ଚାପ, ମଦ୍ୟପାନ ଓ ବ୍ୟାୟାମର ଅଭାବ ଏହି ରୋଗ ବୃଦ୍ଧିର ମୁଖ୍ୟ କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି। ରାୟଗଡ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସରକାରୀ ତଥ୍ୟ ଅନୁସାରେ ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ଜିଲ୍ଲାରେ ୫୧ ହଜାର ୧୯୫ ଜଣ ଉଚ୍ଚ ରକ୍ତଚାପ ରୋଗୀ ଚିକିତ୍ସାଧୀନ ଥିବାବେଳେ ୨୭ ହଜାର ୦୦୯ ଜଣ ମଧୁମେହ ରୋଗୀ ଚିହ୍ନଟ ହୋଇ ଚିକିତ୍ସିତ ହେଉଛନ୍ତି। ଗତ ୨୦୨୩-୨୪ ବର୍ଷରେ ଜିଲ୍ଲାରେ ୨୦୦୮୯୮ଟି ପରୀକ୍ଷା ହୋଇଥିବା ବେଳେ ୨୦୨୪-୨୫ରେ ୩, ୪୫୬୬ ଜଣଙ୍କ ପରୀକ୍ଷା ହୋଇଥିଲା।

| ବର୍ଷ | ପରୀକ୍ଷା | ଚିକିତ୍ସାଧୀନ ରୋଗୀ | |
|---|---|---|---|
| | | ଉଚ୍ଚ ରକ୍ତ ଚାପ | ମଧୁମେହ |
| ୨୦୨୩-୨୪ | ୨୦୦୮୯୮ | ୨୬୬୯୯ | ୧୨୯୪୬ |
| ୨୦୨୪-୨୫ | ୩୫୪୫୬୬ | ୩୫୭୫୧ | ୧୮୭୪୦ |
| ୨୦୨୫-୨୬ | ୪୦୧୨୨୯ | ୫୧୧୯୫ | ୨୭୦୦୯ |

ଯାହାକି ପୂର୍ବ ବର୍ଷ ଅପେକ୍ଷା ୧୫୩୬୬୮ଟି ଅଧିକ ପରୀକ୍ଷା କରାଯାଇଥିଲା। ସେହିପରି ୨୦୨୫-୨୬ ବର୍ଷରେ ୪୦୧୨୨୯ ଜଣଙ୍କ ପରୀକ୍ଷା କରାଯାଇଥିଲା । ଯାହାକି ତାର ପୂର୍ବ ବର୍ଷ ପରୀକ୍ଷା ତୁଳନାରେ ୪୬୬୬୩ଟି ଅଧିକ ଜଣଙ୍କ ପରୀକ୍ଷା ହୋଇଥିଲା। ସେହିପରି ଗତ ୨୦୨୩-୨୪ ବର୍ଷରେ ଜିଲ୍ଲାରେ ୨୬୬୯୯ ଜଣ ଉଚ୍ଚ ରକ୍ତଚାପ ରୋଗୀ ଚିକିତ୍ସା ହେଉଥିବା ବେଳେ ୨୦୨୪-୨୫ବର୍ଷରେ ୩୫୭୫୧ଜଣ ରୋଗୀ ଚିକିତ୍ସା ହୋଇଥିବା ବେଳେ ଏଥିରେ ୯୦୫୨ଜଣ ରୋଗୀ ଅଧିକ ଚିକିତ୍ସା ହୋଇଥିଲେ। ୨୦୨୫-୨୬ବର୍ଷରେ ଗତ ବର୍ଷ ଅପେକ୍ଷା ୧୫, ୪୪୪ଜଣ ଅଧିକା ରୋଗୀ ଚିକିତ୍ସା ହୋଇଥିବା ବେଳେ ୫୧୧୧୯ ଜଣ ରୋଗୀ ଚିକିତ୍ସା ହେଉଛନ୍ତି। ସେହିପରି ଗତ ୨୦୨୩-୨୪ ବର୍ଷରେ ଜିଲ୍ଲାରେ ୧୨୯୪୬ଜଣ ମଧୁମେହ ରୋଗୀ ଚିକିତ୍ସା ହେଉଥିବା ବେଳେ ୨୦୨୪-୨୫ବର୍ଷରେ ୧୮୭୪୦ଜଣ ରୋଗୀ ଚିକିତ୍ସା ହୋଇଛନ୍ତି। ଏହି ଚିକିତ୍ସାରେ ୫୭୯୪ଜଣ ଅଧିକ ରୋଗୀ ଚିକିତ୍ସା ନେଇଥିଲେ। ୨୦୨୫-୨୬ବର୍ଷରେ ଗତ ବର୍ଷ ଅପେକ୍ଷା ୮୨୬୯ ଜଣ ଅଧିକ ରୋଗୀ ଚିକିତ୍ସା ହୋଇଥିବା ବେଳେ ମୋଟ ୨୭୦୦୯ ଜଣ ରୋଗୀ ଚିକିତ୍ସା ହେଉଛନ୍ତି। ଏହି ସଂଖ୍ୟା କେବଳ ସରକାରୀ ହସ୍ପିଟାଲ ଓ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁମୋଦ ହୋଇଥିବା ରୋଗୀଙ୍କ ତଥ୍ୟକୁ ଆଧାର କରି ପ୍ରସ୍ତୁତ ହୋଇଥିବାରୁ ପ୍ରକୃତ ସଂଖ୍ୟା ଏହାଠାରୁ ଅଧିକ ହେବା ଆଶଙ୍କା କରାଯାଉଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାରେ ଏହି ଅଣ ସଂକ୍ରାମକ ରୋଗର ନିରାକରଣ ପାଇଁ ୧୩ଟି ଏନ୍‌ସିଡ଼ି କ୍ଲିନିକ ସ୍ଥାପନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି କ୍ଲିନିକ କାର୍ଯ୍ୟକ୍ଷମ ହେଉଛି। ଏଥିରେ ମଧୁମେହ, ଉଚ୍ଚ ରକ୍ତଚାପ, ମୁଖ କର୍କଟ, ସ୍ତନ କର୍କଟ ଓ ସାର୍ଭାଇକଲ କର୍କଟ ଭଳି ୫ଟି ରୋଗ ପାଇଁ ପରାମର୍ଶ ଦିଆଯାଇଥାଏ ବୋଲି ସରକାରୀ ତଥ୍ୟ ପ୍ରକାଶ କରୁଛି । ତେବେ ଏହି ରୋଗର ନିରାକରଣ ପାଇଁ ଜିଲ୍ଲାର ବିଭିନ୍ନ ବେସରକାରୀ ହସ୍ପିଟାଲ, କ୍ଲିନିକ ଓ ଡାଇଗ୍ନୋଷ୍ଟିକ ସେଣ୍ଟରରେ ପ୍ରତିଦିନ ବହୁ ସଂଖ୍ୟକ ଲୋକ ଉଚ୍ଚ ରକ୍ତଚାପ ଓ ସୁଗାର ଯାଞ୍ଚ ପାଇଁ ଆସୁଥିବା ଜଣାପଡ଼ିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଶୁଳ୍କ ରକ୍ତଚାପ ଓ ସୁଗର ପରୀକ୍ଷା କରାଯାଉଥିବା ବେଳେ ଲୋକଙ୍କୁ ସଚେତନ କରିବା ପାଇଁ ମଧ୍ୟ ଅଭିଯାନ ଚାଲିଛି। ଡାକ୍ତରମାନେ ନିୟମିତ ବ୍ୟାୟାମ, ସକାଳେ ଉଠିବା, ସନ୍ତୁଳିତ ଖାଦ୍ୟ ଗ୍ରହଣ, ଅଧିକ ତେଲ ଓ ମିଠା ଖାଦ୍ୟରୁ ଦୂରେଇ ରହିବା ସହ ମାନସିକ ଚାପକୁ ନିୟନ୍ତ୍ରଣରେ ରଖିବାକୁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ସମୟରେ ରୋଗ ଚିହ୍ନଟ ଓ ସଚେତନତା ହିଁ ଏହି ଦୁଇ ନିରବ ଘାତକ ରୋଗକୁ ନିୟନ୍ତ୍ରଣ କରିବାର ସବୁଠୁ ବଡ଼ ଉପାୟ ହୋଇପାରିବ।

# ବିଧାୟକଙ୍କ ନାମରେ ଟଙ୍କା ଆଦାୟ ଅଭିଯୋଗ



ମାଲକାନଗିରି, ୯।୬(ସମିସ): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ମାଡକାପଦର ପଞ୍ଚାୟତ ଅଞ୍ଚଳରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଓ ତାଙ୍କ ବ୍ଲକସ୍ତରୀୟ ବିଧାୟକ ପ୍ରତିନିଧିଙ୍କ ନାମରେ ବିଭିନ୍ନ କାର୍ଯ୍ୟ ପାଇଁ ଟଙ୍କା ଆଦାୟ କରାଯାଇଥିବା ନେଇ କିଛି ଲୋକ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ସମେତ ବିଭିନ୍ନ ଉନ୍ନୟନମୂଳକ ଓ ଠିକା କାର୍ଯ୍ୟ ଦେବା ନାଁରେ କେତେକଙ୍କ ଠାରୁ ଟଙ୍କା ନିଆଯାଇଥିବା ବେଳେ ଅନ୍ୟ କେତେକ ହୋମଗାର୍ଡ ଚାକିରି ଦେବା ପ୍ରତିଶ୍ରୁତିରେ ଅର୍ଥ ପ୍ରଦାନ କରିଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ବିଭିନ୍ନ ବ୍ୟକ୍ତି ସାମ୍ନାକୁ ଆସି ନିଜ ଅଭିଯୋଗ ପ୍ରକାଶ କରିଛନ୍ତି। ତେବେ ଏହି ସମସ୍ତ ଅଭିଯୋଗକୁ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ନାମରେ ଆଣାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ କପୋଳକଳ୍ପିତ, ଭିତ୍ତିହୀନ ଓ ମିଥ୍ୟା। ଏହା ତାଙ୍କ ଛବିକୁ କ୍ଷୁଣ୍ଣ କରିବା ସହ ରାଜନୈତିକ ଫାଇଦା ହାସଲ କରିବା ଉଦ୍ଦେଶ୍ୟରେ କିଛି

**● ଖଣ୍ଡନ କଲେ ମଙ୍ଗୁ ଖିଲ**

ଲୋକଙ୍କ ଦ୍ୱାରା ରଚିତ ଏହା ଅପପ୍ରଚାର । ବିଧାୟକ ଆହୁରି କହିଛନ୍ତି ଯେ, ଖଇରପୁଟ ବ୍ଲକରେ ପୂର୍ବରୁ ଦାୟିତ୍ୱରେ ଥିବା ବିଧାୟକ ପ୍ରତିନିଧିଙ୍କ ବଦଳି ପରେ ହଠାତ୍ ଏପରି ଅଭିଯୋଗ ସାମ୍ନାକୁ ଆସିବା ପଛରେ ଏକ ସୁଚିନ୍ତିତ ଷଡଯନ୍ତ୍ର ଥାଇପାରେ। ଏହି ଘଟଣାରେ ତାଙ୍କ ନିଜ ଦଳର କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ମଧ୍ୟ ସେ ସନ୍ଦେହ ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଅଭିଯୋଗର ସତ୍ୟାସତ୍ୟ ନେଇ ତଦନ୍ତ ହେଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

**● ବଜାଜ୍ ସୋ-ରୁମ୍ କାନ୍ଥ ଭାଙ୍ଗି ବାଇକ୍ ଚୋରି**

# ୨ ନାବାଳକ ଅଟକ, ବାଇକ୍ ଉଦ୍ଧାର

କାଳିମେଳା, ୯।୬(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବାଜାଜ୍ ସୋରୁମ୍ କାନ୍ଥ ଭାଙ୍ଗି ମୋଟରସାଇକେଲ୍ ଚୋରି ଘଟଣାରେ ଦୁଇ ନାବାଳକ ଗିରଫ ହୋଇଥିବା ବେଳେ ପୁଲିସ ମାତ୍ର ୨୪ ଘଣ୍ଟା ମଧ୍ୟରେ ଚୋରି ହୋଇଥିବା ବାଇକ୍‌କୁ ଜବତ କରିବାରେ ସଫଳ ହୋଇଛି।



ସୂଚନା ଅନୁଯାୟୀ ଗତ ୬ ତାରିଖ ଦିନ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବାଜାଜ୍ ସୋରୁମର ପଛପଟ କାନ୍ଥକୁ କୌଣସି ଶାବଳ ବା ଭାରି ଯନ୍ତ୍ରାଂଶ ସାହାଯ୍ୟରେ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ସୋ'ରୁମ ଭିତରେ ରଖାଯାଇଥିବା ଏକ ନୂତନ ପଲସର ମଟରସାଇକେଲକୁ ସେମାନେ ଅତି ଚତୁରତାର ସହ ଚୋରି କରିବା ସହ ଅନ୍ୟ ସବୁ ବାଇକ୍ ଗୁଡ଼ିକର ଚାବି ନେଇ ଫେରାର୍ ହୋଇଯାଇଥିଲେ। ସକାଳେ ସୋ'ରୁମ ମାଲିକ ଓ କର୍ମଚାରୀ ଆସି କାନ୍ଥ ଭାଙ୍ଗିଥିବା ଏବଂ ବାଇକ୍ ଗାଏବ ଥିବା ଦେଖି କାଳିମେଳା ଥାନାରେ ଏକ ଲିଖିତ ଅଭିଯୋଗ ଦାଏର କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ୧୩୩/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋ-ରୁମ୍ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଏବଂ ବିଶେଷ ସୂତ୍ରରୁ ମିଳିଥିବା ଖବରକୁ ଆଧାର କରି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ତଦନ୍ତ ସମୟରେ ଏହି ଚୋରି ପଛରେ ଦୁଇଜଣ ନାବାଳକଙ୍କ ସଂପୃକ୍ତି ଥିବା ଜଣାପଡ଼ିଥିଲା। ପୁଲିସର ସଫଳ ରଣନୀତି ଯୋଗୁଁ ଚୋରିର ମାତ୍ର ୨୪ ଘଣ୍ଟା ମଧ୍ୟରେ ମୋଟରସାଇକେଲକୁ ଏମଭି-୮୧ ଅଞ୍ଚଳରୁ ଜବତ କରାଯାଇଥିବା ବେଳେ ଦୁଇ ଜଣ ନାବାଳକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା କାଳିମେଳା ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି।

**● 'କାଳବୈଶାଖି'ର ତାଣ୍ଡବ**

# ପବନରେ ଉଡ଼ିଲା ଘରର ଛପର

ଟିକିରି, ୯।୬(ସମିସ): ମଙ୍ଗଳବାର ଅପରାହ୍ନରେ କାଳବୈଶାଖିର ପ୍ରଭାବରେ ଜୋରରେ ପବନ ବର୍ଷା ହେବା ଫଳରେ ରାୟଗଡ଼ ଜିଲ୍ଲା କାଶିପୁର ବ୍ଲକ ଟିକିରି ପଞ୍ଚାୟତ କୋରାପୁଟ ସାହିର ମୋନଜ ନାଏକଙ୍କ ଘରର ଆଜବେଷ୍ଟସ୍



ପବନରେ ଉଡିଯାଇଥିବାରୁ ଘର ଭିତରକୁ ପାଣି ପଶି ଯାଇଛି। ଘରେ ରହିଥିବା ଧାନ, ଚାଉଳ, ପିଲା ମାନଙ୍କ ବହିପତ୍ର ସହ ଅନେକ ଆବଶ୍ୟକ ସାମଗ୍ରୀ ନଷ୍ଟ ହୋଇଯାଇଛି। ଅଳ୍ପକେ ବର୍ତିଲେ ଘର ଭିତରେ ଥିବା ପରିବାରର ୪ ଜଣ ସଦସ୍ୟ। ଆଜବେଷ୍ଟସ୍ ଉଡ଼ାଇଦେଲା ପରେ ସେମାନେ ବାହାରକୁ ବାହାରି ପଡୋଶୀ ଘରେ ଆଶ୍ରୟ ନେଇଥିଲେ। ଏହି ପରିସ୍ଥିତିରେ ଗ୍ରାମବାସୀମାନେ ପ୍ରଭାବିତ ପରିବାରକୁ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଜୟ ଶ୍ରୀରାମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ମାରିଗୁଡ଼ା ବିଜୟୀ



କାଳିମେଳା, ୯।୬(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମଭି -୭୯ ହାଇସ୍କୁଲ ଖେଳ ପଡ଼ିଆରେ ଜୟ ଶ୍ରୀରାମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତାଣ୍ଡବାଇ ସରପଞ୍ଚ ସତ୍ୟ ମାଡକାମୀ, ପବିତ୍ର ରାୟ, ଗୌର ମଜୁମଦାର, ବିଧାୟକ ପ୍ରତିନିଧି ହରବିଳାଶ ମଣ୍ଡଳ, ଏସବିଆଇ ବ୍ୟାଙ୍କ ମ୍ୟାନେଜର ଏବଂ ସମାଜସେବୀ ନାରାୟଣ ସରକାର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ୍ ମାରୀଗୁଡା ଓ ସିଖପଲ୍ଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଖପଲ୍ଲି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂର ନିଷ୍ପତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ କରିଥିବା ବେଳେ ମାରୀଗୁଡା ଦଳ ୧୦ ଓଭରରେ ୯ ଉଇକେଟ ହରାଇ ୯୨ ରନ କରି ବିଜୟ ହାସଲ କରିଥିଲା। ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ଏମଭି -୭୯ ସବାରୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ପ୍ରତିଯୋଗିତାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥିଲା। ଆଗାମୀ ଦିନରେ ଅଧିକ ରୋମାଞ୍ଚକର ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ଆୟୋଜକ କମିଟି ସୂଚନା ଦେଇଛି।

## ମାଲକାନଗିରି ପ୍ରଶାସନର ତତ୍କାଳ ପଦକ୍ଷେପ

# କତାପାଲି କଲୋନୀରେ ଜଳ ସଙ୍କଟର ସମାଧାନ

ମାଲକାନଗିରି, ୯।୬(ସମିସ): ଜନସାଧାରଣଙ୍କ ପ୍ରତିଟି ସମସ୍ୟାର ସମାଧାନ ଏବଂ ସେମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ସଦାସର୍ବଦା ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି। ଏହି କ୍ରମରେ ଜିଲ୍ଲା ପ୍ରଶାସନର ଲୋକାଭିମୁଖୀ କାର୍ଯ୍ୟଧାରାର ଆଉ ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କୋରକୁଣ୍ଡା ବ୍ଲକ ଅନ୍ତର୍ଗତ କତାପାଲି କଲୋନୀରେ। ଗ୍ରାମବାସୀଙ୍କ ଦୀର୍ଘଦିନର ପାନୀୟ ଜଳ ସମସ୍ୟାକୁ ଅତି ଗମ୍ଭୀରତାର ସହ ନେଇ ପ୍ରଶାସନ ପକ୍ଷରୁ ରେକର୍ଡ ସମୟ ମଧ୍ୟରେ ଏକ ନୂତନ ନଳକୂପ ସ୍ଥାପନ କରାଯାଇଛ। ଯାହା ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ ଆଶ୍ୱସ୍ତି



ଆଣିଦେଇଛି। ପ୍ରାୟ ୨,୦୦୦ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏବଂ ୧୨୧ ପରିବାର ବସବାସ କରୁଥିବା ଏହି ବୃହତ ଗ୍ରାମରେ ପୂର୍ବରୁ ମାତ୍ର ୬ଟି ନଳକୂପ ରହିଥିଲା। ଗ୍ରାମର ଜନସଂଖ୍ୟା ତୁଳନାରେ ଏହି ଉତ୍ସଗୁଡ଼ିକ ଯଥେଷ୍ଟ ନଥିବାରୁ ବିଶେଷ କରି ଗ୍ରୀଷ୍ମ ଋତୁରେ ଲୋକମାନେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରାଯିବା ମାତ୍ରେ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିଲା। ଜିଲ୍ଲାପାଳଙ୍କ ସୂଚନା ଏବଂ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ଗ୍ରାମର ଭୂତଳ ଜଳ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ ଦଳ ତୁରନ୍ତ କତାପାଲି କଲୋନୀ ଗସ୍ତ କରିଥିଲେ। ସର୍ଭେ କାର୍ଯ୍ୟ ଶେଷ ହେବା ମାତ୍ରେ ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଯୁଦ୍ଧକାଳୀନ ଭିତ୍ତିରେ ଏକ ନୂତନ ନଳକୂପ ଖନନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରଶାସନର ସଠିକ୍ ପରିଚାଳନା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅତି କମ୍ ସମୟ ମଧ୍ୟରେ ଏହି ହ୍ୟାଣ୍ଡ ପମ୍ପଟିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇପାରିଛି। ବର୍ତ୍ତମାନ କଲୋନୀର ସମସ୍ତ ପରିବାର ନିଜ ଘର ପାଖରେ ସ୍ୱଚ୍ଛ, ନିରାପଦ ଓ ବିଶୁଦ୍ଧ ପାନୀୟ ଜଳ ପାଇବା ଆରମ୍ଭ କରିଛନ୍ତି, ଯାହା ସେମାନଙ୍କର ଦୈନନ୍ଦିନ ଜୀବନଧାରଣକୁ ବହୁତ ସହଜ କରିଦେଇଛି। ଜନସାଧାରଣଙ୍କ ସୁଖଦୁଃଖରେ ସାମିଲ ହୋଇ ପ୍ରଶାସନ ଯେଉଁଳି ସକାରାତ୍ମକ ଓ ଦ୍ରୁତ ପଦକ୍ଷେପ ଗ୍ରହଣ କଲେ, ସେଥିପାଇଁ କତାପାଲି କଲୋନୀର ସମସ୍ତ ଗ୍ରାମବାସୀ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଓଡ଼ିଶା ଝିଅଙ୍କୁ ସ୍ୱର୍ଣ୍ଣ ପଦକ




ସେମିଳିଗୁଡା, ୯।୬ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାର ଉତ୍କଳ କରାଟେ ସ୍କୁଲ୍‌ର ଆକାଂକ୍ଷା ମହାନ୍ତି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦେହରାଡୁନ୍‌ରେ ଜୁନ୍ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଉପକନିଷ୍ଠ-କ୍ୟାଡେଟ୍-ଜୁନିଅର ଜାତୀୟ କରାଟେ ଚାମ୍ପିଅନ୍‌ସିପ୍ ୨୦୨୬ର ୧୦ ବର୍ଷ ବାଳିକା ବ୍ୟକ୍ତିଗତ କାଟା ବିଭାଗରେ ଆକାଂକ୍ଷା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳକୁ ପ୍ରତିନିଧିତ୍ୱ କରୁଥିବା ଆକାଂକ୍ଷାଙ୍କୁ ପ୍ରଶିକ୍ଷକ ରାଜେନ୍ଦ୍ର କେଶରୀ ସାମଲ ମାର୍ଗଦର୍ଶନ କରିଥିଲେ। ସେ ଓଡ଼ିଶା ଦଳ ସହିତ ଜାତୀୟ ପ୍ରତିଯୋଗିତାକୁ ଯାଇଥିଲେ ଏବଂ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସିତ ହୋଇଛନ୍ତି। କୋରାପୁଟ ଜିଲ୍ଲାରୁ ଅଭିନନ୍ଦନର ସୁଅ ଛୁଟିଛି। ଓଡ଼ିଶା ରାଜ୍ୟ କରାଟେ ଡୁ ସଂଘର ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରୀ ମହାନ୍ତି, କୋରାପୁଟ ଜିଲ୍ଲା କରାଟେ ସଂଘର ସମ୍ପାଦକ ସେନ୍‌ସେଇ ଦୁର୍ଗା ପ୍ରସାଦ ରଥ ଏବଂ ଉତ୍କଳ କରାଟେ ସ୍କୁଲ୍‌ର ସଭାପତି ମନୋଜ ପଟ୍ଟନାୟକ, ଆକାଂକ୍ଷା ଓ ପ୍ରଶିକ୍ଷକ ସାମଲଙ୍କୁ ରାଜ୍ୟକୁ ଗୌରବାନ୍ୱିତ କରିଥିବାରୁ ପ୍ରଶଂସା କରିଛନ୍ତି।

# ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତିରେ ବିଭିନ୍ନ କାର୍ଯ୍ୟକ୍ରମ




ନବରଙ୍ଗପୁର, ୯।୬(ସମିସ): ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଏବଂ ସଫଳ ଶାସନ ଓ ବିକାଶ ମୂଳକ ଉପଲବ୍‌ଧିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଓ ଜନ ସଂପୃକ୍ତି କାର୍ଯ୍ୟକ୍ରମ ଆୟୋଜନ କରିବା ସକାଶେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋଡର୍ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ବିଧାୟକ ଝରିଗାଁ ନରସିଂହ ଭତରା, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଡ. ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ଚନ୍ଦ୍ର ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର , ସମାଜସେବୀ କୁଞ୍ଜ ବିହାରୀ ଦାସ , ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ସମସ୍ତଙ୍କୁ ସ୍ୱାଗତ କରି ଆଗାମୀ କାର୍ଯ୍ୟକ୍ରମର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ ଓ ପ୍ରସ୍ତୁତି ଉପରେ କହିଥିଲେ। ଜିଲ୍ଲାପାଳ ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ ଏହାର ସଫଳ ରୂପାୟନ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଓ ବିଡିଓ ଉପସ୍ଥିତ ଥିଲେ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି; ବ୍ଲକ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ

ନନ୍ଦାହାଣ୍ଡି, ୯।୬(ସମିସ): ନବରଙ୍ଗପୁର ପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଆଜି ସ୍ଥାନୀୟ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ନିଜଟ୍ ପରୀକ୍ଷା ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡିତ ଥିବାବେଳେ ପରୀକ୍ଷା ପତ୍ର ଲିକ୍ ଭଳି ଘଟଣା ଶିକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଓ ବିଶ୍ୱସନୀୟତା ଉପରେ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ର ସରକାର ଏହାକୁ ରୋକିବାରେ ବିଫଳ ହୋଇଛନ୍ତି। ତେଣୁ ନୈତିକ ଦାୟତ୍ୱ ଆଧାରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ପ୍ରଦାନ କରିବାକୁ ସେ ଦାବି କରିଥିଲେ। ନନ୍ଦାହାଣ୍ଡି ବ୍ଲକର ସମସ୍ତ ଗ୍ରାମରେ ଦୀର୍ଘ ମାସ ଧରି ବୃଦ୍ଧ ଭତ୍ତା, ବିଧବା ଭତ୍ତା ଓ ବିକଳାଙ୍ଗ ଭତ୍ତା ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯାଇନାହିଁ। ଫଳରେ ଅନେକ ଗରିବ, ଅସହାୟ ଓ ନିରାଶ୍ରୟ ପରିବାର ଆର୍ଥିକ ସଙ୍କଟ ମଧ୍ୟରେ ଜୀବନ ବିତାଉଛନ୍ତି। ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଅତିଷ୍ଠ ହୋଇପଡ଼ିଛି। ଚାଷୀ ମାନଙ୍କ ରବି ଧାନ ବିଭିନ୍ନ ଧାନମଣ୍ଡିରେ ଦୀର୍ଘ ଦିନ ଧରି ପଡ଼ି ରହିଥିବାରୁ ଚାଷୀମାନେ ନିଜ ପ୍ରାପ୍ୟ ଅର୍ଥ ପାଇବାରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ଅନେକ ସ୍ଥାନରେ ଧାନ ନଷ୍ଟ ହେବାର ଆଶଙ୍କା ମଧ୍ୟ ଦେଖାଦେଇଛି। ବେଆଇନ ମଦ ବିକ୍ରି ଫଳରେ ଅନେକ ପରିବାର ଆର୍ଥିକ ଓ ସାମାଜିକ ଭାବେ କ୍ଷତିଗ୍ରସ୍ତ ହେବା ସହ ଯୁବପିଢ଼ି ଭ୍ରଷ୍ଟ ପଥକୁ ଗତି କରୁଛନ୍ତି। ଏହି ଅବୈଧ କାରବାର



ଉପରେ କଠୋର ରୋକ ଲଗାଇବା ଏବଂ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଏଭଳି ଦାବି କରିଛି କଂଗ୍ରେସ। ଯଦି ଏହା କରା ନ ଯାଏ ତେବେ ଆସନ୍ତା ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାଇ ଦିଆଯାଇଛି।

## ମନରେଗା ଦୁର୍ନୀତିର ଖୋଲତାଡ଼


# ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

କାଳିମେଳା, ୯।୬(ସମିସ): ମାଲକାନଗିରି ଜିଲ୍ଲା ଭେଙ୍କଟପଲମ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଖୋଲତାଡ଼ ଆରମ୍ଭ ହୋଇଛି। ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରାଯାଇ ଘଟଣାର ଆଧିକାରିକ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଯୋଗ୍ୟ ଯେ ସ୍ଥାନୀୟ ଅଞ୍ଚଳର ଶ୍ରମିକମାନେ କାମ ନକରି ମଧ୍ୟ ସେମାନଙ୍କ ନାମରେ ମିଥ୍ୟା ମାଷ୍ଟର ରୋଲ୍ ପ୍ରସ୍ତୁତ କରାଯିବା, କାଗଜପତ୍ରରେ ପ୍ରକଳ୍ପ ଦେଖାଇ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଆତ୍ମସାତ କରାଯାଇଥିବା, ମେସିନ୍ ବ୍ୟବହାର ଏବଂ ଶ୍ରମିକଙ୍କ ବଦଳରେ ଅଣ-ଶ୍ରମିକଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିବା ସ୍ଥାନୀୟ ଲୋକେ ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ଅଭିଯୋଗକାରୀଙ୍କ ଲିଖିତ ଆପତ୍ତି ପରେ ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏହାକୁ ଗମ୍ଭୀରତାର ସହ ନେଇ ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରିବା ସହ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି



ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ନୀତିରେ ସଂପୃକ୍ତ ଥିବା କୌଣସି ବି ଅଧିକାରୀ ବା ଦଲାଲଙ୍କୁ ଛଡ଼ାଯିବ ନାହିଁ, ସେମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ଓ ତଦନ୍ତକାରୀ ଦଳ ସଂପୃକ୍ତ ପଞ୍ଚାୟତରେ ପହଞ୍ଚି ନିର୍ମାଣାଧୀନ ପ୍ରକଳ୍ପର ସ୍ଥିତି ଯାଞ୍ଚ କରିଛନ୍ତି। ଏହା ସହିତ ସ୍ଥାନୀୟ ଜୀବିକା ସହାୟକ ଏବଂ ସରପଞ୍ଚଙ୍କୁ ମଧ୍ୟ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ବ୍ୟାଙ୍କ ଆକାଉଣ୍ଟ କାରବାର ଏବଂ ଜବ୍ କାର୍ଡଧାରୀଙ୍କ ବୟାନକୁ ଆଧାର କରି ଖୁବ୍ ଶୀଘ୍ର ଏକ ବିସ୍ତୃତ ରିପୋର୍ଟ ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ସାଧାରଣ ଲୋକେ ସ୍ୱଚ୍ଛ ତଦନ୍ତ ଦାବି କରିଛନ୍ତି।

# ସମ୍ପାଦକୀୟ



ଅନ୍ଧ ଭାବରେ କୌଣସି ପ୍ରସଙ୍ଗକୁ ବିଶ୍ୱାସ ନ କରି ତାହାର ଗୂଢ଼ ତତ୍ତ୍ୱକୁ ବୁଝିବା ଦିଗରେ ଅଟଳ ରହିବା ଉଚିତ।
- ଜେ. କୃଷ୍ଣମୂର୍ତ୍ତି

ସକାଳ
THE SAKALA

## ସରକାରୀ ଡାକ୍ତରଖାନା କାହା ପାଇଁ?

ଓଡ଼ିଶା ମନ୍ତ୍ରିପରିଷଦର ଜନୈକ ସଦସ୍ୟ ପେଟ ଯନ୍ତ୍ରଣାର ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହେବାର ଖବର ଗଣମାଧ୍ୟମରେ ସ୍ଥାନ ପାଇଛି। ଶାସନ କ୍ଷମତାରେ ଥିବା କୌଣସି ଦଳର କିମ୍ବା ମନ୍ତ୍ରିପରିଷଦର ସଦସ୍ୟମାନେ ମାମୁଲି ଚିକିତ୍ସା ପାଇଁ ମଧ୍ୟ ଘରୋଇ ଡାକ୍ତରଖାନାକୁ ପସନ୍ଦ କରିବା ଏବଂ ସେଠାରେ ଚିକିତ୍ସିତ ହେବା ନୂଆ ଘଟଣା ନୁହେଁ। ସାଧାରଣ ଜଣାପଡୁଥିବା ଏହି ଖବର ପଛରେ କିନ୍ତୁ ଅନେକ ଗହନ ପ୍ରଶ୍ନ ଉଙ୍କି ମାରୁଛି। ଯେଉଁ ପ୍ରଶ୍ନଟି ପ୍ରଥମେ ଜଣେ ସାଧାରଣ ଲୋକଙ୍କର ମନକୁ ଆସୁଛି, ତାହା ହେଉଛି ସରକାର ଚଳାଉଥିବା ବ୍ୟକ୍ତିତ୍ୱମାନଙ୍କର ସରକାରୀ ଅନୁଷ୍ଠାନ ଉପରେ ଭରସା ରହୁନାହିଁ କାହିଁକି? ଏହି ଉତ୍ତରବିହୀନ ପ୍ରଶ୍ନ ପଛକୁ ପଛ ଆସୁଥିବା ଆହୁରି କେତେକ ପ୍ରଶ୍ନ ହେଉଛି, ଯେତେବେଳେ ନିଜେ ଗଢ଼ିଥିବା ବ୍ୟବସ୍ଥା ଉପରେ ସରକାରୀ କଳର ବିଶ୍ୱାସ କିମ୍ବା ଭରସା ରହୁନାହିଁ ସାଧାରଣ ଲୋକେ ବିଶ୍ୱାସ କରିବେ କେମିତି? ସରକାରୀ ଲୋକମାନେ ସାଧାରଣ ଲୋକଙ୍କ ଜୀବନକୁ ତୁଚ୍ଛ ମଣୁ ନାହାନ୍ତି କି? ଯେଉଁମାନଙ୍କ ଭୋଟ ବଳରେ ସରକାର ଗଢ଼ିଛନ୍ତି ବା କ୍ଷମତାକୁ ଆସିଛନ୍ତି ସେମାନଙ୍କୁ କେବଳ ନିରାମୟ ଔଷଧ ଓ ମାଗଣା ନିଦାନରେ ସନ୍ତୁଷ୍ଟ କରି ନିଜ କର୍ତ୍ତବ୍ୟ ସରିଗଲା ବୋଲି ନେତାମନ୍ତ୍ରୀମାନେ ଭାବୁନାହାନ୍ତି କି?

ଉପରୋକ୍ତ ସମସ୍ତ ପ୍ରଶ୍ନର ଉତ୍ତର ଅସ୍ତିବାଚକ। କିନ୍ତୁ ସରକାରଙ୍କ ବ୍ୟାଖ୍ୟାନ କିମ୍ଭୂତକିମାକାର ଏବଂ ଜନତା ନିର୍ବିକାର। ଏହି କାରଣରୁ ସରକାରୀ ଡାକ୍ତରଖାନାମାନଙ୍କର ସର୍ବନିମ୍ନ ମୌଳିକ ଚିକିତ୍ସା ସୁବିଧା ଦିନକୁ ଦିନ ହ୍ରାସ ପାଇ ଚାଲିଥିବା ବେଳେ ଘରୋଇ ଡାକ୍ତରଖାନାମାନଙ୍କର ସଂଖ୍ୟା ବଢ଼ି ଚାଲିଛି। ସରକାରୀ ଡାକ୍ତରଖାନାଗୁଡ଼ିକରେ ଅତ୍ୟାଧୁନିକ ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ପାଖରେ ସମ୍ବଳର ଅଭାବ ନାହିଁ। କିନ୍ତୁ ଯଦି ସରକାରୀ ଡାକ୍ତରଖାନାଗୁଡ଼ିକରେ ସବୁପ୍ରକାର ଚିକିତ୍ସା ସୁବିଧାସୁଯୋଗ ମିଳିଯିବ ଘରୋଇ ଡାକ୍ତରଖାନାଗୁଡ଼ିକର ବ୍ୟବସାୟ ଚାଲିବ କେମିତି? ଘରୋଇ ଡାକ୍ତରଖାନାମାନଙ୍କରେ ନେତାମନ୍ତ୍ରୀମାନଙ୍କର ବିପୁଳ ପରିମାଣର କଳାଧନ ନିବେଶ ହୋଇଥିବା ଅଭିଯୋଗ ହୋଇଆସୁଛି। ଯଦି ଏହି ଅଭିଯୋଗ ସତ ହୋଇଥାଏ ତେବେ ସରକାରୀ ଡାକ୍ତରଖାନାରେ କସ୍ମିନ୍‌କାଳେ ସୁଧାର ଆସିବ ନାହିଁ। କାରଣ ଲୋକେ ଘରୋଇ ଡାକ୍ତରଖାନା ମୁହାଁ ନ ହେଲେ ନିବେଶ ହୋଇଥିବା କଳାଧନରୁ ଲାଭାଂଶ ମିଳିବ ନାହିଁ। ଘରୋଇ ଡାକ୍ତରଖାନା ଓ ନେତାମନ୍ତ୍ରୀଙ୍କ ଭିତରେ ମଧୁଚନ୍ଦ୍ରିକା ଥିବା ପର୍ଯ୍ୟନ୍ତ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶରେ ସରକାରୀ ଡାକ୍ତରଖାନା କେବଳ ମଲିମୁଣ୍ଡିଆଙ୍କ ପାଇଁ ଭାଗ୍ୟ ଓ ଶେଷ ଭରସା ହୋଇ ରହିଯିବା ସାର ହେବ।

ଓଡ଼ିଶାରେ ସରକାରୀ ଚିକିତ୍ସା ସେବାକୁ କିଭଳି ପଙ୍ଗୁ କରିବାର ଚକ୍ରାନ୍ତ ହେଉଛି ସେ ସମ୍ପର୍କରେ ଦୃଷ୍ଟି ଦିଆଯାଉ। ଗତ ସରକାର ଅମଳରେ ଏମ୍‌ବିବିଏସ୍ ବା ଡାକ୍ତରୀ ପାସ୍ କରୁଥିବା ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ତତ୍କାଳ ଚୁକ୍ତିଭିତ୍ତିକ ନିଯୁକ୍ତି ମିଳୁଥିଲା। ଯେଉଁମାନଙ୍କୁ ଉପାନ୍ତ ବା ଦୁର୍ଗମ ଅଞ୍ଚଳରେ ନିଯୁକ୍ତି ମିଳୁଥିଲା ସେମାନଙ୍କୁ ଅଧିକ ପାରିଶ୍ରମିକ ଦିଆଯାଉଥିଲା। କିନ୍ତୁ ଗତ ଦୁଇବର୍ଷ ହେଲା ଆଉ ସେ ନିଯୁକ୍ତି ହେଉନାହିଁ। ରାଜ୍ୟରେ ଖାଲିଥିବା ଡାକ୍ତର ସଂଖ୍ୟା ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ମେରିଟ୍ ଲିଷ୍ଟ ଗତ ବର୍ଷେ ତଳୁ ପ୍ରକାଶ ପାଇଥିବା ସତ୍ତ୍ୱେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁନାହିଁ। ଏହାମଧ୍ୟରେ ଆଉ ଏକ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଶୁଣିବାକୁ ମିଳୁଛି କୁଆଡ଼େ ସରକାରୀ ନିଯୁକ୍ତିପତ୍ର ପାଇବା ପାଇଁ ଯେଉଁ ପରିମାଣର ପାରିତୋଷିକ ଦାବି କରାଯାଉଛି ତାହା ଦେବାକୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ରାଜି ହେଉ ନଥିବାରୁ ନିଯୁକ୍ତି ମେଳାମାନ ଆୟୋଜନ ହେବାରେ ବିଳମ୍ବ ହେଉଛି।

ଓଡ଼ିଶା ସ୍ୱାସ୍ଥ୍ୟ ସେବାର ବିକଳ ସ୍ଥିତିକୁ ପରଖିବା ପାଇଁ ରାଜଧାନୀର ଛାତି ଉପରେ ଥିବା କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଉଦାହରଣ ରୂପେ ନିଆଯାଇପାରେ। ଏକଦା ଜଟିଳ ଅସ୍ତ୍ରୋପଚାର ହେଉଥିବା ଏହି ସରକାରୀ ଡାକ୍ତରଖାନା ଇତିମଧ୍ୟରେ କେବଳ ଏକ ରେଫର ହସ୍ପିଟାଲ୍‌ର ଦୁର୍ନାମ ଅର୍ଜନ କରିଚାଲିଛି। ଏକଦା ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ ଉପରେ ନିର୍ଭର କରୁଥିଲେ। ବିଶେଷକରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାନ୍ତ ଯନ୍ତ୍ରଣାର ଉପଶମ ପାଇଁ ଏକାଧିକ ଥର କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଚିକିତ୍ସା କରିଥିବା ଖବର ମିଛ ନୁହେଁ। କିନ୍ତୁ ଗତ ଦୁଇବର୍ଷ ଧରି ଦନ୍ତ ବିଭାଗ କେବଳ ପ୍ରେସ୍‌କ୍ରିପ୍‌ସନ୍ ଲେଖାରେ ସୀମିତ ରହିଯାଇଛି। ଆଶୁ ଚିକିତ୍ସା କଥା ନ କହିଲେ ଭଲ। ଠିକାରେ ନିଯୁକ୍ତ ଡାକ୍ତରମାନେ ଘରୋଇ ଡାକ୍ତରଖାନାମାନଙ୍କରେ ସିଫ୍ଟ ଡ୍ୟୁଟି କରୁଥିବାରୁ ରାତିରେ ରୋଗୀ ଆସିଲେ ଘରୋଇ ଡାକ୍ତରଖାନା କିମ୍ବା ବଡ଼ ଡାକ୍ତରଖାନାକୁ ରେଫର କରିଦେଉଥିବା ଅଭିଯୋଗ ପଛରେ ଅସ୍ୱାଭାବିକତା ନାହିଁ। ଏହି ସୁଯୋଗକୁ ସେଠାରେ ଉପସ୍ଥିତ ଦଲାଲମାନେ ଅପେକ୍ଷା କରି ରହୁଛନ୍ତି ଏବଂ ରୋଗୀକୁ ଲୁଟିବାରେ କୌଣସି ଅବହେଳା କରୁନାହାନ୍ତି। ଏ ସମ୍ପର୍କରେ ରୋଗୀଟିଏ ଅଭିଯୋଗ ବା କରିବ କାହାକୁ? ନିର୍ଦ୍ଦେଶକ ଓ ଅଧୀକ୍ଷକ ପଦ ଦୀର୍ଘଦିନ ଧରି ଖାଲି ପଡ଼ିଛି। ତେଣୁ ସରକାରଙ୍କ ଉଦ୍ଦେଶ୍ୟ ଆଉ ବୁଝାଇ କହିବା ଆବଶ୍ୟକ ନାହିଁ। ଗାଁ କଥା ନ କହିବା ଭଲ। ସେଠାରେ ଏବେ ମଧ୍ୟ କ୍ୱାକ୍ ଓ ଗୁଣିଗାରେଡ଼ି ଉପରେ ଲୋକେ ଭରସା କରିବାକୁ ବାଧ୍ୟ ହେଉଛନ୍ତି।

ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଯେ ପ୍ରତିବର୍ଷ ରାଜ୍ୟରୁ ହଜାରେରୁ ଊର୍ଦ୍ଧ୍ୱ ଡାକ୍ତରୀ ଛାତ୍ର ଉତ୍ତୀର୍ଣ୍ଣ ହେଉଛନ୍ତି। କିନ୍ତୁ ଡାକ୍ତରୀ ଅଭାବ ବଢ଼ି ଚାଲିଛି କେମିତି? ସରକାର ଗୋଟିଏ ପରେ ଗୋଟିଏ ନୂଆ ମେଡିକାଲ୍ କଲେଜ୍ ଖୋଲିଚାଲିଛନ୍ତି। ଅତ୍ୟାଧୁନିକ କରିବାର ଘୋଷଣା ମଧ୍ୟ କରୁଛନ୍ତି। କିନ୍ତୁ କେବଳ କୋଠା ନିର୍ମାଣ ଓ ଘୋଷଣାର ପ୍ରହସନରେ ମେଡିକାଲ୍ କଲେଜର ଲକ୍ଷ୍ୟ ସୀମିତ ରହିଯାଉଛି। ବିନା ଶୈକ୍ଷିକ ଭିତ୍ତିଭୂମିରେ ନବନିର୍ମିତ ମେଡିକାଲ୍ କଲେଜ୍‌ମାନଙ୍କରେ ଡାକ୍ତରୀ ପାଠପଢ଼ା କିଭଳି ଚାଲିଥିବ ଅନୁମେୟ।

ଆପେ ବଞ୍ଚିଲେ ବାପର ନାଁ - ବୋଧହୁଏ ସରକାର ମଧ୍ୟ ଏହି ଆପ୍ତବାକ୍ୟକୁ ଜୀବନମନ୍ତ୍ରୀ କରିସାରିଛନ୍ତି। ଯେନତେନ ପ୍ରକାରେଣ ପାଞ୍ଚ ବର୍ଷ ବିତିଗଲା ପରେ ପୁଣି ଆର ନିର୍ବାଚନ ବେଳକୁ ପ୍ରତାରଣଭରା ପ୍ରତିଶ୍ରୁତିମାନ ଦେଇ ଆଉ ପାଞ୍ଚବର୍ଷ କ୍ଷମତାସୀନ ହେଲେ କଥା ସରିଲା। ସବୁକଥା ଓ ସବୁ ଅଭିଯୋଗର ଉତ୍ତର ଦେବାକୁ ଶାସନ ମୁଖ୍ୟ କୁଆଡ଼େ ବାଧ୍ୟ ନୁହନ୍ତି ବୋଲି ସେ କହିଥିବା ଶୁଣାଯାଉଛି। ତେଣୁ ଓଡ଼ିଶାବାସୀ କେବଳ ଭାଗ୍ୟ ଓ ଭଗବାନଙ୍କ ଭରସା କରିବା ଛଡ଼ା ବିକଳ୍ପ ନାହିଁ।

# ମହିଳା ସୁରକ୍ଷା ଆଇନ ଓ ନିର୍ଦ୍ଦୋଷ ପୁରୁଷ

**ଡକ୍ଟର ଅବଶ ପରିଡ଼ା**

ଜଣେ ଟେଲିଭିଜନ ଅଭିନେତ୍ରୀଙ୍କ ସ୍ୱୀକାରୋକ୍ତି ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ଅଛି। ନଅ ବର୍ଷ ତଳେ ଜଣେ ପୁରୁଷ ଟିଭି ପ୍ରଯୋଜକଙ୍କ ଉପରେ ଯୌନ ଉତ୍ପୀଡ଼ନର ମିଥ୍ୟା ଅଭିଯୋଗ ଆଣି ଆଇନର ସାହାଯ୍ୟ ନେଇଥିଲେ ବୋଲି ଅଭିନେତ୍ରୀ କହୁଛନ୍ତି। ଏହାକୁ ନେଇ ବିତର୍କର ଝଡ଼ ସୃଷ୍ଟି ହୋଇଛି। ଏହାର ପୃଷ୍ଠଭୂମି ହେଉଛି ମହିଳା ସୁରକ୍ଷା ଆଇନ ବନାମ ଉଦ୍ଦେଶ୍ୟମୂଳକ ଭାବେ ଏହାର ଅପବ୍ୟବହାର। ଅଭିଯୋଗ ହେଉଛି ଯେ ମହିଳା ସୁରକ୍ଷା ଆଇନଗୁଡ଼ିକ ମହିଳାଙ୍କୁ ହିଂସା, ଉତ୍ପୀଡ଼ନ ଓ ଭେଦଭାବରୁ ରକ୍ଷା କରିବା ପାଇଁ ପ୍ରଣୟନ କରାଯାଇଥିଲା। କିନ୍ତୁ ବିଡ଼ମ୍ବନା ଯେ କିଛି ମହିଳା ଓ ସେମାନଙ୍କ ପରିବାର ଏହାକୁ ଜାଣିଶୁଣି କିମ୍ବା ମିଥ୍ୟା ଅଭିଯୋଗରେ ପୁରୁଷ ଓ ସେମାନଙ୍କ ପରିବାର ବିରୁଦ୍ଧରେ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି। ଫଳସ୍ୱରୂପ ଏହି ସଂଲଗ୍ନ ମାମଲାଗୁଡ଼ିକ କେବଳ ନିର୍ଦ୍ଦୋଷ ପୁରୁଷଙ୍କ ପ୍ରତିଷ୍ଠା ଓ ଜୀବନକୁ କ୍ଷତି ପହଞ୍ଚାଉ ନାହିଁ, ବରଂ ପୀଡ଼ିତାଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଆଇନଗୁଡ଼ିକ ଉପରେ ସାଧାରଣ ବିଶ୍ୱାସକୁ ମଧ୍ୟ ହ୍ରାସ କରୁଛି। ତେଣୁ ମହିଳା କୈନ୍ଦ୍ରିକ ଆଇନର ଅସ୍ତ୍ରୀକରଣ ହେଉଛି କି? ଏହାକୁ ନେଇ ଆଜିର ଆଲୋଚନା।

ଜାତୀୟଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆରବି)ର ଏକ ତଥ୍ୟରୁ ଆଲୋଚନା ଆରମ୍ଭ କରିବା। ପୁଲିସ ଦ୍ୱାରା 'ତଥ୍ୟ କିମ୍ବା ଆଇନର ଭୁଲ ଯୋଗୁଁ ଅସତ୍ୟ' ଭାବରେ ବର୍ଗୀକୃତ କିଛି ମାମଲାଗୁଡ଼ିକର ପରିସଂଖ୍ୟାନ ଏଥିରେ ଦିଆଯାଇଛି। ମହିଳା ଆଇନର ଅପବ୍ୟବହାର, ମିଥ୍ୟା ଅଭିଯୋଗ କିମ୍ବା ତଥ୍ୟର ଅନୁପସ୍ଥିତିକୁ ତୁଳନା କଲେ ଜଣାଯିବ ଯେ ଏହା ମୋଟ ମାମଲାର କମ୍ ପ୍ରତିଶତ ଅଟେ। ଉଦାହରଣ ସ୍ୱରୂପ, ପୁରୁଣା ଧାରା ୪୯୮ ଏ ଆଇପିସି ବା ବର୍ତ୍ତମାନ ଭାରତୀୟ ନ୍ୟାୟ ସଂହିତାର ଧାରା ୮୫ ଅନୁଯାୟୀ ସ୍ୱାମୀ କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ନିଷ୍ଠୁରତା ସମ୍ବନ୍ଧୀୟ ମାମଲାର ତଦନ୍ତ ପରେ ୩.୬ ପ୍ରତିଶତ ମାମଲାକୁ ମିଥ୍ୟା ଭାବରେ ବର୍ଗୀକୃତ କରାଯାଇଥିଲା। ସେହିପରି ପୁଲିସ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାୟ ୯.୭ ପ୍ରତିଶତ ବଳାତ୍କାର ମାମଲା ଏବଂ ୧୫.୨ ପ୍ରତିଶତ ବଳାତ୍କାର ଉଦ୍ୟମ ମାମଲା ମିଥ୍ୟା ବୋଲି ଜଣାପଡ଼ିଥିଲା। ଯୌତୁକ ନିରୋଧ ଆଇନ ଅନୁଯାୟୀ ମାମଲାରେ ଏହି ଅନୁପାତ ଥିଲା ଜମା ୧.୬ ପ୍ରତିଶତ। ତେଣୁ ମହିଳା ଆଇନର ଅପବ୍ୟବହାର ହେଉନାହିଁ କିମ୍ବା ଯଦି ହେଉଛି ତେବେ ଖୁବ କମ୍। ଯାହା ଏହି ସରକାରୀ ରିପୋର୍ଟ ଦର୍ଶାଉଛି। କିନ୍ତୁ ଆଇନ ବିଶାରଦମାନଙ୍କ ଯୁକ୍ତି ଏଥିରୁ ଭିନ୍ନ। ସେମାନଙ୍କ ମତରେ ମହିଳା ଆଇନର ସମ୍ଭାବ୍ୟ ଅପବ୍ୟବହାର ପରିମାଣ ସହ ଏହି ସଂଖ୍ୟାଗୁଡ଼ିକର କୌଣସି ସମ୍ପର୍କ ନାହିଁ।

ଯଦି ଅଦାଲତର ବିଚାର ଫଳାଫଳ ଦେଖିବା ତେବେ ପୁରୁଷ ଓ ସେମାନଙ୍କ ପରିବାର ପାଇଁ ଏହା ହେଉଛି ଏକ ବଡ଼ ଚିନ୍ତା। ଉଦାହରଣ ସ୍ୱରୂପ ଯୌତୁକ ଓ ଘରୋଇ ହିଂସା ମାମଲାରେ ଦୋଷୀ ସାବ୍ୟସ୍ତ ହେବାର ହାର ନିରନ୍ତର ଭାବରେ ୧୪ ରୁ ୨୦ ପ୍ରତିଶତ ମଧ୍ୟରେ ରହିଛି। ଅର୍ଥାତ୍ ପାଞ୍ଚଟି ମାମଲାରୁ ପ୍ରାୟ ଚାରିଟି ମାମଲା ପରିଶେଷରେ ଦୋଷମୁକ୍ତ, ଛାଡ଼ କିମ୍ବା ଖାରଜରେ ଶେଷ ହୁଏ। ସେହିପରି ବଳାତ୍କାର ମାମଲାଗୁଡ଼ିକରେ ଦୋଷମୁକ୍ତିର ହାର ଅଧିକ। ଏହା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟା ହେଉଛି ସମ୍ମତିଭିତ୍ତିକ ସମ୍ପର୍କ। ଯାହା ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ ବିବାହର ପ୍ରତିଶ୍ରୁତି ଭାଙ୍ଗି ଗଲା ପରେ ଏହା ସ୍ୱୟଂଚାଳିତ ଭାବରେ ବଳାତ୍କାର ବା ଦୁଷ୍କର୍ମ ଅଭିଯୋଗ ଆଡ଼କୁ ଗତି କରୁଛି। ପଞ୍ଜିକୃତ ମାମଲା ଓ ଦୋଷୀ ସାବ୍ୟସ୍ତ ମଧ୍ୟରେ ଏକ ବଡ଼ ବ୍ୟବଧାନ ଅଛି ବୋଲି ଆଇନ ବିଶେଷଜ୍ଞମାନେ ଦୃଢ଼ୋକ୍ତି ଦିଅନ୍ତି।

ମହିଳା ସୁରକ୍ଷା ଆଇନର ଅପବ୍ୟବହାର ସମ୍ପର୍କରେ ନ୍ୟାୟପାଳିକା ବାରମ୍ବାର ଚିନ୍ତା ପ୍ରକାଶ କରିଛନ୍ତି। ଭାରତୀୟ ନ୍ୟାୟପାଳିକା ଏହାକୁ 'ଆଇନଗତ ଆତଙ୍କବାଦ' ଭାବେ ମଧ୍ୟ ନାମକରଣ କରିଛନ୍ତି। ସୁଶୀଲ କୁମାର ଶର୍ମା ବନାମ ଭାରତ ସଂଘ ମାମଲାରେ, ସୁପ୍ରିମକୋର୍ଟ ମତ ଦେଇଥିଲେ ଯେ ନିଷ୍ଠୁରତା ବିରୁଦ୍ଧରେ ଢାଲ ଭାବରେ ଉଦ୍ଦିଷ୍ଟ ଆଇନ କଦାପି ହଇରାଣର ଅସ୍ତ୍ର ହେବା ଉଚିତ୍ ନୁହେଁ। କାରଣ ଏବେ ଦେଖାଯାଉଛି ଯେ ଅସନ୍ତୁଷ୍ଟ ପତ୍ନୀମାନେ ଏହାକୁ ପତି ଏବଂ ସେମାନଙ୍କ ସମ୍ପର୍କୀୟମାନଙ୍କୁ ହଇରାଣ କରିବା ପାଇଁ ଏକ ଅସ୍ତ୍ର ଭାବରେ ଭାବରେ ବ୍ୟବହାର କରୁଛନ୍ତି। ସେହିପରି ଅର୍ଣ୍ଣେଶ କୁମାର ବନାମ ବିହାର ରାଜ୍ୟ ମାମଲାରେ ମାନ୍ୟବର ଅଦାଲତ କହିଥିଲେ ଯେ କୌଣସି ଯାଞ୍ଚ ବିନା ବୃଦ୍ଧ ପିତାମାତା ଓ ସମ୍ପର୍କୀୟମାନଙ୍କୁ ଗିରଫ କରିବା ପାଇଁ ଧାରା ୪୯୮ ଏ ବ୍ୟବହାର କରାଯାଉଥିଲା। ତେଣୁ ସୁପ୍ରିମକୋର୍ଟ ସାତ ବର୍ଷରୁ କମ୍ ଦଣ୍ଡାଦେଶ ଥିବା ମାମଲାରେ ତୁରନ୍ତ ଗିରଫଦାରୀକୁ ନିଷିଦ୍ଧ କରିଥିଲେ। ଏହାଦ୍ୱାରା ପ୍ରାରମ୍ଭିକ ତଦନ୍ତକୁ ଏବେ ବାଧ୍ୟତାମୂଳକ କରାଯାଇଛି। ପରିଶେଷରେ ଦିଲ୍ଲୀ ହାଇକୋର୍ଟ ଉଲ୍ଲେଖ କରିଥିଲେ ଯେ ମିଥ୍ୟା ବଳାତ୍କାର ଅଭିଯୋଗ ଦ୍ୱାରା ଭୁଲ ଅଭିଯୁକ୍ତ ହୋଇଥିବା ପୁରୁଷମାନଙ୍କ ଉପରେ ଜୀବନବ୍ୟାପୀ ଦାଗ, ସାମାଜିକ ଅପମାନ ଓ ଆର୍ଥିକ ଚାପ ପଡୁଛି। ଏକ ସରଳ ନିର୍ଦ୍ଦୋଷ ପୁରୁଷ ଉପରେ ହୋଇଥିବା କ୍ଷତିକୁ କେବେ ବି ପୁନଃସ୍ଥାପନ କରାଯାଇପାରିବ ନାହିଁ। ସାଂଗଠନିକ ସ୍ତରରେ ମିଥ୍ୟା ମାମଲା ଦ୍ୱାରା କୋର୍ଟ ଓ ଆଇନ ପ୍ରବର୍ତ୍ତନ ଅନୁଷ୍ଠାନଗୁଡ଼ିକ ଉପରେ ବୋଝ ବଢ଼ିପାରେ। ଏପରିକି ନ୍ୟାୟ ଖୋଜୁଥିବା ପ୍ରକୃତ ପୀଡ଼ିତାଙ୍କଠାରୁ ଆଇନଗତ ସୁବିଧା ଓ ସମ୍ବଳ ଦୂରେଇ ଯାଇପାରେ। ଯେହେତୁ ଜାଣିଶୁଣି ମିଥ୍ୟା ଅଭିଯୋଗ ଦାଖଲ କରିବା ପରେ ସେମିତି କଡ଼ା ଦଣ୍ଡ ନାହିଁ। ତେଣୁ ଉତ୍ତରଦାୟିତ୍ୱ କମି ଯାଉଛି ଏବଂ କିଛି ପରିସ୍ଥିତିରେ ଏହାର ଅପବ୍ୟବହାର କରିବା ପାଇଁ ଅନେକ ଉତ୍ସାହିତ ବି ହେଉଛନ୍ତି।

ମହିଳା ସୁରକ୍ଷା ଆଇନର (ଅପ)ବ୍ୟବହାରକୁ ନେଇ ସମାଜବିଜ୍ଞାନୀଙ୍କ ମତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ମତରେ ଏହି ସବୁ ପରିସଂଖ୍ୟାନରୁ ସରଳ ନିଷ୍କର୍ଷ ବାହାର କରିବା ନିରର୍ଥକ। ଏହାକୁ ନେଇ କୌଣସି ଧାରଣା ବା ପୂର୍ବାଗ୍ରହ ଗଢ଼ିବା ବିରୁଦ୍ଧରେ ସତର୍କ ମଧ୍ୟ କରାଇଛନ୍ତି। ଭୟ, ଅପମାନ ଓ ସାମାଜିକ ଚାପ ଯୋଗୁଁ ଭାରତରେ ଅସଂଖ୍ୟ ଘରୋଇ ହିଂସା ଓ ଯୌନ ନିର୍ଯାତନା ରିପୋର୍ଟ ଦାଖଲ ହୁଏ ନାହିଁ। ଏହାବ୍ୟତୀତ ଅନେକ ମାମଲା ଆପୋସ ବୁଝାମଣା କିମ୍ବା ଆର୍ଥିକ ଆଲୋଚନା ମାଧ୍ୟମରେ କୋର୍ଟ ବାହାରେ ସମାଧାନ କରାଯାଏ। ଏହାଦ୍ୱାରା ମାମଲାଟି ଆପେ ଆପେ ପ୍ରତ୍ୟାହାର କିମ୍ବା ଦୋଷମୁକ୍ତ ହୋଇଯାଏ। ଅନେକ ଗବେଷଣା ଏହା ମଧ୍ୟ ସୂଚାଇ ଦିଏ ଯେ ସହରାଞ୍ଚଳ ଓ ଶିକ୍ଷିତ ଜନସଂଖ୍ୟା ଯେଉଁଠି ଅଧିକ ଆଇନଗତ ସଚେତନତା ଓ ଆଇନଗତ ସମ୍ବଳ ଉପଲବ୍ଧ, ସେଠାରେ ହିଁ ମହିଳା ସୁରକ୍ଷା ଆଇନର ଅପବ୍ୟବହାର ଅଧିକ।

ଏହାର ଜବାବରେ ଅଦାଲତ ଓ ଆଇନ ବିଶେଷଜ୍ଞମାନେ ଗିରଫ ପୂର୍ବରୁ ପ୍ରାରମ୍ଭିକ ତଦନ୍ତ, ଅଧିକ ନ୍ୟାୟିକ ଯାଞ୍ଚ ଏବଂ ମିଥ୍ୟା ଅଭିଯୋଗ ଚିହ୍ନଟ କରିବା ପାଇଁ ଏକ ଦୃଢ଼ତନ୍ତ୍ର-ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସାରା ବିଶ୍ୱରେ ଲିଙ୍ଗ-ନିରପେକ୍ଷ ଆଇନ ଗ୍ରହଣ କରିବା ବିଷୟରେ ଏବେ ଆଲୋଚନା ହେଉଛି। ଯାହାଦ୍ୱାରା ଲିଙ୍ଗ ନିର୍ବିଶେଷରେ ପୀଡ଼ିତଙ୍କୁ ସୁରକ୍ଷା ଦେବା ଉପରେ ଅଧିକ ଧ୍ୟାନ ଦିଆଯାଇପାରିବ। ଏହି ପରିପ୍ରେକ୍ଷୀରେ ୟୁ କେ ଓ କାନାଡ଼ା ଭଳି ଦେଶ ଘରୋଇ ହିଂସା ଓ ନିର୍ଯାତନା ସମାଧାନ କରିବାରେ ଲିଙ୍ଗ-ନିରପେକ୍ଷ ପଦ୍ଧତିକୁ ଏବେ ଗ୍ରହଣ କରିଛନ୍ତି। ନିର୍ଦ୍ଦୋଷ ପୁରୁଷଙ୍କ ଉପରେ କିଛି ମହିଳାଙ୍କ ଦ୍ୱାରା ଆଇନର ଅପବ୍ୟବହାର ଦ୍ୱାରା 'ରେଡ୍ ପିଲ୍' ଭଳି ଏକ ମୌଳବାଦୀ ଚିନ୍ତାଧାରା ଏବେ ବ୍ୟାପକ ହେଉଛି। 'ରେଡପିଲ୍ ଆଇଡିଓଲୋଜି' ହେଉଛି ଏକ ବିଚାରଧାରା, ଯାହା ବିଶ୍ୱାସ କରେ ଯେ ପୁରୁଷମାନେ ନାରୀବାଦୀ-ପ୍ରାଧାନ୍ୟ ସମାଜ ଓ ନାରୀ ସୁରକ୍ଷା ଆଇନ ଦ୍ୱାରା ନିର୍ଯାତିତ। ନିଜକୁ ସୁରକ୍ଷା ଦେବା ଓ ବାସ୍ତବତା ପ୍ରତି ଜାଗ୍ରତ ହେବା ଆବଶ୍ୟକ। ଏଠାରେ ଜାଣି ରଖିବାକୁ ହେବ ଯେ ଯେଉଁମାନେ ଏହି ଚିନ୍ତାଧାରାକୁ ଗ୍ରହଣ କରନ୍ତି ନାହିଁ ସେମାନେ ହେଉଛନ୍ତି 'ବ୍ଲୁ ପିଲ୍'।

ମହିଳା-କୈନ୍ଦ୍ରିକ ଆଇନଗୁଡ଼ିକର ଅସ୍ତ୍ରୀକରଣ ବିତର୍କରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ଅଛି। ପ୍ରଥମ ହେଉଛି ପ୍ରକୃତ ପୀଡ଼ିତାଙ୍କୁ ନ୍ୟାୟ ଦେବା ଏବଂ ଦ୍ୱିତୀୟଟି ହେଉଛି ମିଥ୍ୟା ଅଭିଯୋଗରୁ ନିର୍ଦ୍ଦୋଷ ପୁରୁଷ ଓ ସେମାନଙ୍କ ପରିବାରକୁ ସୁରକ୍ଷା ଦେବା। ଏଥିନିମନ୍ତେ ଏକ ନିରପେକ୍ଷ ଆଇନଗତ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ। ତେଣୁ ନିର୍ଯାତନା ଓ ହିଂସାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବା ନ୍ୟାୟିକ ବ୍ୟବସ୍ଥାର ପ୍ରାଥମିକତା ହେବା ଉଚିତ। ଏହାସହିତ ବ୍ୟକ୍ତିଗତ ପ୍ରତିଶୋଧ, ବଳପ୍ରୟୋଗ କିମ୍ବା ଉତ୍ପୀଡ଼ନ ପାଇଁ ଆଇନର ଅପବ୍ୟବହାରକୁ ରୋକିବା ମଧ୍ୟ ସେତିକି ଦରକାର। ଏହି ସନ୍ତୁଳନ ହାସଲ କରିବା ହେଉଛି ଭାରତୀୟ ନ୍ୟାୟ ବ୍ୟବସ୍ଥା ସମ୍ମୁଖରେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# କର୍ମଚାରୀର ଖୁସିରେ ଅନୁଷ୍ଠାନର ପ୍ରଗତି

**ରାକେଶ ପଣ୍ଡା**

ଗୋଟିଏ ଅନୁଷ୍ଠାନ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିଥାଏ, ଶିଖରରେ ଛିଡ଼ାହୋଇ ସଫଳତାର ଗୀତ ଗାଏ, ପ୍ରଗତିର ସ୍ୱାଦ ଚାଖେ, ସେଥିରେ ତା'ର ସଦସ୍ୟ ତଥା କର୍ମଚାରୀମାନଙ୍କର ତ୍ୟାଗ ଓ ଅବଦାନ ରହିଥାଏ। କର୍ମଚାରୀଟିଏ ଖରା, ବର୍ଷା ଓ ଶୀତର ପ୍ରକୋପକୁ ବେଖାତିର କରି ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରେ। ଅନେକ ସମୟରେ ଏହା ଲକ୍ଷ୍ୟ କରାଯାଏ ଯେ, ସଂସ୍ଥାର ଲାଭ ଓ ହିତରେ ନିରନ୍ତର ଅବଦାନ ଦେଉଥିବା କର୍ମଚାରୀଟିଏ ଯେତେବେଳେ ନିଜର କୌଣସି ଏକ ବ୍ୟକ୍ତିଗତ ଆବଶ୍ୟକତାକୁ ନେଇ ସାଧାରଣ ଛୁଟି ନିମନ୍ତେ ମାଲିକ କିମ୍ବା ପରିଚାଳକଙ୍କ ନିକଟରେ ପହଞ୍ଚିଥାଏ ସେତେବେଳେ ଆଶ୍ଚର୍ଯ୍ୟ ଭାବରେ ସେମାନଙ୍କର ମୁହଁ ଓ ଆଚରଣରେ ଏକ ନକାରାତ୍ମକ ଅଭିବ୍ୟକ୍ତି ଓ ପ୍ରତିକ୍ରିୟା ପ୍ରତିଫଳିତ ହୋଇଥାଏ। ଛୁଟି ଅନୁମୋଦିତ ହୋଇ ନ'ଥାଏ କିମ୍ବା କାଣ୍ଟଛାଣ୍ଟ କରି ଗୋଟିଏ ଦିନ ବହୁକଷ୍ଟରେ ଉପଲବ୍ଧ ହୁଏ। ଏମିତି ଅନେକ ଅନୁଷ୍ଠାନ ଅଛନ୍ତି, ଯେଉଁଠାରେ କର୍ମଚାରୀମାନଙ୍କୁ ସାପ୍ତାହିକ ଛୁଟି ମଧ୍ୟ ଉପଲବ୍ଧ କରାଯାଏ ନାହିଁ। ଏହାଦ୍ୱାରା କର୍ମଚାରୀ କାର୍ଯ୍ୟ କରିବାର କ୍ଷମତା ହରାଇବା ସହ ତା'ର ବ୍ୟକ୍ତିଗତ ତଥା ପାରିବାରିକ ଜୀବନ ମଧ୍ୟ ଅନେକ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହୋଇଥାଏ। ଏହା ପରବର୍ତ୍ତୀ ସମୟରେ ସେମାନଙ୍କ ମନରେ ସଂସ୍ଥା ପ୍ରତି ନକାରାତ୍ମକ ମନୋଭାବ ସୃଷ୍ଟି କରିଥାଏ। କିଛି ଭଲ କର୍ମଚାରୀ ହତାଶ ଓ ନିରାଶ ହୋଇ ସଂସ୍ଥାଟିକୁ ଛାଡ଼ିବାକୁ ବାଧ୍ୟ ହୁଅନ୍ତି। ଏକ ଅନୁଷ୍ଠାନ ଜଣେ ଦକ୍ଷ ମାନବ ସମ୍ବଳ, ମୂଲ୍ୟବାନ ସମ୍ପତ୍ତି ଏବଂ ସଚ୍ଚୋଟ ଓ ପରିଶ୍ରମୀ ସଦସ୍ୟକୁ ହରାଇଥାଏ। ଏହା ସଂସ୍ଥାର ଭବିଷ୍ୟତକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ କରେ।

ସାଧାରଣତଃ, ନିରନ୍ତର ୬ ଦିନ କାର୍ଯ୍ୟ ଦିବସ ପରେ ୭ମ ଦିବସଟିକୁ ସାପ୍ତାହିକ ଛୁଟି ଭାବରେ ଗ୍ରହଣ କରାଯାଇଥାଏ। ରବିବାର ଦିନଟିକୁ ଅଧିକାଂଶ ସଂସ୍ଥା ଛୁଟି ଭାବରେ ଉପଲବ୍ଧ କରାଇଥା'ନ୍ତି। ସାପ୍ତାହିକ ଛୁଟି 'ପେଡ୍ ଡାଉନଟାଇମ୍' ଭାବରେ ଜଣାଶୁଣା। ଭାରତୀୟ ଟ୍ରେଡ ୟୁନିୟନ ଆନ୍ଦୋଳନର ଜନକ ନାରାୟଣ ମେଘାଜୀ ଲୋଖଣ୍ଡେଙ୍କ ଉଦ୍ୟମ ହେତୁ ୧୦ ଜୁନ୍ ୧୮୯୦ରେ ବମ୍ବେ ମିଲ୍ ହ୍ୟାଣ୍ଡସ୍ ଆସୋସିଏସନ୍‌ର ଶ୍ରମିକମାନେ ଭାରତରେ ସର୍ବପ୍ରଥମେ ରବିବାର ଦିନ ସାପ୍ତାହିକ ଛୁଟି ପାଇଥିଲେ। ବର୍ତ୍ତମାନ ଦେଶରେ ନିଯୁକ୍ତିଦାତାମାନଙ୍କ ପାଇଁ ସେମାନଙ୍କ କର୍ମଚାରୀମାନଙ୍କୁ ସାପ୍ତାହିକ ଛୁଟି ଯୋଗାଇବା ଆଇନଗତ ବାଧ୍ୟତାମୂଳକ ଆବଶ୍ୟକତା। ଭାରତର ଶ୍ରମ ଆଇନ ଅନୁଯାୟୀ, ସାପ୍ତାହିକ ଛୁଟି କର୍ମଚାରୀମାନଙ୍କ ପାଇଁ ଏକ ସଂରକ୍ଷିତ ଅଧିକାର। ଏଥିରେ ପ୍ରତ୍ୟେକ କର୍ମଚାରୀଙ୍କୁ ସପ୍ତାହରେ ଥରେ କିମ୍ବା ସପ୍ତାହର ପ୍ରଥମ ଦିନ ରବିବାରରେ ସର୍ବନିମ୍ନ ୨୪ ଘଣ୍ଟା ବିଶ୍ରାମ ସମୟ ନେବାକୁ ଅନୁମତି ଦିଆଯାଇଛି। କୌଣସି କମ୍ପାନୀ ଜଣେ କର୍ମଚାରୀଙ୍କୁ ସପ୍ତାହରେ ସାତ ଦିନ କାମ କରିବାକୁ ବାଧ୍ୟ କରିପାରିବେ ନାହିଁ। ଯଦି ଏପରି କରାଯାଏ ତେବେ ସଂସ୍ଥାର ମାଲିକ ଅଥବା ପରିଚାଳକଙ୍କ ବିରୁଦ୍ଧରେ ମକଦ୍ଦମା ଦାୟର ହେବାର ପ୍ରାବଧାନ ରହିଛି। ଏକ ସୁସଂଗତ କାର୍ଯ୍ୟଧାରା, ଜୀବନ ସନ୍ତୁଳନ ରକ୍ଷା କରିବା ଏବଂ କର୍ମଚାରୀଙ୍କ ସାମଗ୍ରିକ ସୁସ୍ଥତା ପାଇଁ ସାପ୍ତାହିକ ବିରତି ଜରୁରୀ। ମାନସିକ ସ୍ତରରେ ଏହା ଆରାମ, ଆଗ୍ରହ ଅନୁସରଣ କରିବା, ପରିବାର ଓ ସାଙ୍ଗମାନଙ୍କ ସହିତ ବନ୍ଧନ ଏବଂ ଅବକାଶ କାର୍ଯ୍ୟରେ ନିୟୋଜିତ ହେବା, ସୃଜନଶୀଳତା ଓ ଦୃଢ଼ତା ପାଇଁ ସୁଯୋଗ ପ୍ରଦାନ କରେ। ସାପ୍ତାହିକ ଛୁଟି ଉତ୍ପାଦକତା ଏବଂ ଚାକିରି ସନ୍ତୋଷରେ ଉନ୍ନତି ଆଣିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହି ବ୍ୟବସ୍ଥା ମଧ୍ୟ ନିଯୁକ୍ତିଦାତାମାନଙ୍କୁ କର୍ମଚାରୀଙ୍କୁ ଆକର୍ଷିତ କରିବାରେ ସାହାଯ୍ୟ କରିଥାଏ। ମୋଟ ଉପରେ ସକାରାତ୍ମକ କାର୍ଯ୍ୟ ସଂସ୍କୃତି ସୃଷ୍ଟି କରିବାରେ ଏବଂ କର୍ମଚାରୀଙ୍କ ମନୋବଳକୁ ଉନ୍ନତ କରିବାରେ ଛୁଟି ଦିବସ ଉତ୍ତମ ପରିବେଶଟିଏ ସୃଷ୍ଟି କରିଥାଏ।

ଉଭୟ ସଂସ୍ଥାର ବିଦ୍ୟମାନତା, ଅସ୍ତିତ୍ୱ, ଲାଭ ଓ ପ୍ରତିଷ୍ଠା ପ୍ରାପ୍ତି ସହ ଜଣେ କର୍ମଚାରୀର କାର୍ଯ୍ୟ କରିବାର ସୀମା, ବ୍ୟକ୍ତିଗତ ଆବଶ୍ୟକତା ଓ ଖୁସିକୁ ଆଖି ଆଗରେ ରଖି ସଂସ୍ଥା ପରିଚାଳକଙ୍କ ଚିନ୍ତାଧାରା ଓ ବିଚାରରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆସିବା ଜରୁରୀ। ପ୍ରତିଟି ସଂସ୍ଥାର ନିଜ କର୍ମଚାରୀ ଓ ସେମାନଙ୍କର ଭବିଷ୍ୟତ ନିମନ୍ତେ ଅନେକ ଦାୟିତ୍ୱବୋଧ ରହିଛି। ପରିବେଶ ଓ କର୍ମକ୍ଷେତ୍ରରେ ସେମାନଙ୍କୁ ସ୍ୱାଧୀନତା ପ୍ରଦାନ କରିବା ସହ ବିନା ଦ୍ୱିଧା ଓ ସଂକୋଚରେ ସାପ୍ତାହିକ ଛୁଟି ତଥା ସେମାନଙ୍କର ବ୍ୟକ୍ତିଗତ ଆବଶ୍ୟକତା ସମୟରେ ସାଧାରଣ ଛୁଟି ପ୍ରଦାନ କରିବା ଉଚିତ। ଫଳରେ ପ୍ରତିଟି କର୍ମଚାରୀ ବିନା ଚାପରେ, ସଠିକ ଢଙ୍ଗରେ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସକ୍ଷମ ହେବେ ଏବଂ ସେମାନଙ୍କ ମନରେ କାର୍ଯ୍ୟରତ ସଂସ୍ଥା ପ୍ରତି ମାତୃଭାବ ସୃଷ୍ଟି ହେବ। ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନଶୈଳୀରେ ସମନ୍ୱୟ ରକ୍ଷା କରିବା ସହ ସେମାନେ ଖୁସି ଓ ଆନନ୍ଦରେ ଜୀବନ ନିର୍ବାହ କରିପାରିବେ। ଯଦି ଗୋଟିଏ ଅନୁଷ୍ଠାନର ପ୍ରତିଟି କର୍ମଚାରୀ ଖୁସି ଓ ସୁଖୀ ରହିବେ, ତେବେ ସଂସ୍ଥାର ଉନ୍ନତି ଓ ପ୍ରଗତି ସମ୍ଭବ ହୋଇପାରିବ।

ବନ୍ଧାଲୋ(କଟକ), ମୋ: ୯୩୩୭୮୯୭୬୫୦

# ଦାରୁବ୍ରହ୍ମ ଗୀତାରେ ଶ୍ରୀଜଗନ୍ନାଥ

**ସ୍ୱପ୍ନେଶ୍ୱର**

ଲୋକକଥାରେ ଲୋକଦେବତା

ଦ୍ୱାପର ଯୁଗ ଶେଷ ହୋଇ ଆସୁଥିଲା। ଅଭିଶପ୍ତ ଯଦୁବଂଶ ଧ୍ୱଂସ ହୋଇଗଲା। କ୍ଳାନ୍ତ ଦ୍ୱାରକାଧୀଶ ଶ୍ରୀକୃଷ୍ଣ ଜଙ୍ଗଲର ଏକ ଶିଆଳିଲତାର ଦୋଳିରେ ବିଶ୍ରାମ ନେଉଥିଲେ। ଏହି ସମୟରେ ଜାରା ନାମକ ଜଣେ ଶବର ମନରେ ଶ୍ରୀକୃଷ୍ଣଙ୍କ ସୁନ୍ଦର ପାଦ ଦୂରରୁ ମୃଗ କାନର ଭ୍ରମ ସୃଷ୍ଟି କଲା। ସେଠାରେ ମୃଗ ଶୋଇଥିବା ଭାବି ଜାରା ଶର ନିକ୍ଷେପ କଲା। କିନ୍ତୁ ପାଖକୁ ଯିବା ପରେ ସେ ବାସ୍ତବତା ଜାଣିପାରି ରୋଦନ କରିବାକୁ ଲାଗିଲା। ଶରାହତ କୃଷ୍ଣ ଜାରାକୁ ଆଶ୍ୱସ୍ତ କଲେ ଏବଂ ହସ୍ତିନାକୁ ଯାଇ ଅର୍ଜୁନଙ୍କୁ ଡାକି ଆଣିବା ପାଇଁ ନିର୍ଦ୍ଦେଶ ଦେଲେ। ପାଣ୍ଡବ ପାଞ୍ଚ ଭାଇ ସେଠାରେ ପହଞ୍ଚିବା ପରେ ଓ ଶର ମୁନରେ ଅର୍ଜୁନଙ୍କ କଳାହରଣ କରିସାରି ଶ୍ରୀକୃଷ୍ଣ ବୈକୁଣ୍ଠ ପ୍ରତ୍ୟାବର୍ତ୍ତନ କଲେ। ତାଙ୍କର ପାର୍ଥିବ ଶରୀର ସେଠାରେ ପଡ଼ିରହିଲା।

ପାଣ୍ଡବମାନେ କୃଷ୍ଣଙ୍କ ଶରୀରର ଦାହ ସଂସ୍କାର ବିଷୟରେ ଆଲୋଚନା କଲେ। ସହଦେବଙ୍କ ପରାମର୍ଶରେ ଭଗବାନ ଶ୍ରୀକୃଷ୍ଣଙ୍କ ଶରୀରର ଦାହ ସଂସ୍କାର ସେଠାରୁ ଚାରିଶହ କ୍ରୋଶ (ଆଠ ଶହ ମାଇଲ) ଦୂରରେ ଅବସ୍ଥିତ ଯାମନିକ ତୀର୍ଥରେ(ପୁରୁଷୋତ୍ତମ କ୍ଷେତ୍ର) କରିବା ପାଇଁ ନିଷ୍ପତ୍ତି ନେଲେ। ଚନ୍ଦନ କାଠର ଏକ କୋକେଇରେ ଦିବ୍ୟପିଣ୍ଡକୁ ରଖି ପୁରୁଷୋତ୍ତମ କ୍ଷେତ୍ରକୁ ନେଇ ଆସିଲେ। ନୀଳଗିରି ଜଙ୍ଗଲରୁ ଚନ୍ଦନ କାଠ ସଂଗ୍ରହ କରି ଜୁଇ ପ୍ରସ୍ତୁତ କଲେ ଓ ପିଣ୍ଡକୁ ଦାହ କରିବା ପାଇଁ ପ୍ରୟାସ କଲେ। ଚନ୍ଦନ କାଠର ଯୁଇ ଛଅ ଦିନ ପର୍ଯ୍ୟନ୍ତ ଜାଳି ରଖିଲେ ମଧ୍ୟ ପିଣ୍ଡ ଦାହ ହେବାର କୌଣସି ଲକ୍ଷଣ ଦେଖାଗଲା ନାହିଁ। ଶୂନ୍ୟବାଣୀ ଶୁଣାଗଲା- 'ପାଣ୍ଡବଗଣ! ଅଯଥା ଚେଷ୍ଟା ନ କରି ଏ ପିଣ୍ଡକୁ ସମୁଦ୍ରରେ ଭସାଇ ଦିଅ।' ଶୂନ୍ୟବାଣୀ ଶୁଣିବାପରେ ସହଦେବ ନିଜର ହସ୍ତରେଖା ଦେଖି ଜାଣି ପାରିଲେ ଯେ ଦ୍ୱାପର ଯୁଗ ଶେଷ ହୋଇ କଳିଯୁଗ ପ୍ରବେଶ କରି ସାରିଥିଲା। ଏହି ପିଣ୍ଡ ଅପାଣିପାଦ ହୋଇ ବୌଦ୍ଧାବତାର ଗ୍ରହଣ କରି ନୀଳଚଳରେ ଆରାଧିତ ହେବେ। ତେଣୁ ସେମାନେ ଅର୍ଦ୍ଧଦଗ୍ଧ ପିଣ୍ଡକୁ ମହୋଦଧିରେ ଭସେଇ ଦେଇ ହସ୍ତିନା ଫେରିଗଲେ।

ଅର୍ଦ୍ଧଦଗ୍ଧ ପିଣ୍ଡ ମହୋଦଧିରେ ଭାସି ଭାସି ଏକ ଗୋପନୀୟ ସ୍ଥାନରେ କୂଳରେ ଲାଗିଲେ। ବସୁ ନାମକ ଜଣେ ଶବର ଶିକାର ପାଇଁ ମହୋଦଧି କୂଳରେ ବୁଲୁଥିବା ବେଳେ ଅକସ୍ମାତ୍ ସେ ଦିବ୍ୟଦାରୁଙ୍କୁ ଦର୍ଶନ କରି ତା' ଶରୀରରେ ଭକ୍ତିର ଶିହରଣ ଜାତ ହେଲା ଏବଂ ପିଣ୍ଡକୁ ପୂଜା କରିବା ପାଇଁ ମନରେ ଆଗ୍ରହ ସୃଷ୍ଟି ହେଲା। କିନ୍ତୁ ସେ ଜାତିରେ ଶବର ଥିବାରୁ ପୂଜା କରିବା ପାଇଁ ତା'ର ଯୋଗ୍ୟତା ବିଷୟରେ ସନ୍ଦେହ ଥିଲା। ଏହି ସମୟରେ ଦେବତାମାନେ ସେଠାରେ ଉପସ୍ଥିତ ହୋଇ ସେ ପିଣ୍ଡକୁ କଳ୍ପବଟ ମୂଳରେ ସ୍ଥାପନ କରି ପୂଜା କରିବା ପାଇଁ ପରାମର୍ଶ ଦେଲେ। ତା' ପରେ ବସୁ କଳ୍ପବଟ ମୂଳରେ ପିଣ୍ଡକୁ ସ୍ଥାପନା କରି ଫୁଲଫଳ ସମର୍ପଣ କରି ପୂଜା କଲା। କିନ୍ତୁ ସେ କଥା ସେ କାହାରି ଆଗରେ ପ୍ରକାଶ କଲା ନାହିଁ।

ସେ ସମୟରେ ନୀଳଗିରି ଅଞ୍ଚଳରେ ଜଣେ ବିଷ୍ଣୁଭକ୍ତ ରାଜା ରାଜତ୍ୱ କରୁଥିଲେ। ବିଷ୍ଣୁ ତାଙ୍କ ରାଜ୍ୟର କୌଣସି ଯାଗାରେ ପୂଜା ପାଉଛନ୍ତି ବୋଲି ସେ ଜାଣିବାକୁ ପାଇ ସନ୍ଧାନ କରିବାକୁ ଦୂତ ପଠେଇଲେ। ଦକ୍ଷିଣ ଦିଗକୁ ଯାଇଥିବା ଦୂତ ନୀଳାଚଳର ଶବର ପଲ୍ଲୀରେ ବସୁ ଶବରକୁ ଭେଟିଲା। ସେ ବିଷ୍ଣୁଙ୍କର ପୂଜା ସାରି ଫେରୁଥିବାରୁ ତା' ଦେହରୁ ଦିବ୍ୟ ସୁଗନ୍ଧ ନିର୍ଗତ ହେଉଥିଲା। ଦୂତ ସେଠାରେ କିଛିଦିନ ରହିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବସୁକୁ ଯୋଡ଼ହସ୍ତ ହୋଇ ଅନୁରୋଧ କଲା। ଅନେକ କାକୁତିମିନତି ପରେ ଶବର ଦୂତକୁ ଦିଅଁ ଦର୍ଶନ କରାଇଲା। ସେ ଦିନ ମହାପ୍ରଭୁ ଶବରଠାରୁ ପ୍ରସାଦ ଗ୍ରହଣ ନ କରି ଅନ୍ତର୍ଦ୍ଧାନ ହୋଇ ଗଲେ। ତା' ପରେ ଶୂନ୍ୟବାଣୀ ହେଲା- 'ବସୁ! ମୁଁ ଏଣିକି ଆଉ ଜଙ୍ଗଲର ଫଳମୂଳ ପ୍ରସାଦ ରୂପେ ଗ୍ରହଣ କରିବି ନାହିଁ। ନୀଳାଚଳରେ ଦାରୁବ୍ରହ୍ମରୂପେ ବିରାଜମାନ କରି ଛପନ ପ୍ରକାରର ଷାଠିଏ ପୌଟି ପ୍ରସାଦ ଗ୍ରହଣ କରିବି।' ସେ ପିଣ୍ଡ ପୁଣି ମହୋଦଧିରେ ଭାସିଭାସି ବାଙ୍କି ମୁହାଣରେ ଲାଗିଲେ। ରାଜା ସ୍ୱପ୍ନାଦେଶ ପାଇ ବାଙ୍କି ମୁହାଣରୁ ଦିବ୍ୟଦାରୁଙ୍କୁ ସଂଗ୍ରହ କରି ଏକ ଭବ୍ୟ ମନ୍ଦିରରେ ସ୍ଥାନିତ କଲେ। ଷୋଳଦିନ ପାଇଁ ମନ୍ଦିରର ଦ୍ୱାର ବନ୍ଦ କରି ଦିଆଗଲା। ଷୋଳଦିନ ପରେ କବାଟ ଖୋଲା ପରେ ଦେଖାଗଲା ଯେ ଚତୁର୍ଦ୍ଧାମୂର୍ତ୍ତି ମନ୍ଦିର ସିଂହାସନରେ ବିରାଜମାନ କରିଥିଲେ। ରାଜା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମନ୍ଦିରରେ ପ୍ରତିଷ୍ଠା କରି ସେବାପୂଜା ପାଇଁ ଛତିଶା ନିଯୋଗ ନିଯୁକ୍ତ କଲେ।

(ଆଧାର: ଦାରୁବ୍ରହ୍ମ ଗୀତା- ଜଗନ୍ନାଥ ଦାସ)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଂଗ୍ରେସ ପ୍ରାର୍ଥୀ...

ସତ୍ୟପାଠରେ କିଛି ତଥ୍ୟ ଲୁଚାଇଛନ୍ତି । ତେଲେଙ୍ଗାନାର ଏକ ଅଦାଲତରେ ତାଙ୍କ ନାମରେ ଫୌଜଦାରୀ ମାମଲା ବିଚାରାଧୀନ ରହିଛି । ଏହା ସେ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରି ନାହାନ୍ତି । ଏସଂପର୍କରେ ତାଙ୍କର ପକ୍ଷ ରଖିବା ଲାଗି ରିଟର୍ଣ୍ଣିଂ ଅଫିସର ଶ୍ରୀମତୀ ନଟରାଜନଙ୍କୁ ଆଜି ସନ୍ଧ୍ୟା ୬ଟା ସୁଦ୍ଧା ସମୟ ଦେଇଥିଲେ । କିନ୍ତୁ ନଟରାଜନଙ୍କ ସ୍ପଷ୍ଟୀକରଣରେ ସନ୍ତୁଷ୍ଟ ନଥିଲେ ରିଟର୍ଣ୍ଣିଂ ଅଫିସର । ଶେଷରେ ତାଙ୍କର ପ୍ରାର୍ଥିପତ୍ରକୁ ନାକଚ କରି ଦିଆଯାଇଛି । ଫଳରେ ଗୋଟିଏ ନିଶ୍ଚିତ ଆସନରୁ ବଞ୍ଚିତ ହୋଇଛି କଂଗ୍ରେସ । ଅନ୍ୟପକ୍ଷରେ ମଧ୍ୟପ୍ରଦେଶର କଂଗ୍ରେସ ପ୍ରଭାରୀ ହରିଶ ଚୌଧୁରୀ କହିଛନ୍ତି ଯେ ତେଲେଙ୍ଗାନା ଅଦାଲତରେ ନଟରାଜନଙ୍କ ବିରୋଧରେ କୌଣସି ଫୌଜଦାରୀ ମାମଲା ବିଚାରାଧୀନ ନୁହେଁ । କଂଗ୍ରେସ ପ୍ରାର୍ଥୀଙ୍କୁ ହଇରାଣ କରିବା ଲାଗି ବିଜେପି ଏଭଳି ଅଭିଯୋଗ ଆଣୁଛି । ସେ କହିଲେ ଯେ ନଟରାଜନଙ୍କୁ କୋର୍ଟ ନୋଟିସ ମିଳିଛି ଏବଂ ଏହାକୁ ସତ୍ୟପାଠରେ ଉଲ୍ଲେଖ କରିବା ଜରୁରୀ ନୁହେଁ । ନିର୍ବାଚନ କମିସନଙ୍କ ସ୍ପଷ୍ଟ ଆଦେଶ ରହିଛି ଯେ ମାମଲା ଦାୟର ହେଲେ ଯାଇ ସତ୍ୟପାଠରେ ଏହାର ଉଲ୍ଲେଖ ରହିବ । ନୋଟିସ ମିଳିଲେ ଏହାକୁ ଉଲ୍ଲେଖ କରିବା ଜରୁରୀ ନୁହେଁ । ତେଣୁ ଏଭଳି କାରଣ ଦର୍ଶାଇ ନଟରାଜନଙ୍କ ପ୍ରାର୍ଥିପତ୍ର ନାକଚ କରାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ଯେ ୨୩୦ ସଭ୍ୟ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭାରେ ୩ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାର ଥିଲା । ସଂଖ୍ୟା ଦୃଷ୍ଟିରୁ ବିଜେପିକୁ ଦୁଇଟି ଏବଂ କଂଗ୍ରେସକୁ ଗୋଟିଏ ଆସନ ମିଳିବା ନିଶ୍ଚିତ ଥିଲା । ସଂଖ୍ୟା ଦୃଷ୍ଟିରୁ ତୃତୀୟ ଆସନ ଅସମ୍ଭବ ଥିଲେ ମଧ୍ୟ ବିଜେପି ତିନିଟି ଯାକ ଆସନରେ ପ୍ରାର୍ଥୀ ଦେଇଥିଲା । କ୍ରସଭୋଟିଂ ଭୟରେ କଂଗ୍ରେସ ଏହାର ବିଧାୟକମାନଙ୍କୁ କର୍ଣ୍ଣାଟକ ପଠାଇଥିଲା ।

### ଜଗନ୍ନାଥ 'ଧାମ'...

ସେମାନଙ୍କୁ ଜଣାଇ ଦିଆଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର ମଧ୍ୟ ଉପସ୍ଥିତ ଥିଲେ । ମଙ୍ଗଳବାର ପୁରୀ ସାଂସଦ ସମ୍ବିତ ପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠିକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ପଶ୍ଚିମବଙ୍ଗ ସଚିବାଳୟରେ ପ୍ରଦାନ କରିଥିଲେ । ଚିଠିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରି କହିଥିଲେ ଯେ 'ଜଗନ୍ନାଥ ଧାମ' ଶବ୍ଦଟି ଭାରତର ପବିତ୍ର ଚାରି ଧାମ ମଧ୍ୟରୁ ଅନ୍ୟତମ, ପୁରୀସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ବାସସ୍ଥଳୀ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହି ନାମକରଣ ସହିତ ଗଭୀର ଆଧ୍ୟାତ୍ମିକ, ଐତିହାସିକ ଏବଂ ସାଂସ୍କୃତିକ ମହତ୍ତ୍ୱ ଜଡ଼ିତ ରହିଛି, ଯାହା ଅଗଣିତ ଭକ୍ତଙ୍କ ବିଶ୍ୱାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ପୁରୀ ଶ୍ରୀ ଜଗନ୍ନାଥ ଧାମର ପବିତ୍ରତା ଏବଂ ସ୍ୱତନ୍ତ୍ର ପରିଚୟ ବଜାୟ ରଖିବା ପାଇଁ ଦୀଘାରେ ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦକୁ ହଟାଇବାକୁ ଅନୁରୋଧ କରୁଛି ବୋଲି କହିଥିଲେ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ନିଷ୍ପତ୍ତି ପରେ ସାମାଜିକ ଗଣମାଧ୍ୟମରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧୁବାଦ ଜଣାଇଛନ୍ତି । ଏହି ନିଷ୍ପତ୍ତି ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଥିବା ଭାତୃଭାବ ଏବଂ ସାଂସ୍କୃତିକ ସୌହାର୍ଦ୍ଦ୍ୟକୁ ଆହୁରି ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ ୨୦୨୫ ଏପ୍ରିଲରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୀଘାଠାରେ ନିର୍ମିତ ମନ୍ଦିରର ନାମ ଜଗନ୍ନାଥ ଧାମ ରଖିଥିଲେ । ଯାହାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

### ଟ୍ରକ୍ ଚାପାରେ...

ଜବତ କରି ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଅପରପକ୍ଷେ ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା ।

ଅନ୍ୟପକ୍ଷରେ, ଆଜିର ଏହି ଦୁର୍ଘଟଣା ପାଇଁ ପୌର ପରିଷଦକୁ ଦାୟୀ କରିଛି କଂଗ୍ରେସ । ପୋଖରୀ କାମ ଯୋଗୁଁ ଉଠାଯାଇଥିବା ମାଟି ରାସ୍ତାରେ ପଡ଼ି ରହିଛି । ତାହା ସଫା ହେଉନଥିବାରୁ ସୋମବାର ରାତିରେ ହୋଇଥିବା ବର୍ଷା ଯୋଗୁ ରାସ୍ତା ସାରା କାଦୁଅ ହୋଇଛି । କାଦୁଅରେ ସ୍କୁଟି ଖସିଯିବାରୁ ମାଆ ଝିଅ ଦୁର୍ଘଟଣାର ଶିକାର ହୋଇଥିବା କଂଗ୍ରେସ ଅଭିଯୋଗ କରିଛି ।

### ପାର୍ଲରରେ ଯୁବତୀଙ୍କୁ...

ଏତଲା ଦେବା ପରେ ପୂରା ଘଟଣା ପଦାକୁ ଆସିଥିଲା । ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ପୀଡ଼ିତାଙ୍କ ଡାକ୍ତରୀମାଇନା କରିବା ସହ ମାଜିଷ୍ଟ୍ରେଟଙ୍କ ଦ୍ୱାରା କୋର୍ଟରେ ବୟାନ ରେକର୍ଡ କରିଥିଲା । ସାଇଣ୍ଟିଫିକ୍ ଟିମ୍ ସହଯୋଗରେ ପାର୍ଲରରୁ ବିଭିନ୍ନ ନମୁନା ସଂଗ୍ରହ କରିଥିଲା । ପାର୍ଲର ଭିତରୁ ବହୁ ଅପତ୍ତିଜନକ ସାମଗ୍ରୀ ମଧ୍ୟ ଜବତ ହୋଇଥିଲା । ସେପଟେ, ଗିରଫଦାରୀ ଏଡ଼ାଇବାକୁ ଖସିଯିବା ବେଳେ ରବୀନ୍ଦ୍ର ଓ ସନ୍ତୋଷକୁ କାବୁ କରିଥିଲା ପୁଲିସ । ସେମାନଙ୍କଠାରୁ ଜବତ ହୋଇଥିବା ମୋବାଇଲରୁ ବହୁ ଚାଞ୍ଚଲ୍ୟକର ତଥ୍ୟ ପୁଲିସ ହାତରେ ଲାଗିଛି । ହ୍ୱାଟସ୍‌ଆପ୍‌ରେ ଏକ ନିର୍ଦ୍ଦିଷ୍ଟ ଗ୍ରୁପ୍ ଥିବା ବେଳେ ସେଥିରେ ଅନେକ ଓଡ଼ିଆ ଓ ବଙ୍ଗୀୟ ଯୁବତୀଙ୍କ ଫଟୋ ରହିଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି । ରବୀନ୍ଦ୍ର ଓ ସନ୍ତୋଷର ଡାକ୍ତରୀମାଇନା କରିବା ପରେ ଦୁହିଁଙ୍କୁ କୋର୍ଟଚାଲାଣ କରାଯାଇଛି । ଫେରାର୍ ଥିବା ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି ।

### ବିପର୍ଯ୍ୟୟ ସୂଚୀଭୁକ୍ତ...

ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏବେ ଏ ବାବଦରେ ରାସ୍ତା ଖୋଲିଛି । ତେଣୁ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଆବଶ୍ୟକରୀୟ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ବର୍ତ୍ତମାନ ଉତ୍ତର ପ୍ରଦେଶ ଓ କେରଳ ଭଳି ରାଜ୍ୟ ବନ୍ୟପ୍ରାଣୀ ଜନିତ ଆକ୍ରମଣକୁ ରାଜ୍ୟ ଭିତ୍ତିକ ବିପର୍ଯ୍ୟ ତାଲିକାରେ ରଖିଥିବା ବେଳେ ଏବେ ବାବଦକୁ ଦିଆଯାଉଥିବା କ୍ଷତିପୂରଣ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ପ୍ରଦାନ କରୁଛନ୍ତି । ମାତ୍ର ଓଡ଼ିଶାରେ ବନ୍ୟପ୍ରାଣୀ ଆକ୍ରମଣ ଏପର୍ଯ୍ୟନ୍ତ ଏହି ତାଲିକାରେ ସାମିଲ ନ ହେବା ପ୍ରଶାସନିକ ଉଦାସୀନତାକୁ ଦର୍ଶାଉଥିବା ଅଭିଯୋଗ ହୋଇଛି ।

### ଖାସି, ଚାଉଳ...

ଦେଇପାରି ନ ଥିଲେ । ଫଳରେ ସମାଜରୁ ତାଙ୍କୁ ବାସନ୍ଦ କରାଯାଇଥିଲା । "ମୋର ଭୁଲ୍ ଯଦି ଥିଲା, ତାହା ପାଇଁ ଏତେ ବଡ଼ ଦଣ୍ଡ କାହିଁକି? ୧୨ ବର୍ଷ ହେଲା ନ୍ୟାୟ ପାଇଁ ଦୌଡ଼ୁଛି,କେହି ଶୁଣୁ ନାହାନ୍ତି" ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ, ସ୍ଥାନୀୟ ଅଞ୍ଚଳର କିଛି ସାମାଜିକ କର୍ମୀ ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସମାଜର ନିୟମକୁ ସମ୍ମାନ ଦିଆଯାଉଥିଲେ ମଧ୍ୟ ଜଣେ ଅସହାୟ ମହିଳା ଓ ତାଙ୍କ ଶଯ୍ୟାଶାୟୀ ମା'ଙ୍କୁ ଏଭଳି ଦୀର୍ଘବର୍ଷ ବାସନ୍ଦ ଅମାନବୀୟ ବୋଲି କହିଛନ୍ତି । ଘଟଣା ସମ୍ପର୍କରେ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଷୟଟି ତାଙ୍କ ନଜରକୁ ଆସିଛି । ସେ ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ।

## ବ୍ରାହ୍ମଣୀରୁ ମିଳିଲା ୨ ନିଖୋଜଙ୍କ ଶବ

ତାଳଚେର, ୯ ।୬ (ସମିସ): ଗତକାଲି ଗାଧୋଇବା ବେଳେ ବ୍ରାହ୍ମଣୀରେ ବୁଡ଼ି ନିଖୋଜ ହୋଇଯାଇଥିବା ୨ ଛାତ୍ରଙ୍କ ଶବ ଆଜି ଉଦ୍ଧାର ହୋଇଛି । ମୃତକଦ୍ୱୟ ହେଲେ, ଶକ୍ତି ସାହୁ (୧୫) ଓ ପ୍ରିନ୍ସ ଲୋହାର (୧୮) । ଢେଙ୍କାନାଳ ଜିଲ୍ଲା ସରାଙ୍ଗ ଅନନ୍ତ ଶୟନ ଜଟିଆବ୍ରିଜ୍ ନିକଟରୁ ଆଜି ଦୁହିଁଙ୍କ ଶବ ଉଦ୍ଧାର ହୋଇଛି । ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ପଠାଇଛି । ସୂଚନାନୁଯାୟୀ, ଗତକାଲି ଦିନ ପ୍ରାୟ ୧ଟାରେ ତାଳଚେର ହାଣ୍ଡିଧୁଆଁ ଷ୍ଟେସନ୍ ଅଞ୍ଚଳର ୮ ଛାତ୍ର ବ୍ରାହ୍ମଣୀ ନଦୀ କଳମ୍ବୁରୀ ତୁଠକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ବେଳେ ସେମାନଙ୍କ ମଧ୍ୟରୁ ୩ଜଣ ଭାସି ଯାଇଥିଲେ । ଗତକାଲି ଜଣଙ୍କର ଶବ ଜବତ ହୋଇଥିବା ବେଳେ ଅନ୍ୟ ୨ଜଣ ନିଖୋଜ ଥିଲେ ।

**ଡକୁମେଣ୍ଟ ହଜିଛି**

ଆମ୍ଭେ ଶ୍ରୀ ଜ୍ୟୋତିରଞ୍ଜନ ବିଶ୍ୱାଳ ପିତା-ଜସ୍ୱଦେବ ବିଶ୍ୱାଳ ସା-ଅଲରା, ପୋ.ଥା-ନରସିଂହପୁର, ଜିଲ୍ଲା-କଟକ ଏକଜ୍ୟୁଟିଭ ମାଜିଷ୍ଟ୍ରେଟ ନରସିଂହପୁର ଙ୍କ ନିକଟରେ ଉପସ୍ଥିତ ରହି ସତ୍ୟପାଠ ନଂ-୫୨୬୨ ତା. ୮.୬.୨୦୨୬ ରିଖ ରେ ଏହା ଘୋଷଣା କରୁଅଛୁ କି ଗତ ତା. ୧୪.୧୨.୨୦୨୫ ରିଖରେ ଆମ୍ଭେ ମୋଟର ସାଇକେଲ ଯୋଗେ ଅଲରା ରୁ ନରସିଂହପୁର ଯାଉଥିବା ସମୟ ରେ ମୋର ବ୍ୟାଗ ରେ ଥିବା ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି, ରାଉରକେଲା ର ଇଞ୍ଜିନିୟରିଂ ଡିଗ୍ରୀ ସାର୍ଟିଫିକେଟ ରେ. ନଂ- 1921311022, ସିରିଏଲ ନଂ-D11190125379/2021-22 ସମେତ ସମସ୍ତ ଡିଗ୍ରୀ ସାଟିଫିକେଟ ବାଟ ରେ କେଉଁଠାରେ ହଜିଯାଇଛି । ଯଦି, କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ନିକଟସ୍ଥ ଥାନା କିମ୍ବା 9337544137 ମୋବାଇଲ ନମ୍ବର ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**AFFIDAVIT**

I LAXMI PRUSTY W/O SASHI BHUSAN PRUSTI , RESIDENT AT-KUTHARI TEMPLE STREET,BERHAMPUR PIN-760009, PS-BADA BAZAR, DIST-GANJAM, ODISHA DECLARE BY THIS AFFIDAVIT NO-1185, DT 30.05.2026. THAT NOW ON WARDS I SHALL BE KNOWN AS **LAXMI PRUSTI** FOR ALL FEATURES PURPOSES

**AFFIDAVIT**

I SASHIBHUSAN PRUSTY S/O RADHANATH PRUSTI, RESIDENT AT-KUTHARI TEMPLE STREET, BERHAMPUR PIN-760009, PS-BADA BAZAR, DIST-GANJAM, ODISHA DECLARE BY THIS AFFIDAVIT NO-1182, DT 30.05.2026. THAT NOW ON WARDS I SHALL BE KNOWN AS **SASHI BHUSAN PRUSTI** FOR ALL FEATURE PURPOSES

**NAME CHANGE**

By virtue of an affidavit sworn before the Executive Magistrate, Daspalla, AF.NO. 1352, dated 08/06/2026, I, **BIRENDRA MALIK**, S/o Parameswara Malik resident of village At: Gurha, PO: Kulurukumpa, PS: Banigochha, Dist: Nayagarh, State- Odisha, Pin: 752089 declare that I have changed my minor son's name from **BIBEKANANDA MALIK** (Old Name) to **VIBEKANANDA MALIK** (New Name). Henceforth, he shall be known as **VIBEKANANDA MALIK** for all future purposes.

(Sd- **BIRENDRA MALIK**)

**THE SAMBALPUR DISTRICT CO-OPERATIVE CENTRAL BANK LIMITED**

**Quotation Call Notice**

Letter No.: 1125 Date: 08.06.2026

The Sambalpur District Co-operative Central Bank (SDCCB) invites Quotation Call Notice for AMC of Computer Peripherals for Various Branches & H.O. under the Sambalpur District Co-Operative Central Bank Ltd. (SDCCB), Bargarh, Odisha. For details please visit Bank's website: **www.sambalpurdccb.bank.in.** The last date for receipt of proposal is **17.06.2026, 2:00 P.M.** SDCCB reserves the right to accept/reject any/all quotation without assigning any reason thereof.

**Sd/- Chief Executive Officer**

**THE SAMBALPUR DISTRICT CO-OPERATIVE CENTRAL BANKHead Office: Bargarh – 768028, Email: headoffice@sambalpurdccb.com**

**AFFIDAVIT**

By virtue of an affidavit sworn before Executive Magistrate, Jharsuguda, dated- 02/06/2026. I, **Awasthy Krishna Bikashkumar,** Address: Near Prabhat Press, Jhanda Chowk, Jharsuguda - 768201, Odisha declare that I have changed my name from **Krishna Awasthy** to **Awasthy Krishna Bikashkumar.** Henceforth, I shall be known as **Awasthy Krishna Bikashkumar** for all purpose.

Awasthy Krishna Bikashkumar

**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

10001/250/2627

**Advertisement(In-House)**

Interested In-house candidates presently working in other districts under NHM desiring to be posted in Dhenkanal district under NHM of OSH & FWS may log on to www. dhenkanal. odisha.gov.in for details (Advertisement, terms, conditions & application form etc.).

**The fresh candidates or the candidates who are not working under National Health Mission of OSH & FW Society need not to apply for the above mentioned posts.**

Sd/-

OIPR-10001/10059/1/26-27/0006 Chief District Medical & PH Officer, Dhenkanal


**CIVIL, GIS & CAD ENGINEERS**

**Cross-Country Petroleum Pipeline Project**

**SECON,** a 45-year-old Bangalore-based GIS-driven Engineering Consultancy Firm, requires Trained / Fresh Engineers, Retired Revenue Surveyors and Officers for its ongoing Cross-Country Petroleum Pipeline Project.

**WORK INVOLVES:**
- Pipeline Route Survey
- Land Acquisition
- Forest Clearance
- Obtaining Permissions
- Way Leave Licences for Road, Rail, River & Canal Crossings
- Related Pipeline Right of Use (RoU) Activities

**PROJECT LOCATION:** Vizag – Vijayanagaram (A.P.) – Raigad – Kantabanji (Odisha) – Mahasamund – Raipur (Chhattisgarh) covering approx. 540 km.

Candidates willing to undertake field work and camp life only need apply.

**CIVIL ENGINEERS / DIPLOMA CIVIL** (With / Without Experience, Below 26 Years)
- Site Data Acquisition
- Alignment & Crossing Drawings
- Land Acquisition Follow-up
- Documentation
- CAD Compilation of Pipeline RoU
- GIS Compatible Database Generation

**GIS ENGINEERS / DATA ENTRY OPERATORS**
Post Graduates / Degree Holders in Geospatial / Computer Science.

**REVENUE SURVEYORS (RETD.) / ACCOUNTANTS**
Talati, Revenue Surveyors, Dy. Tahsildars with experience in Land Acquisition and assistance to Competent Authority for Pipeline Projects. Local candidates preferred.

**EXCELLENT TERMS OFFERED**

SECON

Apply with full particulars to: **SECON** 7B Road, EPIP, Whitefield, Bangalore – 560066

www.secon.in | jobs@secon.in | Mob.: 9380578292


**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL: JEYPORE**
Phone No.: 06854-231098, e-Mail: ulbjeypore@gmail.com

**Quotation call notice** 13001/835/2627

Sealed Quotations are inviting for Supply of user fees Books, Jeypore quotation will be received on or before 18.06.2026 1.00 PM and it will be opened on same day at 4.00 PM in presence of the agency or his authorized representative if any. If the date of opening falls on holidays. Then the next working date will be treated as date of opening at the same time. The authority reverses the rights to reject any or all tender without assigning any reason thereof. The quotational should submit the PAN card & GST Registration certificate along with the quotation.

| SI No | Description | Unit | Quantity | Rate in Rs. |
|---|---|---|---|---|
| | Supply of user fees book | | | |

OIPR-13001/13079/1/26-27/0017 Executive Officer Jeypore Municipality

**OFFICE OF THE NOTIFIED AREA COUNCIL, KUCHINDA**
At/Po-Kuchinda, Dist-Sambalpur, Odisha, Pin-768222
ପତ୍ର ସଂଖ୍ୟା 1175 / ଏନଏସି. ତାରିଖ. 09.06.2026

**ଅଭିବ୍ୟକ୍ତି ପ୍ରକାଶନ**

ଏତଦ୍ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡାର ସମସ୍ତ ୧୧ ଗୋଟି ୱାର୍ଡର ସ୍ୱୟଂସହାୟକ ଗୋଷ୍ଠୀଙ୍କ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ AMRUT Mitra Initiative Scheme ଅଧୀନରେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା ଅଞ୍ଚଳର ଥିବା ନିମ୍ନଲିଖିତ ବନ୍ଧ ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ (*Operation & Maintenance*) ନିମନ୍ତେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଠାରୁ ମୁଦା ଲଫାପାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ବନ୍ଧ ଗୁଡ଼ିକର ବିବରଣୀ

୧. କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର - ୩ ର ରୁଗିଡି ବନ୍ଧର ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୨. କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର - ୩ ର ତଳିକଟା ବନ୍ଧର ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୩. କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର -୫ ର କୋଲ୍ହପଡା ବନ୍ଧର ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୪. କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର -୯ ର କୁଣ୍ଡାପୋଖରୀ ବନ୍ଧର ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୫. କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର - ୧୦ ର ସଇଡା ନୂଆ ବନ୍ଧର ପରିଚାଳନା ଏବଂ ରକ୍ଷଣାବେକ୍ଷଣ

ଏହି ଦରଖାସ୍ତ ମୁଦା ଲଫାପାରେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା କାର୍ଯାଳୟ ରେ ତା: ୧୯/୦୬/୨୦୨୬, ଅପରାହ୍ନ ୫.୩୦ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଅଧିକ ବିବରଣୀ ପାଇଁ ଆପଣ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା କାର୍ଯାଳୟରେ ଯୋଗାଯୋଗ କରିପାରିବେ।

ସ୍ୱା/-
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା

**TPNODL**
TP NORTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP Northern Odisha Distribution Limited**
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40109OR2021PLC035951; Website: www.tpnodl.com

**NOTICE INVITING TENDER (NIT) June 10th, 2026**

**TP Northern Odisha Distribution Limited** invites tender from eligible Bidders for the following:

| Sl.No. | Tender Enquiry No. | Work Description |
|---|---|---|
| 1 | TPNODL/OT/2026-27/2500001205 | 1 Year Rate Contract for Supply of Resin Cast Ring Type LT CT |
| 2 | TPNODL/OT/2026-27/2500001208 | One Year Rate Contract for supply of SMC Meter Box |
| 3 | TPNODL/OT/2026-27/2500001211 | 1 Year RC for Hiring of Diesel/Petrol Vehicles on Monthly Basis |
| 4 | TPNODL/OT/2026-27/2500001213 | RC for Hiring of EV Vehicles on Monthly Basis |
| 5 | TPNODL/OT/2026-27/2500001214 | RC for Hiring of On Call Vehicles in PAN TPNODL Locations |

* MSMEs registered in the State of Odisha shall pay tender fee of **Rs. 1,000/- including GST.**
** EMD is exempted for MSMEs registered in the State of Odisha.

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com.** All tenders will be available on TPNODL website. Future communication / corrigendum to tender documents, if any, shall be available on website.

**Chief- Contracts & MM**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA**
(E-mail ID: eemirayagada@gmail.com)

**NOTICE INVITING TENDER**
**e-Procurement Notice**

e-Procurement Notice No. SEMIDRGD-05/2026-27
Letter No. 2813 Dated. 06/06/26 **32001/366/2627**

The Superintending Engineer, Minor Irrigation Division, Rayagada on behalf of Governor of Odisha invites Percentage rate bids in both Single & Double cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work: Construction of 28 (Twenty-Eight) Nos. of New Check Dams under MATY 3.0 in different Blocks of Rayagada District & Improvement to 02 (Two) Nos. of MIP in Kashipur Blocks of Rayagada District under DMF for the year 2026-27.
2. Total Number of works: 30 (Thirty) Nos.
3. Estimated cost: Approximately varies from **Rs.12.86Lakh to Rs. 93.40Lakh.**
4. Period of completion: As mentioned against each work in Annexure to Bid Notice
5. Class of Contractor: As mentioned against each work in Annexure to Bid Notice
6. Date and time of availability of bid documents in the portal: From 10:00 A.M of 11.06.2026 to 5:00 PM of 25.06.2026
7. Last date/time for receipt of bids in the portal: 5:00 PM of 25.06.2026
8. Date of opening of bid: At 11:00 AM on 29.06.2026 in website (www.tendersodisha.gov.in)
9. Submission of Bids: Online mode
10. Name of the Officer inviting Bid: Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha **Website: www.tendersodisha.gov.in**

**Superintending Engineer**
**M.I. Division, Rayagada**

OIPR-32001/32056/1/26-27/0003

**GOVT. OF ODISHA DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**PURI IRRIGATION DIVISION, PURI**
E Mail I.D. eapuri eicwr.od@nic.in.& cepuriirrigation@yahoo.com
No. 1648 (WE)/ Dated, Puri, the 6.6.2026

32001/359/2627

**"e" PROCUREMENT NOTICE No. PID-02 OF 2026-27**
**Bid Identification No. PID-97 2026-27 to PID-134 of 2026-27**

| | | | |
|---|---|---|---|
| 1 | Name of the work | : | River/Saline/Canal/Road |
| 2 | Total No of package | : | 38Nos. |
| 3 | Tender Cost | : | Rs23.80 Lakhs to 41.86Lakhs |
| 4 | EMD | : | As per Column No.6 (Online Payment Mode) |
| 5 | Class of contractor | : | "D" Class to "B" Class |
| 6 | Cost of tender paper | : | Rs.6000/- (Online Payment Mode) respectively shown as per Column No. 5 |
| 7 | Period of completion | : | Six Calander months |
| 8 | Technical Bid Opening | : | Dt. 23.6.2026 at 11.00 AM |
| 9 | Transparent lottery among L1 Bidders (if more than one Bidders in same rate) | : | Will be intimated latter. |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Place of opening of Tender O/o the Superintending Engineer, Puri Irrigation Division, Puri | | Period of Completion |
|---|---|---|---|---|---|---|---|
| | | From | To | | Opening of tender | Date and time of lottery if required | |
| Superintending Engineer, Puri Irrigation Division, Puri | PID-97 of 2026-27 to PID-134 of 2026-27 | 11.6.2026 at 10.30 Hours | 22.06.2026 at 17.30 Hours | 22.06.2026 upto 5.30 PM during office hours | 23.06.2026 at 11.00 Hours | Will be intimated while uploading the Financial Bid Opening Summary | Six Calander months |

Further detail conditions can be seen from the Govt. website http://www.tendersorissa.gov.in All Corrigendum/cancellation of tender anything regarding tender will be shown in Govt. website http://www.tendersorissa.gov.in only.

**Superintending Engineer**
**Puri Irrigation Division, Puri**

OIPR-32001/32011/1/26-27/0002

**ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ / Union Bank of India**
भारत सरकार का उपक्रम / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୫.୦୬.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଗୁଡିଆଲି ଶାଖା, ସା/ପୋ: ଗୁଡିଆଲି, ଜିଲ୍ଲା: ଗଞ୍ଜାମ-୭୬୧୧୦୪, ମୋ.: ୮୨୯୫୬୬୯୦୦୨** | | |
| ୧. | **ଅଭିମନ୍ୟୁ ଭୂୟାଁ,** ପିତା: ସୁମ ଭୂୟାଁ, ସା/ପୋ: ଗୁଡିଆଲି, ଭାୟା: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୪ / ୦୧୭୬୧୬୫୪୦୦୦୧୦୧୧ | ୧୧.୦୦ | ୧୨.୦୦ |
| ୨. | **ପୂର୍ଣ୍ଣ ଚନ୍ଦ୍ର ସାହୁ,** ପିତା: ରଘୁନାଥ ସାହୁ, ସା: ଗୁଡିଆପଲ୍ଲୀ, ପୋ: ବୁଢାମ୍ବ, ପୋଲସରା, ଥାନା: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୦୪ / ୦୧୭୬୧୬୬୩୦୦୦୨୦୩୫ | ୧୯.୦୦ | ୨୫.୦୦ |
| | **କଙ୍କୋରଡା ଶାଖା, ମେଡିକାଲ ସ୍କୋୟାର ନିକଟ, ମେନ୍ ରୋଡ୍, କଙ୍କୋରଡା, ଜିଲ୍ଲା: ଗଞ୍ଜାମ-୭୬୧୧୪୪, ମୋ.: ୯୯୩୮୪୯୯୬୪୬** | | |
| ୧. | **ସନ୍ୟାସୀ ନାୟକ,** ସା: କରଖଣ୍ଡ, ହିଞ୍ଜିଳି, କଙ୍କୋରଡା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୪୪ / ୩୩୦୭୨୬୫୪୦୦୦୩୧୭୦ | ୧୩.୫୦ | ୧୫.୦୦ |
| | **ପୋଲସରା ଶାଖା, ତହସିଲ ଅଫିସ୍ ନିକଟ, ମେନ୍ ରୋଡ୍, ପୋଲସରା, ଜିଲ୍ଲା: ଗଞ୍ଜାମ-୭୬୧୧୦୫, ମୋ.: ୭୯୭୮୭୧୦୪୫୨** | | |
| ୧. | **ବିଦେଶୀ ସାହୁ,** ପିତା: ଉପେନ୍ଦ୍ର ସାହୁ, ସା/ପୋ: ସୁବଳୟା ବଡ ସାହି, ପୋଲସରା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୦୫ / ୦୪୫୩୩୦୧୦୦୧୬୩୯୪୪ | ୨୫.୦୦ | ୪୨.୩୦ |
| ୨. | **ସାଗରିକା ମହାରଣା,** ସ୍ୱାମୀ: ସୁଦର୍ଶନ ମହାରଣା, ସା: ବୁଢାମ୍ବ, ପୋଲସରା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୦୫ / ୦୪୫୩୧୬୫୪୦୦୧୦୪୩୮ | ୨୧.୦୦ | ୨୯.୦୦ |
| | **ପୁରୁଷୋତ୍ତମପୁର ମୁଖ୍ୟ ଶାଖା, ତହସିଲ ଅଫିସ୍ ସମ୍ମୁଖ,ଗଞ୍ଜାମ-୭୬୧୦୧୮,ମୋ.: ୭୭୧୦୦୩୧୧୩୬** | | |
| ୧. | **ଅଶୋକ କୁମାର ସାହୁ,** ପିତା: ୰ ହରିହର ସାହୁ, ସା: ବଳରାମପୁର, ପୋ: ରାମେଶ୍ୱର ନାରାୟଣପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୪୧ / **୧୩୪୪୩୦୧୦୦୦୫୬୭୯୬** | ୭୬.୩୯ | ୯୪.୮୪ |
| ୨. | **ପ୍ରମୋଦିନୀ ପଟ୍ଟନାଏକ,** ସ୍ୱାମୀ: ଗୁପ୍ତେଶ୍ୱର ପଟ୍ଟନାଏକ, ସା: ରାମ ନଗର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୧୦ / **୧୩୪୪୩୦୧୦୦୦୪୮୮୧୨** | ୧୨୭.୩୬ | ୧୬୨.୯୩ |
| ୩. | **ପ୍ରମୋଦିନୀ ପଟ୍ଟନାଏକ,** ସ୍ୱାମୀ: ଗୁପ୍ତେଶ୍ୱର ପଟ୍ଟନାଏକ, ସା: ରାମ ନଗର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୧୦ / **୧୩୪୪୩୦୧୦୦୦୪୮୮୨୧** | ୧୪୪.୮୦ | ୧୬୭.୪୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେଓ୍ୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୦୯.୦୬.୨୦୨୬** **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 905, dated 06-06-2026, I, ARCHIT BHATRA, S/o - Motiram Bhatra, Permanent Resident of Village - Bamuni, PO - Mokia, PS - Papadahandi, Dist- Nabarangpur, Odisha, Pin - 764071, declare that I have changed the name of my Daughter from DAMANI BHATRA to JAMBUBATI BHATRA. Henceforth, she shall be known as **JAMBUBATI BHATRA** for all purposes.

**Sd/- Archit Bhatra**

**AFFIDAVIT**

By virtue of an affidavit sworn before The Executive Magistrate, Tigiria vide No- 01 Dt. 09.06.2026, I, Atiyatul Kayam, D/o. S.K. Rasidulla, of Vill- Karadapalli, Po/Ps- Tigiria, Dist- Cuttack declare that I have changed my name from Atayatul Kayam to Atiyatul Kayam. Henceforth, I shall be known as **"Atiyatul Kayam"** for all purposes.

**Sd/- Atiyatul Kayam**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 904, dated 06-06-2026, I, NANDA BHATRA, S/o - Dasharath Bhatra, Permanent Resident of Village - Mantriguda, PO - Dongarbheja, PS - Nabarangpur, Dist - Nabarangpur, Odisha, Pin - 764078, declare that I have changed the name of my Daughter from DASHAMAINI BHATRA to JASMIN BHATRA. Henceforth, she shall be known as **JASMIN BHATRA** for all purposes.

**Sd/- Nanda Bhatra**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 909, dated 08.06.2026, I, JAYANTI BHATRA, Daughter of - Somanath Bhatra & Wife of - Padmanava Pujari, Permanent Resident of Village- Majhiguda, PO - Junapani, PS - Dabugam, Dist- Nabarangpur, Odisha, Pin - 764072, declare that I have changed my name from JAYANTI BHATARA to JAYANTI BHATRA. Henceforth, I shall be known as **JAYANTI BHATRA** for all purposes.

**Sd/- Jayanti Bhatra**

**AFFIDAVIT**

By virtue of an affidavit SI No4002 dtd 20.12.2025 in the court of the Executive Magistrate Khurdha, At/Po- Dhanasimulia, Via- Nampo, Jaleswar, Balàsore, PIN-756084,I Narotam Jena declare that, I have changed my daughter name from Bandita Jena to Jyotirmayee Jena, Henceforth she shall be known as **Jyotirmayee Jena** for all purposes.

**Sd/- Narotama Jena**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 886, dated 03.06.2026 I, MAMATA NAYAK, Daughter of - Late. Pasa Nayak, Permanent Resident of Village - Gulipatna, PO - Umerkote, PS - Umerkote, Dist- Nabarangpur, Odisha, Pin - 764073, declare that I have changed my name from SONALI NAYAK to MAMATA NAYAK. Henceforth, I shall be known as **MAMATA NAYAK** for all purposes.

**Sd/- Mamata Nayak**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 908, dated 08.06.2026, I, SEKH MUMATAJ, Wife of- Abadul Ajait, Resident of - Main Road, Gadabaguda, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from MAMATAZ BEGAM to SEKH MUMATAJ. Henceforth, I shall be known as **SEKH MUMATAJ** for all purposes.

**Sd/- Sekh Mumataj**

## ମାଲକାନଗିରିରେ ସୁରକ୍ଷା ବାହିନୀକୁ ସଫଳତା

# ବିପୁଳ ଅସ୍ତ୍ରଶସ୍ତ୍ର; ମାଓ ସାମଗ୍ରୀ ଜବତ





ମାଲକାନଗିରି, ୯ ।୬ (ସମିସ): ମାଲକାନଗିରି ଜିଲ୍ଲାରେ ମାଓବାଦୀ ବିରୋଧୀ ଅଭିଯାନକୁ ସୁରକ୍ଷାବାହିନୀ ଏକ ବଡ଼ ସଫଳତା ସହ ଆଗକୁ ନେଇଛି। ଜିଲ୍ଲାର କିଟିମିଟି ଓ କଟୁଆପଦର ଜଙ୍ଗଲ ଅଞ୍ଚଳରେ ଚାଲିଥିବା ମିଳିତ କମ୍ବିଂ ଅପରେସନ୍‌ରେ ବିଏସଏଫ ଓ ଡିଭିଏଫ୍ ଯବାନମାନେ ବିପୁଳ ପରିମାଣର ମାଓ ସାମଗ୍ରୀ ଏବଂ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ମଙ୍ଗଳବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିନୋଦ ପାଟିଲ ଏହି ସୂଚନା ଦେଇଥିଲେ। ସେ କହିଥିଲେ ଯେ, ପୂର୍ବରୁ ଆତ୍ମସମର୍ପଣ କରିଥିବା କିଛି ମାଓବାଦୀଙ୍କ ଠାରୁ ମିଳିଥିବା ଗୁପ୍ତ ସୂଚନାକୁ ଆଧାର କରି ଏହି ତଲାସୀ ଅଭିଯାନ ଚାଲିଥିଲା। ଅଭିଯାନ ସମୟରେ ୩୨ ପ୍ରକାରର ମାଓ ସାମଗ୍ରୀ ଜବତ ହୋଇଛି। ସେଥିରେ ୩ଟି ବନ୍ଧୁକ, ୩ଟି ଟିଫିନ ବୋମା, ଗୋଟିଏ ଗ୍ରେନେଡ୍ ଓ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ରହିଛି। ଏହା ସହିତ ମାଓବାଦୀଙ୍କ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଏବଂ ବିଭିନ୍ନ ଅପରେସନାଲ୍ ଉପକରଣ ମଧ୍ୟ ସୁରକ୍ଷା ବାହିନୀ ଜବତ କରିଛି। ପୁଲିସର ମତନୁସାରେ, ଏହି ଜବତ ମାଓବାଦୀ ସଂଗଠନର କାର୍ଯ୍ୟକଳାପକୁ ଗୁରୁତର ଭାବେ ପ୍ରଭାବିତ କରିବ। ସେମାନଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଅଧିକ ଜୋରଦାର କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଏସଏଫ ଏବଂ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

● ଆଇଏସଡିଏ ଇନ୍‌ଫ୍ରାକନ୍ ନ୍ୟାସନାଲ୍ ଆୱାର୍ଡସ୍ ୨୦୨୬

# ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ସ୍ୱର୍ଣ୍ଣ ପୁରସ୍କାର




ଗୁଣୁପୁର, ୯।୬(ସମିସ): ନୂଆଦିଲ୍ଲୀସ୍ଥିତ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ସ୍କିଲ୍ ଡେଭଲପମେଣ୍ଟ ଏକାଡେମି (ଆଇଏସଡିଏ) ପକ୍ଷରୁ ଆୟୋଜିତ ଆଇଏସଡିଏ ଇନ୍‌ଫ୍ରାକନ୍ ନ୍ୟାସନାଲ୍ ଆୱାର୍ଡସ୍ (ଆଇଆଇଏନଏ) ୨୦୨୬ରେ ଜିଆଇଇଟି ବିଶ୍ୱବିଦ୍ୟାଳୟକୁ 'ଶ୍ରେଷ୍ଠ ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟ' ବର୍ଗରେ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୫ ଜୁନ୍ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ହ୍ୟାବିଟାଟ୍ ସେଣ୍ଟରରେ ଆୟୋଜିତ ଭବ୍ୟ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଜାତୀୟ ସ୍ତରର ସ୍ୱୀକୃତି ବିଶେଷ କରି ସିଭିଲ୍ ଇଞ୍ଜିନିୟରିଂ କ୍ଷେତ୍ରରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଉତ୍କର୍ଷତା, ଗବେଷଣାମୂଳକ ଶିକ୍ଷା, ନବୀନତା ଓ ଶିଳ୍ପମୁଖୀ ଅଧ୍ୟୟନ ପ୍ରତି ଅବିରତ ପ୍ରତିବଦ୍ଧତାର ପ୍ରମାଣ ବହନ କରୁଛି। ଆଇଏସଡିଏ ଇନ୍‌ଫ୍ରାକନ୍ ନ୍ୟାସନାଲ୍ ଆୱାର୍ଡସ୍ ଦେଶରେ ଭିତ୍ତିଭୂମି ଉନ୍ନୟନ, ନିର୍ମାଣ, ସସ୍ଥାୟୀ ବିକାଶ, ବୃତ୍ତିଗତ ଶିକ୍ଷା ଓ କୌଶଳ ବିକାଶ କ୍ଷେତ୍ରରେ ଉତ୍କର୍ଷତାକୁ ସମ୍ମାନିତ କରୁଥିବା ଏକ ପ୍ରତିଷ୍ଠିତ ମଞ୍ଚ ଭାବେ ପରିଚିତ। ଗୁଣାତ୍ମକ ଶିକ୍ଷା, ନବୀନତା ଓ ଦକ୍ଷତା ବିକାଶ ମାଧ୍ୟମରେ ଜାତି ଗଠନରେ ଉଲ୍ଲେଖନୀୟ ଅବଦାନ ରଖୁଥିବା ସଂସ୍ଥାମାନଙ୍କୁ ଏହି ପୁରସ୍କାର ମାଧ୍ୟମରେ ସମ୍ମାନିତ କରାଯାଏ। ଆଧୁନିକ ପରୀକ୍ଷାଗାର, ଅନୁଶାସନମୂଳକ ଗବେଷଣା ପ୍ରୟାସ, ଅନୁଭବାଧାରିତ ଶିକ୍ଷା ପ୍ରଣାଳୀ, ଶିଳ୍ପ ସଂସ୍ଥାସହ ଭାଗୀଦାରି ଏବଂ ଫଳାଧାରିତ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ନିରନ୍ତର ଭାବେ ନିଜର ଶିକ୍ଷାଗତ ପରିବେଶକୁ ସୁଦୃଢ କରିଆସୁଛି। ବିଶେଷକରି ସିଭିଲ୍ ଇଞ୍ଜିନିୟରିଂ ବିଭାଗ ଦକ୍ଷ ଓ ସାମାଜିକ ଭାବେ ଦାୟିତ୍ୱଶୀଳ ଇଞ୍ଜିନିୟର୍ ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସୁଛି। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷକ, ଗବେଷକ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ଏବଂ ସମସ୍ତ ସଂପୃକ୍ତ ହିତାଧିକାରୀଙ୍କ ଅବଦାନକୁ କୃତଜ୍ଞତାର ସହ ସ୍ୱୀକାର କରାଯାଇଛି। ଏହି ସମ୍ମାନ ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସ୍ତରରେ ଉତ୍କର୍ଷ ଶିକ୍ଷା, ଗବେଷଣା ଓ ନବୀନତାର କେନ୍ଦ୍ର ଭାବେ ଉଦୟ ହେବାର ଦୃଷ୍ଟିକୋଣକୁ ଆହୁରି ସୁଦୃଢ କରିଛି।

## ଏସ୍‌ଆଇଆର ପ୍ରକ୍ରିୟା ନେଇ ସମୀକ୍ଷା; ଭୋଟର ସଚେତନତା ଶିବିର



ମାଲକାନଗିରି, ୯ ।୬(ସମିସ): ମାଲକାନଗିରି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ବ୍ଲକରେ ପ୍ରଶାସନିକ ସମୀକ୍ଷା ବୈଠକ ଏବଂ ସ୍ୱିପ୍ ଆନୁକୂଲ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ୧୪୭ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ମାଥିଲି ବ୍ଲକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ଇଆରଓଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ମାଥିଲି ବିଡିଓ-ତଥା-ଏଇଆରଓ ଏବଂ ସହକାରୀ କଲେକ୍ଟର ନିର୍ବାଚନ ଉପସ୍ଥିତ ରହି କାର୍ଯ୍ୟ ଅଗ୍ରଗତି ଯାଞ୍ଚ କରିଥିଲେ। ଅନୁରୂପ ଭାବେ, ଚିତ୍ରକୋଣ୍ଡା ବ୍ଲକରେ ମଧ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ବିଏଲଓ ଏବଂ ସୁପରଭାଇଜରମାନଙ୍କୁ ନେଇ ଏକ ବୈଠକ କରାଯାଇ ଏନୁମେରେସନ ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଏହାର ଡିଜିଟାଇଜେସନ ପ୍ରକ୍ରିୟାର ସମୀକ୍ଷା କରାଯାଇଛି, ଯେଉଁଥିରେ ଚିତ୍ରକୋଣ୍ଡା ବିଡିଓ-ତଥା-ଏଇଆରଓ ଏବଂ ସମସ୍ତ ନିର୍ବାଚନ କର୍ମଚାରୀ ସାମିଲ ଥିଲେ। ୧୪୬ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ମାଲକାନଗିରି ବ୍ଲକର ଏସଆଇଆର ୨୬ ପ୍ରକ୍ରିୟାର ଅଗ୍ରଗତି ନେଇ ଉପ ଜିଲ୍ଲାପାଳ ତଥା ଇଆରଓ ସ୍ୱତନ୍ତ୍ର ସମୀକ୍ଷା କରିଛନ୍ତି। ଏହି ବୈଠକରେ ସମସ୍ତ ବିଏଲଓ, ସୁପରଭାଇଜର, କାର୍ଯ୍ୟରେ ପଛୁଆ ଥିବା ବିଏଲଓ ଏବଂ ସଂଶ୍ଳିଷ୍ଟ ଟ୍ୟାଗ୍ ଅଧିକାରୀମାନଙ୍କୁ କାର୍ଯ୍ୟରେ ସୁଧାର ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭୋଟରମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଭୋଟର ସଚେତନତା ଫୋରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏସ୍‌ଆଇଆର ପ୍ରକ୍ରିୟା ପରିଚାଳନା, ଅନ୍‌ଲାଇନ ଏନୁମେରେସନ ଫର୍ମ ପୂରଣ ଏବଂ ୨୦୦୨ ଭୋଟର ତାଲିକାରୁ ସହଜରେ ନାମ ଖୋଜିବା ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲାରେ ଏକ ସ୍ୱଚ୍ଛ ଓ ସତେଜ ଭୋଟର ତାଲିକା ପ୍ରସ୍ତୁତ କରିବାରେ ବେଶ ସହାୟକ ହେବ।


# ଜିଲ୍ଲାରେ ୭୦ ପ୍ରତିଶତ ଲୋକଙ୍କୁ ପରିଗଣନା ଫର୍ମ ବଣ୍ଟନ





ରାୟଗଡ଼, ୯।୬(ସମିସ): ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ଭୋଟର ତାଲିକାର ସଘନ ସଂଶୋଧନ ଆରମ୍ଭ ହୋଇଛି। ଏହା ଚଳିତ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତି ଭୋଟରଙ୍କୁ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରିବା ସହ ତଥ୍ୟ ସଂଗ୍ରହ କରାଯାଉଛ ବୋଲି ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ରାୟଗଡ ଜିଲ୍ଲାରେ ମୋଟ ୭୧୪୭୦୦ ଭୋଟରଙ୍କ ମଧ୍ୟରୁ ଦଶ ଦିନ ମଧ୍ୟରେ ପ୍ରାୟ ଶତକଡା ୭୦ ଭାଗ ଲୋକଙ୍କୁ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଡେପୁଟି କଲେକ୍ଟର ମାନୁଏଲା ପ୍ରିୟଦର୍ଶିନୀ ପ୍ରକାଶ କରିଛନ୍ତି। ଗୁଣୁପୁର ନିର୍ବାଚନ ମଣ୍ଡଳୀରେ ୨୨୨୪୦୫, ବିଷମକଟକ ନିର୍ବାଚନ ମଣ୍ଡଳୀରେ ୨୩୪୯୦୨ ଓ ରାୟଗଡ ନିର୍ବାଚନ ମଣ୍ଡଳୀରେ ୨୫୭୩୯୩ ଜଣ ଭୋଟର ଅଛନ୍ତି। ସହରାଞ୍ଚଳରେ ଭୋଟରଙ୍କୁ ଚିହ୍ନଟ କରିବାରେ ସମସ୍ୟା ଥିବାରୁ ବଣ୍ଟନ ଓ ତଥ୍ୟ ସଂଗ୍ରହରେ ବିଳମ୍ବ ହେଉଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ବ୍ଲକ ଓ ପୌରାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ରାୟଗଡ଼ ସହରରେ ଏଥି ନିମନ୍ତେ ରାୟଗଡ଼ ନିର୍ବାଚନ ମଣ୍ଡଳୀ ତରଫରୁ ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ନେତୃତ୍ୱରେ ରବିବାର ଦିନ ଏକ ବାଇକ୍ ରାଲିର ଆୟୋଜନ ହୋଇଥିଲା। ସଚେତନତା ରଥ ଏବଂ ପ୍ରଚାର ଗାଡି ସହ ଶହ ଶହ ଭୋଟର, କର୍ମକର୍ତ୍ତା ଓ ଜନସାଧାରଣ ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସେହିଭଳି ଗ୍ରାମାଞ୍ଚଳରେ ଚୁନାବ ପାଠଶାଳା ମାଧ୍ୟମରେ ବୟସ୍କ, ଯୁବ ଭୋଟର ଓ ସ୍ୱେଚ୍ଛାସେବୀଙ୍କୁ ସଘନ ସଂଶୋଧନର ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ଆଲୋଚନା କରାଯାଉଥିବା ଉପ ଜିଲ୍ଲାପାଳ ଶ୍ରୀ ଜେନା ପ୍ରକାଶ କରିଛନ୍ତି। ଭୋଟର ଜାଗୃତ ହୁଅନ୍ତୁ, ନିଜ ଅଧିକାରକୁ ସୁରକ୍ଷିତ ରଖିବାରେ ଯତ୍ନଶୀଳ ହୁଅନ୍ତୁ ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। କୌଣସି ଯୋଗ୍ୟ ଭୋଟର ଯେପରି ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିବେ ନାହିଁ। ଅଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ପ୍ରକ୍ରିୟାରେ ସମସ୍ତେ ସାମିଲ ହେବା ନିମନ୍ତେ ଆହ୍ୱାନ ଦେଇଛନ୍ତି। ଏହାର ସୁଫଳ ନିମନ୍ତେ ଜିଲ୍ଲା ସ୍ତରରେ ସମସ୍ତ ରାଜନୈତିକ ଦଳ ସହ ଜିଲ୍ଲା ନିର୍ବାଚନ ଅଧିକାରୀ ଆଲୋଚନା କରି ବୁଥ ସ୍ତରରେ ସେମାନଙ୍କ ସହଯୋଗ କାମନା କରିଛନ୍ତି। ଅପରପକ୍ଷେ ନିଜ ପରିଗଣନା ଫର୍ମ ପୂରଣ କରି ବୁଥ ସ୍ତରୀୟ ଅଧିକାରୀଙ୍କୁ ସହଯୋଗ କରିବା ନିମନ୍ତେ ନିବେଦନ କରିଛନ୍ତି। ଜଣେ ଭୋଟର ବାହାରେ ରହି ମଧ୍ୟ ନିଜର ପରିଗଣନା ଫର୍ମ ଅନଲାଇନ ଦାଖଲ କରିପାରିବେ। ଆସନ୍ତା ଜୁଲାଇ ପାଞ୍ଚ ତାରିଖରେ ପ୍ରକାଶ ହେବାକୁ ଥିବା ଚିଠା ଭୋଟର ତାଲିକାରେ ନିଜ ନାମ ସଂରକ୍ଷିତ ରଖିବା ପାଇଁ ଚଳିତ ଜୁନ ଆଠେଇଶି ତାରିଖ ପୂର୍ବରୁ ନିଜ ପରିଗଣନା ଫର୍ମ ବୁଥ ସ୍ତରୀୟ ଅଧିକାରୀଙ୍କ ଠାରେ ଦାଖଲ କରି ଜଣେ ସଚେତନ ଭୋଟରର ପରିଚୟ ଦେବା ସହିତ ନିଜକୁ ଗର୍ବିତ ମନେ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଜାରି କରାଯାଇଛି।

## ସ୍ପୋର୍ଟସ କମ୍ପ୍ଲେକ୍ସରେ ସ୍ଥାୟୀ ଆଥେଲଟ୍ ପ୍ରଶିକ୍ଷକ ନିଯୁକ୍ତି ଦାବି



ଜୟପୁର, ୯ ।୬ (ସମିସ) : କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଆଥେଲଟ୍ ବିଭାଗର ସ୍ଥାୟୀ ପ୍ରଶିକ୍ଷକ ନଥିବା ଯୋଗୁଁ ସ୍ଥାନୀୟ ବିଭିନ୍ନ ଖେଳାଳି ମାନେ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ତେଣୁ ତୁରନ୍ତ ଏକ ସ୍ଥାୟୀ ଆଥେଲଟ୍ କୋଚ(ପ୍ରଶିକ୍ଷକ) ନିଯୁକ୍ତ କରିବାକୁ ଆଜି ରାଜ୍ୟ ଯୁବ ବିଜେଡି ଉପ ସଭାପତି ଶିଳ୍ପା ପାଣିଙ୍କ ନେତୃତ୍ୱରେ ଏହି ବିଭାଗର ବାଳକ ଓ ବାଳିକା ଖେଳାଳି ମାନେ ଏବଂ ଅଭିଭାବକ ମାନେ ଏକ ଦାବିପତ୍ର ଉପଜିଲ୍ଲାପାଳ ଯଦୁମଣି ନାୟକଙ୍କୁ ପ୍ରଦାନ କରିଛନ୍ତି । ଜୟପୁର ସ୍ପୋର୍ଟସ କମ୍ପ୍ଲେକ୍ସରେ ୫ ବୟସର ଯୁବକ ଓ ଯୁବତୀମାନେ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ତାଲିମ ଗ୍ରହଣ କରିବା ସହିତ ରାଜ୍ୟ ଓ ଜାତୀୟ ସ୍ତରରେ ଖେଳିବାକୁ ବାହାରକୁ ଯାଉଛନ୍ତି। କିନ୍ତୁ ସ୍ଥାନୀୟ କିଛି ବରିଷ୍ଠ ଖେଳାଳିମାନଙ୍କ ଦ୍ୱାରା ସାମାନ୍ୟ କିଛି ପରାମର୍ଶ ଓ ପ୍ରଶିକ୍ଷଣ ଗ୍ରହଣ କରିବା ସହିତ ଶାରରୀକ ବ୍ୟାୟାମ ନିୟମିତ ଅଭ୍ୟାସ କରୁଛନ୍ତି। କିନ୍ତୁ ଏହି ଖେଳାଳି ମାନଙ୍କୁ ଜଣେ ଉପଯୁକ୍ତ ପ୍ରଶିକ୍ଷଣଙ୍କ ଆବଶ୍ୟକତା ରହୁଛି। ଉକ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ବୈଷୟିକ ତାଲିମ ଗ୍ରହଣ କରିଲେ, ସେମାନେ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଖେଳାଳି ଭାବେ ନିଜକୁ ଉପସ୍ଥାପନ କରିପାରବେ। ତେଣୁ ତୁରନ୍ତ ଏକ ଆଥେଲେଟ କୋଚ ପ୍ରଦାନ କରିବାକୁ ଉପଜିଲ୍ଲାପାଳ ଏବଂ ଜିଲ୍ଲା କ୍ରୀଡା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ସରକାରୀ ଭଲୋଭୋ ବସ୍ ଉପରକୁ ପଥର ମାଡ଼ ଘଟଣା: ୩ ଗିରଫ



ସେମିଳିଗୁଡ଼ା, ୯।୬ (ସମିସ): ରବିବାର ମଧ୍ୟରାତ୍ରିରେ ମାତାଲ୍ ଯୁବକ ଉନ୍ମତ୍ତ କାଣ୍ଡ କରି ଚଳନ୍ତା ସରକାରୀ ଭଲୋଭୋ ବସ୍ ଉପରେ ଅତର୍କିତ ପଥର ମାଡ଼ କରିଥିଲେ। ସେମିଳିଗୁଡା ପୁଲିସ ଏହି ଘଟଣାରେ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲାରେ ଆଉ ଦୁଇ ଜଣ ଫେରାର ଥିବା ପୋଲିସ ସୂଚନା ଦେଇଛି। ମଙ୍ଗଳବାର ସନ୍ଧ୍ୟାରେ ସେମିଳିଗୁଡା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନାଙ୍କ ଠାରୁ ମିଳୁଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ସରକାରୀ ଭଲ୍‌ଭୋ ବସ୍ ଭବାନୀ ପାଟଣାରୁ ବାହାରି ବିଶାଖା ପାଟଣା ଯାଉଥିଲା। ବସ୍ ସେମିଳିଗୁଡା ନାଲ୍‌କୋ ଛକରେ ଆସିବା ପରେ କିଛି ଦୁର୍ବୃତ୍ତମାନେ ହଠାତ୍ ବସ ଉପରକୁ ବଡ଼ ବଡ଼ ପଥର ମାଡ଼ କରିଥିଲେ। ସମ୍ପୂର୍ଣ୍ଣ ସିନେମା ଷ୍ଟାଇଲେରେ ଏଭଳି ପଥର ମାଡ଼ ହୋଇଥିଲା। ପଥର ମାଡ଼ ଦେଖି ବସରେ ଥିବା ଯାତ୍ରୀ ଭୟଭୀତ ହୋଇ ଚିତ୍କାର କରୁଥିଲେ। ସେମିଳିଗୁଡା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ଦୁର୍ବୃତ୍ତ ମାନେ ଏକ ବୋଲେରୋ ମାଧ୍ୟମରେ ଫେରାର ହୋଇ ଯାଇଥିଲେ। ବସ ଡ୍ରାଇଭର ସନ୍ତୋଷ ସାଗର ସେମିଳିଗୁଡା ଥାନା ର ଅଭିଯୋଗ କରିବା ପରେ ପୋଲିସ ସିସି ଟିଭି ମାଧ୍ୟମରେ ବୋଲେରୋ ନମ୍ବର ଜାଣି ଏବଂ ସେମାନଙ୍କୁ ଧରିବା ପାଇଁ ଚାରିଆଡେ ଚଢ଼ଉ କରିଥିଲା। କୋରାପୁଟ ଏସ୍‌ପି ଆଦେଶରେ ଏକ ଟିମ୍ ଗଠନ କରି ପୁଲିସ ତଦନ୍ତ କରି ବସ ଉପରକୁ ପଥର ମାଡ଼ ମାରିବା ସହ ଲୁଟ୍ ମାମଲାରେ ସେମିଳିଗୁଡାର ଆକାଶ ଖିଲ, ମୋହନ ପୋଡାର ଦିଲୀପ ପ୍ରଧାନ, ଆର.କେ ମାଳି ଗୁଡାର ଆଶିଷ ଖିଲକୁ ଗିରଫ କରି ସେମାନେ ବ୍ୟବହାର କରିଥିବା ବୋଲେରୋକୁ ଜବତ କରିଥିଲେ। ତିନି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଦୁଇ ଫେରାର ଅଭିଯୁକ୍ତଙ୍କୁ ପୁଲିସ ଖୋଜୁଥିବା ଜଣାପଡ଼ିଛି। ସାମ୍ବାଦିକ ସମ୍ମିଳନୀରେ ସୁନାବେଡ଼ା ଥାନା ଅଧିକାରୀନୀ ସୁସ୍ମୁମା କୁଁହର , ସେମିଳିଗୁଡା ଏସଆଇ ପ୍ରଫୁଲ୍ଲ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟୁତ ତାର ଚୋରି ଅଭିଯୋଗରେ ଜଣେ ଗିରଫ

ଜୟପୁର, ୯ ।୬ (ସମିସ): ଜୟପୁର ସହରର ଖ୍ରୀଷ୍ଟିଆନ ଶ୍ମଶାନରେ ସଂଯୋଗ ହୋଇଥିବା ବିଦ୍ୟୁତ ତାର ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ଜୟପୁର ଟାଉନ ଥାନା କୁନ୍ଦାରି ଗୁଡାର ଲାଲୁ ନାୟକ (୧୯)। ଅଭିଯୁକ୍ତଙ୍କ ନିକଟରେ ଚୋରି ହୋଇଥିବା ୧୦କିଲୋ ବିଦ୍ୟୁତ୍ ତାର ଉଦ୍ଧାର କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହାଂସଦା ପ୍ରକାଶ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଗତ ଦୁଇଦିନ ପୂର୍ବରୁ ଖ୍ରୀଷ୍ଟିଆନ ଶ୍ମଶାନ ଭିତରେ ଲାଗିଥିବା ବିଦ୍ୟୁତ ଲାଇଟ୍‌କୁ ସଂଯୋଗ କରୁଥିବା ତାର ଚୋରି ହୋଇଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏଥିନେଇ ଥାନାରେ ଏକ ମାମଲା ରୁଜୁ ହେବା ସହିତ ତଦନ୍ତ ବେଳେ ଅଭିଯୁକ୍ତଙ୍କ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

■ ଛାତ୍ର ନିର୍ବାଚନ, ସଂଗଠନ କାର୍ଯ୍ୟକ୍ରମ

## ଏସ୍‌ପିଙ୍କ ସହ ଏବିଭିପିର ଆଲୋଚନା



ରାୟଗଡ, ୯।୬(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାୟଗଡ ଜିଲ୍ଲାର କାର୍ଯ୍ୟକର୍ତ୍ତାମାନେ ନବନିଯୁକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦଙ୍କୁ ସାକ୍ଷାତ କରି "ଛାତ୍ର ସନ୍ଦେଶ' ପ୍ରଦାନ କରିଥିଲେ। ଏହି ଅବସରରେ ଆଗାମୀ ଛାତ୍ର ସଂସଦ ନିର୍ବାଚନ, ଛାତ୍ର ସମସ୍ୟା ଏବଂ ଏବିଭିପି ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସୌଜନ୍ୟମୂଳକ ସାକ୍ଷାତକାରରେ ଏବିଭିପିର କାର୍ଯ୍ୟକର୍ତ୍ତା ସିଦ୍ଧାର୍ଥ ପୃଷ୍ଟି, ସୁମିତ ରତ୍ନାଲୁ, ଚିତ୍ତରଞ୍ଜନ ରାଉତ, ନନ୍ଦିନୀ ଚିନ୍ତାଡ଼ା, ଶ୍ରୀକାନ୍ତ ଚିନ୍ତାଡ଼ା ଏବଂ ପି. ଜ୍ୟୋତି ଉପସ୍ଥିତ ରହି ଏସପି ଶ୍ରୀ ରାଜ ପ୍ରସାଦଙ୍କୁ "ଛାତ୍ର ସନ୍ଦେଶ' ପ୍ରଦାନ କରିଥିଲେ।

## ଭତ୍ତା ବଣ୍ଟନରେ ଅବ୍ୟବସ୍ଥା ଅଭିଯୋଗ

# ପୌର କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ




ମାଲକାନଗିରି, ୯ ।୬ (ସମିସ): ମାଲକାନଗିରି ଜିଲ୍ଲାରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଭତ୍ତା ପାଉଥିବା ହିତାଧିକାରୀମାନେ ନିୟମିତ ଭାବେ ଭତ୍ତା ଅର୍ଥ ପାଉନଥିବା ଅଭିଯୋଗକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ମାଲକାନଗିରି ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ଭତ୍ତାଭୋଗୀ ହିତାଧିକାରୀ ଯୋଗଦେଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଭତ୍ତା ବଣ୍ଟନରେ ଅନିୟମିତତା ଓ ପିଡିଏସ ଚାଉଳ ବଣ୍ଟନରେ ଅବ୍ୟବସ୍ଥା ନେଇ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ବିକ୍ଷୋଭକାରୀଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାର ଗରିବ, ବୃଦ୍ଧ, ବିଧବା ଓ ଅସହାୟ ଲୋକଙ୍କୁ ସମୟମତେ ଭତ୍ତା ପ୍ରଦାନ କରିବାରେ ବିଫଳ ହୋଇଛନ୍ତି। ଅନେକ ହିତାଧିକାରୀ ନିଜର ଦୈନନ୍ଦିନ ଖର୍ଚ୍ଚ, ଖାଦ୍ୟ ଓ ଔଷଧ ପାଇଁ ଏହି ଭତ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ମାସ ମାସ ଧରି ଭତ୍ତା ନମିଳିବାରୁ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ହିତାଧିକାରୀମାନେ ନିୟମିତ ଓ ସଠିକ ପରିମାଣରେ ପିଡିଏସ ଚାଉଳ ମଧ୍ୟ ପାଉନାହାନ୍ତି। ଫଳରେ ଗରିବ ପରିବାରଗୁଡ଼ିକର ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜ୍ୟରେ ବିଜେପି ସରକାର ଲୋକଙ୍କୁ ମାଗଣା ବିଜୁଳି ଦେବା ପାଇଁ ମଧ୍ୟ କଥା ଦେଇଥିବା ବେଳେ ତାହା ପୂରଣ ହୋଇ ପାରିଲା ନାହିଁ। ଅପରପକ୍ଷେ ୪୦ ଡିଗ୍ରୀ ଖରାରେ ଗରିବ ଓ ଅସହାୟ ଲୋକେ ବର୍ତ୍ତମାନ ଭତ୍ତା ପାଇଁ ଦହଗଞ୍ଜ ହେଉଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ରାଜ୍ୟ ସରକାର ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ କରି କଂଗ୍ରେସ କର୍ମୀମାନେ ତୁରନ୍ତ ଭତ୍ତା ବଣ୍ଟନ ସ୍ୱାଭାବିକ କରିବା ସହ ପିଡିଏସ ବ୍ୟବସ୍ଥାରେ ଥିବା ତ୍ରୁଟି ଦୂର କରିବାକୁ ଦାବି କରିଥିଲେ। ଏହି ବିକ୍ଷୋଭରେ କଂଗ୍ରେସ ନେତା କେଶୁ ରାଓ, ପଦ୍ମ ପାଙ୍ଗି, ଛବି ଦାସଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ଧରିତ୍ରୀକୁ ଉତ୍ସର୍ଗ ହେଲା ୧ ଲକ୍ଷ ସିଡ୍ ବଲ୍

## ଆଦିତ୍ୟ ଆଲୁମିନା ରିଫାଇନେରୀରେ ବିଶ୍ୱ ପରିବେଶ ଦିବସ ପାଳିତ




ଟିକିରି, ୯।୬(ସମିସ): ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର କଂସାରୀଗୁଡାସ୍ଥିତ ଆଦିତ୍ୟ ଆଲୁମିନା ରିଫାଇନେରୀ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ମାତୃଧରିତ୍ରୀଙ୍କୁ ଏକ ଲକ୍ଷ ସିଡ୍ ବଲ୍ ଉତ୍ସର୍ଗ କରାଯାଇଥିଲା। ଗତ ଦୁଇ ମାସ ଧରି ସ୍ଥାନୀୟ ଗ୍ରାମୀଣ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ସିଡ୍ ବଲ୍‌ଗୁଡ଼ିକ ପରିବେଶ ସଂରକ୍ଷଣ ସହ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ମଧ୍ୟ ପ୍ରୋତ୍ସାହିତ କରିଛି। ଗୋବର ଓ ବିଭିନ୍ନ ପ୍ରକାରର ବନଜାତୀୟ ବିହନ ବ୍ୟବହାର କରି ପ୍ରସ୍ତୁତ ଏହି ସିଡ୍ ବଲ୍‌ଗୁଡ଼ିକ ପ୍ରାକୃତିକ ବନୀକରଣକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ତିଆରି କରାଯାଇଛି। ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ସିଡ୍ ବଲ୍ ବିତରଣ ପାଇଁ କମ୍ପାନୀ ପକ୍ଷରୁ ସମୁଦାୟ ସଦସ୍ୟ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ନେଇ ଏକ ମାସବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପରିବେଶ ଦିବସ ପାଳନ ଅବସରରେ ମାଟି ପାତ୍ର ତିଆରି, ରଙ୍ଗୋଲି, ଚିତ୍ରାଙ୍କନ, ବ୍ୟାଗ୍ ପେଣ୍ଟିଂ ଏବଂ କୁଇଜ୍ ପ୍ରତିଯୋଗିତା ଭଳି ବିଭିନ୍ନ ସୃଜନଶୀଳ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଶିଶୁ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସଫଳ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରାଯାଇ



ପରିବେଶ ସଚେତନତାକୁ ସୃଜନଶୀଳତା ମାଧ୍ୟମରେ ପ୍ରୋତ୍ସାହନ ଦିଆଯାଇଥିଲା। ଏହା ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଯେଉଁଥିରେ ୫୦୦ରୁ ଅଧିକ ଚାରା ରୋପଣ କରାଯାଇ ଅଞ୍ଚଳର ସବୁଜିମା ବୃଦ୍ଧି ପାଇଁ ପ୍ରୟାସ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରି ଡ. ମଜହର ବେଗ୍ କମ୍ପାନୀର ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଦୃଢ଼ ଅଙ୍ଗୀକାର ବିଷୟରେ ଆଲୋକପାତ କରିଥିଲେ। ସମଗ୍ର ଭାବେ ଆଦିତ୍ୟ ଆଲୁମିନା ରିଫାଇନେରୀର ବିଶ୍ୱ ପରିବେଶ ଦିବସ ପାଳନ କାର୍ଯ୍ୟକ୍ରମ ପରିବେଶ ସଂରକ୍ଷଣ, ସମୁଦାୟର ସକ୍ରିୟ ଅଂଶଗ୍ରହଣ ଏବଂ ସ୍ଥାୟୀ ବିକାଶ ପ୍ରତି ଏହାର ସମନ୍ୱିତ ଦୃଷ୍ଟିକୋଣକୁ ପ୍ରତିଫଳିତ କରିଥିଲା। ଏହା ଏକ ସବୁଜ, ସୁସ୍ଥ ଓ ସସ୍ଥାୟୀ ଭବିଷ୍ୟତ ଗଠନ ପାଇଁ କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରିଛି।

## ଧର୍ମପରାୟଣ ଭାଗ ଗୌଡ଼ଙ୍କ ପରଲୋକ

ଦଶମନ୍ତପୁର, ୯।୬(ସମିସ): ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ସ୍ଥିତ ଗୌଡ଼ବାରିକଣ୍ଡା ଗ୍ରାମର ବାଲସୁ ଗୌଡ଼ଙ୍କ ବଡ଼ପୁଅ ଭାଗ ଗୌଡ଼ଙ୍କ ପରଲୋକ ଘଟିଛି। ସେ ବିଭିନ୍ନ ମନ୍ଦିରର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଭକ୍ତ ମାନଙ୍କ ନିମନ୍ତେ ଭଜନ ଓ ପ୍ରସାଦ



ପ୍ରସ୍ତୁତରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। କୌଣସି ମନ୍ଦିରରେ ଅଷ୍ଟପ୍ରହରୀ, ପ୍ରତିଷ୍ଠା ଉତ୍ସବ କିମ୍ବା ଅନ୍ୟ କୌଣସି କାର୍ଯ୍ୟକ୍ରମରେ ପ୍ରସାଦ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଖୋଜା ପଡୁଥିଲେ ଭାଗ ଗୌଡ଼। ସେ ପେଟ ଯନ୍ତ୍ରଣାରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ କୋରାପୁଟ ପରେ ବ୍ରହ୍ମପୁର ଏବଂ ଡାକ୍ତରଙ୍କ ପରାମର୍ଶ ପରେ ଅଧିକ ଚିକିତ୍ସା ନିମନ୍ତେ ପୁଅ ବିନୋଦ ଗୌଡ଼ କଟକ ବଡ଼ ମେଡିକାଲକୁ ନେଇଥିଲେ । ୧୫ ଦିନ ଧରି ସେଠାରେ ଚିକିତ୍ସିତ ହେଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ରାତି ୧୦ଟା ସମୟରେ କଟକରୁ ଆମ୍ବୁଲାନ୍ସ ଯୋଗେ ମୃତ ଶରୀରକୁ ତାଙ୍କ ଜନ୍ମମାଟିକୁ ଅଣାଯିବା ପରେ ସୋମବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି । ଶେଷକୃତ୍ୟ ବେଳେ ବିଭିନ୍ନ ମନ୍ଦିରର ପରିଚାଳନା କମିଟି, ଦଶମନ୍ତପୁର କୋର୍ଟର କର୍ମଚାରୀ ଏବଂ ଓକିଲ, ଗ୍ରାମବାସୀ ଉପସ୍ଥିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା।

## ଶାଗୁଆନ କାଠ ସହ ବାଇକ୍ ଜବତ



ବୈପାରୀଗୁଡ଼ା, ୯।୬(ସମିସ): ବୈପାରୀଗୁଡା ବ୍ଲକ ଗୁପ୍ତେଶ୍ୱର ବନାଞ୍ଚଳ ଅଧିନସ୍ଥ ପଣସପୁଟ ଠାରେ ୧୦ଟି ଶାଗୁଆନ କାଠ ସହ ଗୋଟିଏ ବାଇକ୍ ଜବତ କରାଯାଇଛି । କାଠ ମାଫିଆ ଚମ୍ପଟ ମାରିଛନ୍ତି। ବନ ବିଭାଗ ସୂଚନା ଅନୁଯାୟୀ, ବନ ବିଭାଗ ଅଧିକାରୀ ଛବି ରନ୍ଧାରୀଙ୍କ ନେତୃତ୍ୱରେ ଗତ କାଲି ରାତିରେ ବନ ବିଭାଗ ପକ୍ଷରୁ ପଣସପୁଟ ଛକରେ ନାଇଟ୍ ପାଟ୍ରୋଲିଙ୍ଗ ଚାଲିଥିଲା। ଗାଡି ଯାଞ୍ଚ ବେଳେ ଅଭିଯୁକ୍ତ ବାଇକ୍ ଯୋଗେ ୧୦ଟି ଖଣ୍ଡ ଶାଗୁଆନ କାଠ ଚୋରା ଚାଲାଣ କରୁଥିଲେ। ଅଭିଯୁକ୍ତ ଦୂରରୁ ବନ କର୍ମଚାରୀଙ୍କୁ ଦେଖି ଅନ୍ଧାରର ସୁଯୋଗ ନେଇ ବାଇକ ସହ କାଠ ଛାଡି ଜଙ୍ଗଲ ମଧ୍ୟକୁ ଦୌଡ଼ି ଚାଲିଯାଇଥିଲେ। ବନ ବିଭାଗ କାଠ ସହ ବାଇକ ଜବତ କରିଛି। ଏହି ଚଢଉ ସମୟରେ ବନପାଳ ଲଳିତା ବିଡ଼ିକା, ବନରକ୍ଷୀ ସସ୍ମିତା ମାଇତି ଓ ସତ୍ୟବ୍ରତ ପ୍ରଧାନ, ପରା ଷ୍ଟାଫ ମୋହନ ଓଡ଼ିଆ, ରମେଶ ପୂଜାରୀ, ରାମଚନ୍ଦ୍ର ଦଳପତି, ଚନ୍ଦ୍ର ପୂଜାରୀ ଓ କିଶାର ସକ୍ଷନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ୧୬ବର୍ଷରୁ କମ୍ 'ସିଏମ ଟ୍ରଫି ୨୦୨୬' କବାଡ଼ି ଚାମ୍ପିଆନସିପ ଫାଇନାଲ ଆଜି



ବ୍ରହ୍ମପୁର, ୯।୬(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିଅମରେ ଚାଲିଥିବା ୧୬ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ପ୍ରଥମ ସିଏମ କପ୍ କବାଡି ଚାମ୍ପିୟନସିପର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚ ବାଳକ ବର୍ଗରେ ଗଞ୍ଜାମ ଓ ସୁନ୍ଦରଗଡ଼ ମଧ୍ୟରେ ଖେଳା ଯାଇଥିଲା। ସୁନ୍ଦରଗଡ଼ ବାଳକ ଦଳ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ (୪୬-୪୦) ପଏଣ୍ଟ ବ୍ୟବଧାନରେ ଗଞ୍ଜାମକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ପ୍ରତିଯୋଗିତାର ବାଳିକା ବର୍ଗରେ ପୁରୀ ଓ ଅନୁଗୁଳ ମଧ୍ୟରେ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଅନୁଗୁଳକୁ ପୁରୀ ଦଳ (୧୮-୫୭) ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ସହଜସାଧ୍ୟ ବିଜୟ ଲାଭ କରିବା ସହ ଫାଇନାଲରେ ପ୍ରବେଶ କରିପାରିଛି। ଉଭୟ ମ୍ୟାଚରେ ଓଡିଶା କବାଡି ସଂଘର ସଦସ୍ୟ ପୃଥ୍ୱୀରାଜ ପଟ୍ଟନାୟକଙ୍କ ସମେତ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ଓ ଓଡିଶା ଅଲମ୍ପିକ ସଙ୍ଘର ଯୁଗ୍ମ ସମ୍ପାଦକ ଜେ. କାମେଶ୍ୱର ରାଓ, କେଦାରନାଥ ଚୌଧୁରୀ, ଦୁର୍ଗା ପଟନାୟକ, ଡ଼ି. ଡ଼ି ଗନ୍ତାୟତ, ଡ଼ି. ବାବୁ ରାଓ, ରାଜ ନାରାୟଣ ପାତ୍ର, ପ୍ରମୋଦ ମହାରଣା, ବିଜୟ କୁମାର ପଟନାୟକ, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡ଼ି. ଆପ୍ପା ରାଓ, ସୀତାରାମ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ବାଳିକା ବର୍ଗରେ ଗଞ୍ଜାମ ଦଳ ଓ ବାଳକ ବର୍ଗରେ ବାଲେଶ୍ୱର ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଆସନ୍ତା କାଲି ପ୍ରତିଯୋଗିତାର ଉଭୟ ବର୍ଗରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବାଳିକାରେ ଆୟୋଜକ ଗଞ୍ଜାମ ଓ ପୁରୀ ଏବଂ ବାଳକ ବର୍ଗରେ ବାଲେଶ୍ୱର ଓ ସୁନ୍ଦରଗଡ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ତଥା ଗଞ୍ଜାମ କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

- ବାଳିକା ବର୍ଗରେ ଗଞ୍ଜାମ ଓ ପୁରୀ, ବାଳକ ବର୍ଗରେ ବାଲେଶ୍ୱର ଓ ସୁନ୍ଦରଗଡ ମଧ୍ୟରେ ମୁକାବିଲା
- ଉଭୟ ବର୍ଗର ସେମିଫାଇନାଲରେ ସୁନ୍ଦରଗଡ ଠାରୁ ଗଞ୍ଜାମ ଏବଂ ପୁରୀ ଠାରୁ ଅନୁଗୁଳ ପରାସ୍ତ

## ନିଷ୍ଟର 'ଇସିଇ' ଏବଂ 'ଏମସିଏ' ପାଠ୍ୟକ୍ରମକୁ ଏନବିଏ ମାନ୍ୟତା



ବ୍ରହ୍ମପୁର, ୯।୬(ସମିସ): ନିଷ୍ଟ ବିଶ୍ୱବିଦ୍ୟାଳୟର ଇସିଇ ଏବଂ ଏମସିଏ ପାଠ୍ୟକ୍ରମକୁ ଜାତୀୟ ମାନ୍ୟତା ବୋର୍ଡ ତଥା (ଏନବିଏ) ଦ୍ୱାରା ୩ବର୍ଷ ପାଇଁ ସ୍ୱୀକୃତି ମିଳିଥିବା ଜଣାପଡିଛି। ବିଶ୍ୱବିଦ୍ୟାଳୟ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ ଇଞ୍ଜିନିୟରିଂ 'ଇସିଇ' ଏବଂ ମାଷ୍ଟର ଅଫ୍ କମ୍ପ୍ୟୁଟର ଆପ୍ଲିକେସନ (ଏମସିଏ) ରେ ସ୍ନାତକ ପାଠ୍ୟକ୍ରମକୁ ନିରୀକ୍ଷଣ କରିବାକୁ 'ଏନବିଏ'ର ଏକ ୫ଜଣିଆ ପ୍ରତିନିଧି ଦଳ ଗତ ମେ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଦିର୍ଘ ୩ଦିନ ଧରି ନିଷ୍ଟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। 'ଏନବିଏ' ପକ୍ଷରୁ ପ୍ରକାଶିତ ରିପୋର୍ଟ ପ୍ରକାରେ ଇସିଇ ଏବଂ ଏମସିଏ ପାଠ୍ୟକ୍ରମର ଡିଗ୍ରୀ ବା ଯୁଜି ପ୍ରୋଗ୍ରାମଗୁଡିକ ୨୦୨୬ମସିହା ଜାନୁଆରୀ ପହିଲାରୁ ୨୦୨୮ମସିହା ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ୩ବର୍ଷ ପାଇଁ ମାନ୍ୟତାପ୍ରାପ୍ତ ହୋଇଛି। ଏହି ମାନ୍ୟତା ଫଳରେ ଛାତ୍ରଛାତ୍ରୀ ନିଯୁକ୍ତି, ଶିଳ୍ପ ପ୍ରତିଷ୍ଠାନ ସହିତ ଯୋଗାଯୋଗ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ଅନୁଷ୍ଠାନରେ ଇଣ୍ଟର୍ଣ୍ଣସିପ୍ ଏପରିକି ନାମଲେଖାଇବାରେ ବେଶ ସହାୟକ ହୋଇପାରିବ। ବିଶ୍ୱବିଦ୍ୟାଳୟର ଉଭୟ ବିଭାଗକୁ ବା ପାଠ୍ୟକ୍ରମକୁ ମିଳିଥିବା ମାନ୍ୟତା ବା ପ୍ରତିଷ୍ଠା ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଡ଼. ସୁକାନ୍ତ କିଶୋର ମହାପାତ୍ରଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ଭାରପ୍ରାପ୍ତ କୁଳପତି ଡ. ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁକର ନାୟକ, ଇସିଇ ବିଭାଗୀୟ ମୁଖ୍ୟ ଡକ୍ଟର ରାଜେଶ ପାଟଯୋଶି, ଏମସିଏ ସଂଯୋଜକ ଡକ୍ଟର ପ୍ରଦୀପ କୁମାର ଜେନାଙ୍କ ଉଦ୍ୟମ ଯୋଗୁଁ ସଫଳ ସମ୍ଭବ ହୋଇପାରିଛି।

## ବିଏମସିର ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ବ୍ରହ୍ମପୁର, ୯।୬(ସମିସ)

ଲିଜସୂତ୍ରରେ ଦୋକାନ ଘର ନେଇ ସବଲିଜ ଦେବାକୁ ଏଣିକି ଆଉ ବରଦାସ୍ତ କରାଯିବନାହିଁ। ସହରର ବିଭିନ୍ନ ସ୍ଥାନରେ ଥିବା ବିଏମସିର ସମସ୍ତ ଦୋକାନ ଗୃହର କରାଯିବ ସରଜମୀନ ତଦନ୍ତ।



ଲିଜଧାରୀଙ୍କ ସ୍ଥାନରେ ସବଲିଜ ନେଇଥିବା ବ୍ୟକ୍ତିଙ୍କ ଅକ୍ତିଆରରେ ଦୋକାନ ଗୃହ ଥିବା ଜଣାପଡିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ। ସମ୍ପୃକ୍ତ ଲିଜଧାରୀଙ୍କ ଲିଜକୁ ରଦ୍ଦ କରି ସେହି ସ୍ଥାନରେ ସବଲିଜଧାରୀଙ୍କୁ ନିୟମିତ କରିବାର ବ୍ୟବସ୍ଥା କରାଯିବ। ଏଭଳି କଡା ପଦକ୍ଷେପ ଗ୍ରହଣ କରିବାକୁ ଆଜି ଅନୁଷ୍ଠିତ ବିଏମସିର ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେପଟେ ସୁବାଷ ବୋଷ ଛକରେ ଥିବା ବିଏମସିର ଡାଇମଣ୍ଡ ଜୁବୁଲି ଟାଉନ ହଲ ପରିସରରେ ନିର୍ମାଣାଧିନ ମୋଟ ୪୨ଟି ଦୋକାନ ଗୃହରୁ ୨୮ଟିର କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ଅବଶିଷ୍ଟ ୧୪ଟି ଦୋକାନ ଗୃହକୁ ଖାଲି କରି ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରାଯିବ। ତେବେ ଇତି ମଧ୍ୟରେ ସମସ୍ତ ଦୋକାନ ଗୃହର ଆବଣ୍ଟନ ଲଟେରୀ ମାଧ୍ୟମରେ କରାଯିବ। ପୁରୁଣା ଲିଜଧାରୀଙ୍କୁ ଅଗ୍ରାଧିକାର ଦିଆଯିବ। ଏଥିପାଇଁ ୪ଲକ୍ଷ ଟଙ୍କା ଜମା, ରକ୍ଷଣାବେକ୍ଷଣ ପାଇଁ ୨୦ହଜାର ଓ ମାସିକ ୪ହଜାର ଟଙ୍କା ଭଡା ଆଦାୟ କରିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ସେହିଭଳି ଇଂଜିନିୟରିଂ ସ୍କୁଲ ଛକରେ ଥିବା ମୋଟ ୧୪ଟି ଦୋକାନ ଗୃହ ଆବଣ୍ଟନ ବେଳେ ଗୋଟିଏ ଦମ୍ପତିଙ୍କ ଅକ୍ତିଆରରେ ୪ଟି ଦୋକାନ ଗୃହ ଥିବା ଜଣାପଡିଛି। ଉକ୍ତ ଦମ୍ପତିଙ୍କୁ ଦୁଇଟି ଦୋକାନ ଛାଡିବା ପାଇଁ ନୋଟିସ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଇତି ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସହରର ଅଳକାପୁରୀ ଏବଂ ପଣ୍ଡା କଲୋନୀ ଠାରେ ନିର୍ମିତ ଦୁଇଟି କଲ୍ୟାଣ ମଣ୍ଡପକୁ ବିଏମସିକୁ ହସ୍ତାନ୍ତର କରାଯାଇଛି। ଅନୁରୂପ ଭାବେ ଅନ୍ଧପସରା ରୋଡ ଠାରେ ଥିବା ଅନ୍ୟ ଏକ ବହୁମୁଖୀ ଗୋଷ୍ଠୀ ବିକାଶ କେନ୍ଦ୍ରର ମଧ୍ୟ ନିର୍ମାଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଫଳରେ ସମସ୍ତ ୩ଟି ପ୍ରକଳ୍ପକୁ ଗ୍ରାଉଣ୍ଡ ଜିରୋରେ ଆସନ୍ତା କାଲି ଅର୍ଥାତ୍ ବୁଧବାର ମେୟର ଶ୍ରୀମତୀ ସଂଘମିତ୍ରା ଦଲେଇ ଓ କମିସନର ଏ. ସସ୍ୟ ରେଡ୍ଡୀଙ୍କ ନେତୃତ୍ୱରେ ବିଏମସିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପରିଦର୍ଶନ କରି ଏହାର ଲିଜ ଓ କାର୍ଯ୍ୟକାରିତା ସମ୍ପର୍କିତ ନିଷ୍ପତ୍ତି ନେବେ ବୋଲି ଜଣାପଡିଛି। ସବୁଠାରୁ ବଡକଥା ହେଲା ବିଏମସିର ଦୋକାନ ଗୃହ ଗୁଡିକର ଭଡା ବାର୍ଷିକ ଶତକଡା ୧୦ପ୍ରତିଶତ ବୃଦ୍ଧି ପାଉଥିବା ବେଳେ ଏଣିକି ତାହା ବାର୍ଷିକ ପରିବର୍ତ୍ତେ ୩ବର୍ଷକୁ ଥରେ ବୃଦ୍ଧି କରିବା ନେଇ ବୈଠକରେ ଆସିଥିବା ପ୍ରସ୍ତାବ ଉପରେ ସରଗରମ ଆଲୋଚନା ହୋଇଥିଲା। ତେବେ ଏନେଇ କୌଣସି ନିଷ୍ପତ୍ତି ହୋଇନଥିବା ବେଳେ ଆଗାମୀ କର୍ପୋରେସନ ବୈଠକରେ ଏନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ମେୟର ଶ୍ରୀମତୀ ସଂଘମିତ୍ରା ଦଲେଇଙ୍କ ଉପସ୍ଥିତିରେ ତଥା ଫାଇନାନ୍ସ କମିଟିର ଅଧ୍ୟକ୍ଷ ଟି. କିଶୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିସନର ଏ. ସସ୍ୟ ରେଡ୍ଡୀ, ଡେପୁଟି କମିସନର କଲ୍ୟାଣୀ ସଂଘମିତ୍ରା ଦେବୀ, ସଦସ୍ୟ କର୍ପୋରେଟର ଏନ୍. ଆପ୍ପା ରାଓ, ପ୍ରଶାନ୍ତ ପଟ୍ଟନାୟକ, ଧୀରେଶ ସାବତ ଓ ସହକାରୀ କମିସନର ରୋନିତ କୁମାର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

- ମାର୍କେଟ କମ୍ପ୍ଲେକ୍ସ ଲିଜ ଓ କଲ୍ୟାଣମଣ୍ଡପ ହସ୍ତାନ୍ତର ନେଇ ସରଗରମ ଆଲୋଚନା
- ଏଣିକି ବର୍ଷିକିଆ ପରିବର୍ତ୍ତେ ୩ ବର୍ଷିଆ ଲିଜ ଦେବାକୁ ବୈଠକରେ ପ୍ରସ୍ତାବ ଆଗତ
- ସରଜମୀନ ତଦନ୍ତ ପରେ ଲିଜ ରଦ୍ଦ କରି ସବଲିଜଧାରୀଙ୍କୁ କରାଯିବ ନିୟମିତ

● ଗୁଣି ଗାରେଡ଼ି ସନ୍ଦେହ

## ମହିଳାକୁ ମାଡ଼ ମାରି ୩ ଗିରଫ

ବ୍ରହ୍ମପୁର, ୯।୬(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ନୁଆଁ ଗୋଳାବନ୍ଧ ଗ୍ରାମରେ ଜଣେ ମହିଳାଙ୍କୁ ଗୁଣି ଗାରେଡି କରୁଥିବା ସନ୍ଦେହରେ ମାରପିଟ କରିଥିବା ମାମଲାରେ ପୁଲିସ ତିନି ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ନୁଆଁ ଗୋଳାବନ୍ଧ ଗ୍ରାମର



ଏସ.ବାଲେୟା, ଏସ.କ୍ରୀଷ୍ଣା, ପି.ବାଲେୟା ବୋଲି ପୁଲିସ କହିଛି। ଅଭିଯୁକ୍ତ ଠାରୁ ପୁଲିସ କାଠଫାଳିଆ ଜବତ କରିଛି। ସୂଚନା ପ୍ରକାରେ ଗତମାସ ୧୮ ତାରିଖରେ ଉକ୍ତ ଗ୍ରାମରେ ରହୁଥିବା ଜେ.କାମ୍ମାମା ପିଲା ମାନଙ୍କୁ ଗୁଣି ଗାରେଡି କରୁଥିବା ସନ୍ଦେହରେ ଗ୍ରାମବାସୀ ଅଟକ ରଖି ମାରପିଟ କରି ଏକ କୋଠରୀରେ ବନ୍ଦି କରି ରଖିଥିଲେ। କୌଣସି ସୂତ୍ରରୁ ଗୋପାଳପୁର ପୁଲିସ ଖବର ପାଇ ମହିଳାକୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ଗ୍ରାମରେ ପୁଲିସକୁ ଦେଖି ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ବ୍ରହ୍ମପୁର ଏସ.ପି ଡ଼.ସର୍ବଣା ବିବେକ ଏମ, ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପୁଲିସ ଉପସ୍ଥିତିରେ ମହିଳା ଜଣକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଇଥିଲେ। ମହିଳା ଜଣକ ଚିକିତ୍ସା ହୋଇ ଫେରିବା ପରେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୨୭୫/୨୬ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ ୩ ଜଣ ଅଭିଯୁକ୍ତକୁ କାବୁ କରି କୋର୍ଟଚାଲାଣ କରିଥିବା ବେଳେ ତଦନ୍ତ ଜାରି ରଖିଛି। ସନ୍ଧ୍ୟାରେ ଉକ୍ତ ଗ୍ରାମରେ ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ଓ ପୁଲିସ ଟିମ ପହଞ୍ଚି ଫ୍ଲାଗମାର୍ଚ୍ଚ କରି ଲୋକଙ୍କୁ ସଚେତନ କରିଥିବା ଜଣାପଡ଼ିଛି।

● ବନ୍ଦ ଘରୁ ଚୋରି ଘଟଣା

## ଦୁଇ ଗିରଫ; ଚୋରା ସାମଗ୍ରୀ ଜବତ

ବ୍ରହ୍ମପୁର, ୯।୬(ସମିସ): ବଡ଼ବଜାର ଥାନା ଅଞ୍ଚଳର ଆଇନାବନ୍ଧ ସାହିରେ ଘଟିଥିବା ଏକ ଚୋରି ମାମଲାରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୀପକ ଦାସ (୨୪) ଓ ଅଜୁ ବିଷୋୟୀ (୨୭)। ଉଭୟେ



ଆଇନାବନ୍ଧ ସାହିର ବାସିନ୍ଦା ବୋଲି ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଆଇନାବନ୍ଧ ସାହିର ତ୍ରିଲୋଚନ ପଣ୍ଡା ଗତ ମାର୍ଚ୍ଚ ୨ରେ ବଡ଼ବଜାର ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ସେ ବିଭିନ୍ନ ଉତ୍ସବ ଅବସରରେ ରୋଷେୟା ଭାବେ କାମ କରୁଥିବାରୁ ଘରୁ ବାହାରେ ରହୁଥିଲେ। ୨ ମାର୍ଚ୍ଚ ସକାଳେ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗା ଥିବା ଦେଖିଥିଲେ। ଘର ଭିତରୁ ୫୦ ହଜାର ଟଙ୍କା ନଗଦ, ୫୦ କିଲୋ ଚାଉଳ, ଦୁଇଟି ଗ୍ୟାସ ସିଲିଣ୍ଡର ଓ ଏକ ପ୍ଲାଷ୍ଟିକ କୁଲର ଚୋରି ହୋଇଥିବା ବେଳେ ଘରର ସାମଗ୍ରୀ ଏଣେତେଣେ ପଡ଼ିଥିଲା। ଅଭିଯୋଗ ଆଧାରରେ ବଡ଼ବଜାର ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ଗ୍ୟାସ ସିଲିଣ୍ଡର, ଏକ ବଜାଜ ମୋଟର ସାଇକେଲ ଜବତ କରିଥିଲା। ପ୍ରାଥମିକ ପ୍ରମାଣ ଆଧାରରେ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନ କୋର୍ଟଚାଲାଣ କରିଛି। ଯାଞ୍ଚରୁ ଜଣାପଡ଼ିଛି ଯେ ଦୀପକ ଦାସ ପୂର୍ବରୁ ୨୦୨୨ ମସିହାର ଏକ ମାମଲାରେ ସମ୍ପୃକ୍ତ ଥିଲେ। ତେବେ ଅଜୁ ବିଷୋୟୀଙ୍କ ବିରୋଧରେ ଏହି ମାମଲା ବ୍ୟତୀତ ଅନ୍ୟ କୌଣସି ଅପରାଧିକ ରେକର୍ଡ ମିଳିନାହିଁ।

● ପୀତବାସ ପଣ୍ଡା ହତ୍ୟା ମାମଲା

## ହାଇକୋର୍ଟରେ ପିଣ୍ଟୁଙ୍କ ଆନ୍ତରୀଣ ଜାମିନ ଆବେଦନର ଶୁଣାଣି

ବ୍ରହ୍ମପୁର, ୯।୬(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ବ୍ରହ୍ମପୁରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ଆନ୍ତରୀଣ ଜାମିନ ଆବେଦନର ଶୁଣାଣି ଜଷ୍ଟିସ ଗୌରୀ ଶଙ୍କର ଶତପଥୀଙ୍କ କୋର୍ଟରେ ହୋଇଛି। ପତ୍ନୀଙ୍କ ଏକ ଗୁରୁତର ଅସ୍ତ୍ରୋପଚାର ନିମନ୍ତେ ହାଇକୋର୍ଟରେ ଆନ୍ତରୀଣ ଜାମିନ ଆବେଦନ କରିଥିଲେ ପିଣ୍ଟୁ। ଆଜି ଉକ୍ତ ପିଟିସନର ଶୁଣାଣି କରି ପିଣ୍ଟୁଙ୍କ ପତ୍ନୀଙ୍କ ମେଡ଼ିକାଲ କାଗଜପତ୍ର ଯାଞ୍ଚ କରି ରିପୋର୍ଟ ଦେବାକୁ ତଦନ୍ତକାରୀ ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେପଟେ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲାଦୌରା ଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ୪ଜଣ ଅଭିଯୁକ୍ତଙ୍କ ଡିସଚାର୍ଜ ପିଟିସନ ଉପରେ ଶୁଣାଣି ଶେଷ ହୋଇଥିବା ଜଣାପଡିଛି। ପିଣ୍ଟୁ ବର୍ତ୍ତମାନ ସୁରକ୍ଷା ଦୃଷ୍ଟି କୋଣରୁ ଫୁଲବାଣୀ ଜେଲରେ ବନ୍ଦୀ ଅଛନ୍ତି। ଏହି ମାମଲାର ପରବର୍ତ୍ତି ଶୁଣାଣି ପାଇଁ ଆସନ୍ତା ୧୧ତାରିଖ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡିଛି।

**ପତ୍ନୀଙ୍କ ମେଡ଼ିକାଲ ନଥିପତ୍ର ଯାଞ୍ଚ କରି ରିପୋର୍ଟ ଦେବାକୁ ଆଇଓଙ୍କୁ ନିର୍ଦ୍ଦେଶ**

## ଜାତୀୟ ପାୱାର ଲିଫ୍ଟିଂ ଚାମ୍ପିଅନ୍‌ସିପ

# ରାୟଗଡ଼ ଖେଳାଳି ହସିନା ନାୟକଙ୍କୁ ଦୁଇ ସ୍ୱର୍ଣ୍ଣପଦକ

ରାୟଗଡ, ୯।୬(ସମିସ): ଉତ୍ତର ପ୍ରଦେଶ ରାଜ୍ୟର ମଥୁରାର ଗୋବର୍ଦ୍ଧନ ସ୍ଥିତ ଶ୍ରୀ ଆଦିଗୌଡ ବିଦ୍ୟାଳୟ ଠାରେ ଜାତୀୟ ପାୱାର ଲିଫ୍ଟିଂ ଚାମ୍ପିଅନସିପ -୨୦୨୬ ଚଳିତ ଜୁନ୍ ମାସ ୪ତାରିଖରୁ ୮ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିଆନସିପରେ ରାୟଗଡର ଖେଳାଳୀ ପାୱାର ଲିଫ୍ଟର ହାସିନା ନାୟକ ସବ୍ ଜୁନିଅର ବର୍ଗରେ ମୋଟ ୧୭୨ କେଜି ଓଜନ ଉଠାଇ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଏବଂ ଜାତୀୟ ପାୱାର ଲିଫ୍ଟିଂ ଚାମ୍ପିଅନ ହୋଇଛନ୍ତି। ତାଙ୍କର ଏହି ସଫଳତା ଓଡିଶାକୁ ତଥା ରାୟଗଡ ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ ଆଜି ସକାଳେ ସେ ଟ୍ରେନ ଯୋଗେ ରାୟଗଡ଼ରେ ପହଞ୍ଚିବା ପରେ ରାୟଗଡ଼ ରେଳ ଷ୍ଟେସନ ଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ହାସିନା ୪୪କିଲୋ ବର୍ଗରେ ଖେଳି ୬୫+୨୭+୮୦ ମୋଟ ୧୭୨କେଜି ଓଜନ ଉଠାଇ ସଫଳତା ହାସଲ କରିଥିଲେ। ହାସିନା ରାୟଗଡ଼ ସହର ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ କୋଚ ଦୋରା କଣ୍ଡାଗରୀ ଓ ପିଙ୍କି ହୁଇକା ଶୁଭେଚ୍ଛା ଓ ଶୁଭ କାମନା ଜଣାଇଥିବା ବେଳେ ହାସିନାଙ୍କ ପରିବାର ଲୋକେ ବହୁତ ଖୁସି ପ୍ରକଟ କରିଛନ୍ତି। ପ୍ରକାଶ ଥାଉକି, ଜାତୀୟସ୍ତରୀୟ ଏହି ଚାମ୍ପିଆନସିପର ଆୟୋଜନ ଉତ୍ତର ପ୍ରଦେଶ ପାୱାର ଲିଫ୍ଟିଂ ଆସୋସିଏସନ ଦ୍ୱାରା ଜାତୀୟ ପାୱାର ଲିଫ୍ଟିଂ ଫେଡରେସନ ଇଣ୍ଡିଆଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏଥିରେ ଦେଶର ୧୪ଟି ରାଜ୍ୟର ଖେଳାଳୀମାନେ ବହୁ ସଂଖ୍ୟାରେ ଭାଗ ନେଇଥିବା ବେଳେ ଖେଳାଳୀମାନଙ୍କ ଉତ୍ସାହ ବଢାଇବା ପାଇଁ ଖେଳ ପ୍ରେମୀ ଓ ସ୍ଥାନୀୟ ଲୋକେ ବହୁ ମାତ୍ରାରେ ଉପସ୍ଥିତ ରହିଥିଲେ।

**ରାୟଗଡରେ ଭବ୍ୟ ସମ୍ବର୍ଦ୍ଧନା**





**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୯୫ • ପାଉଣ୍ଡ ୧୨୭.୦୯
- ୟୁରୋ ୧୦୯.୮୫ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୦,୪୦୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୯୮.୦୦
- ନିଫ୍ଟି ୨୩,୨୪୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



ବ୍ୟାଙ୍କକୁ ସରକାରଙ୍କ ନିର୍ଦ୍ଦେଶ

# ସୁନା ଋଣର ସମ୍ପୂର୍ଣ୍ଣ ତଥ୍ୟ ଦିଅ

## ସୁନା ଋଣ, ଗୋଲ୍ଡ ଇଟିଏଫ୍ ନିୟମାବଳୀରେ ହୋଇପାରେ ପରିବର୍ତ୍ତନ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ସୁନା ମୂଲ୍ୟରେ ତୀବ୍ର ହ୍ରାସ ମଧ୍ୟରେ ଆଗାମୀ ମାସଗୁଡ଼ିକରେ ସୁନା ଋଣ, ଗୋଲ୍ଡ ଇଟିଏଫ୍ ଏବଂ ସୁନା ଆମଦାନୀ-ରପ୍ତାନି ସହିତ ଜଡିତ ନିୟମାବଳୀରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇପାରେ। ବୃଦ୍ଧି ପାଉଥିବା ସୁନା ଆମଦାନୀ ଏବଂ ଗୋଲ୍ଡ ଫାଇନାନ୍ସ ବ୍ୟବସ୍ଥାର ସମୀକ୍ଷା କରି କେନ୍ଦ୍ର ସରକାର ବ୍ୟାଙ୍କଗୁଡ଼ିକଠାରୁ ସୁନା ଋଣ (ଗୋଲ୍ଡ ଲୋନ୍ ନିୟମାବଳୀ) ଏବଂ ସୁନା ଧାତୁ ଋଣ ସମ୍ପର୍କରେ ବିସ୍ତୃତ ସୂଚନା ମାଗିଛନ୍ତି। ଅର୍ଥ ମନ୍ତ୍ରଣାଳୟର ଏହି ପଦକ୍ଷେପକୁ ସୁନା ସମ୍ବନ୍ଧୀୟ ନିୟମାବଳୀରେ ସମ୍ଭାବ୍ୟ ପରିବର୍ତ୍ତନ ପାଇଁ ପ୍ରସ୍ତୁତି ଭାବରେ ଦେଖାଯାଉଛି।

ରିପୋର୍ଟ ଅନୁଯାୟୀ, ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା ଆର୍ଥିକ ସେବା ବିଭାଗ (ଡିଏଫ୍‌ଏସ୍) ୨୦୨୩ରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ସୁନା ଋଣ ଉପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏଥିରେ ଋଣ ପରିମାଣ, ଗ୍ରାହକଙ୍କ ସଂଖ୍ୟା, ଅନ୍ତର୍ଜାତୀୟ ସୁନା ଯୋଗାଣକାରୀ, ପୋର୍ଟଫୋଲିଓର ଆକାର, ସୁନା ବନ୍ଧକ ପରିମାଣ ଏବଂ ଋଣଗ୍ରହୀତାଙ୍କ ସଂଖ୍ୟା ଭଳି ସୂଚନା ଅନ୍ତର୍ଭୁକ୍ତ। ସୂତ୍ର ଅନୁଯାୟୀ, ବ୍ୟାଙ୍କଗୁଡ଼ିକୁ ଖୁବ୍ ଶୀଘ୍ର ଏହି ସୂଚନା ପ୍ରଦାନ କରିବାକୁ କୁହାଯାଇଛି। ବ୍ୟାଙ୍କିଂ କ୍ଷେତ୍ରର ଅଧିକାରୀମାନେ ବିଶ୍ୱାସ କରନ୍ତି ଯେ ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନା ସମ୍ବନ୍ଧୀୟ ଆର୍ଥିକ ଉତ୍ପାଦଗୁଡ଼ିକର ସମ୍ପୂର୍ଣ୍ଣ ଚିତ୍ର ବୁଝିବାକୁ ଚାହାଁନ୍ତି, ଯାହା ପରେ କିଛି ନୀତିଗତ ନିଷ୍ପତ୍ତି ନିଆଯାଇପାରିବ। ସୁନା ଧାତୁ ଋଣ (ଜିଏମ୍‌ଏଲ୍) ବ୍ୟବସ୍ଥା ଅଧୀନରେ, ବ୍ୟାଙ୍କଗୁଡ଼ିକ ବିଦେଶୀ ଉତ୍ସରୁ ସୁନା ଋଣ ନିଅନ୍ତି ଏବଂ ଏହାକୁ ଅଳଙ୍କାର ବ୍ୟବସାୟୀମାନଙ୍କୁ ଉପଲବ୍ଧ କରାନ୍ତି। ଅଳଙ୍କାର ବ୍ୟବସାୟୀମାନେ ଏହି ସୁନାକୁ ଅଳଙ୍କାର ଉତ୍ପାଦନରେ ବ୍ୟବହାର କରନ୍ତି। ବର୍ତ୍ତମାନ, ପ୍ରାୟ ଏକ ଡଜନ ବ୍ୟାଙ୍କ ଏହି ବ୍ୟବସ୍ଥା ମାଧ୍ୟମରେ ସୁନା କାରବାରକୁ ପାଣ୍ଠି ଯୋଗାଇଥାନ୍ତି। ବିଶେଷଜ୍ଞମାନେ କୁହନ୍ତି ଯେ ସରକାର ଜିଏମ୍‌ଏଲ୍‌ର ପ୍ରକୃତ ବ୍ୟବହାର ଏବଂ ସୁନା ଆମଦାନୀ ଉପରେ ଏହାର ପ୍ରଭାବ ବୁଝିବାକୁ ଚେଷ୍ଟା କରୁଛନ୍ତି। ଜୁନ୍-ଜୁଲାଇକୁ ସାଧାରଣତଃ ସୁନା କାରବାର ପାଇଁ ମାନ୍ଦା ସିଜନ୍ ଭାବରେ ବିବେଚନା କରାଯାଏ,



ଯାହା ଏହି ସମୟରେ ସମୀକ୍ଷା କରିବା ସହଜ କରିଥାଏ।

ଶିଳ୍ପ ଏହା ମଧ୍ୟ ପରାମର୍ଶ ଦେଇଛି ଯେ ସୁନା ଇଟିଏଫ୍ ଯୋଜନାଗୁଡ଼ିକୁ ଆମଦାନି ହୋଇଥିବା ସୁନା ପରିବର୍ତ୍ତେ ରିଫାଇଣ୍ଡ ଡୋର ସୁନା ବାର୍ କ୍ରୟ କରିବାକୁ ଅନୁମତି ଦିଆଯିବ। ଏହା ବିଦେଶୀ ସୁନା ଉପରେ ନିର୍ଭରଶୀଳତା ହ୍ରାସ କରିବ ଏବଂ ସମ୍ଭାବ୍ୟ ଭାବରେ ଆମଦାନି ବିଲ୍ ହ୍ରାସ କରିବ। ସୁନା କାବରାର ସହ ଜଡିତ ଶିଳ୍ପ ମଧ୍ୟ ସରକାରଙ୍କଠାରୁ ରପ୍ତାନି ନିୟମରେ କିଛି ନମନୀୟତା ଦାବି କରିଛି। ଶିଳ୍ପ କହୁଛି ଯେ ଭାରତରେ ଚାହିଦା ଦୁର୍ବଳ ହେଲେ ବିକ୍ରି ନ ହୋଇଥିବା ସୁନାକୁ ଚୀନ୍ ଏବଂ ତୁର୍କୀ ଭଳି ବଜାରକୁ ରପ୍ତାନି କରିବାକୁ ଅନୁମତି ଦିଆଯିବା ଉଚିତ। ବର୍ତ୍ତମାନ, ବ୍ୟାଙ୍କଗୁଡ଼ିକ ବିଦେଶୀ ସୁନା ଯୋଗାଣକାରୀଙ୍କୁ ଅତିରିକ୍ତ ସୁନା ଫେରାଇ ପାରିବେ, କିନ୍ତୁ ଏକ ବ୍ୟାପକ ରପ୍ତାନି ନୀତି ବ୍ୟବସାୟଗୁଡ଼ିକୁ ଅଧିକ ଆଶ୍ୱସ୍ତି ପ୍ରଦାନ କରିପାରିବ। ଏହା ଟଙ୍କା ଉପରେ ଚାପ ଏବଂ ଚଳନ୍ତି ଖାତା ନିଅଣ୍ଟକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିପାରିବ।

୨୦୨୫-୨୬ ଆର୍ଥିକବର୍ଷରେ ଏ ପର୍ଯ୍ୟନ୍ତ ଭାରତର ସୁନା ଆମଦାନୀରେ ୨୪% ବୃଦ୍ଧି ପାଇ ୭୧.୯ ବିଲିୟନ ଡଲାରର ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ତଥାପି, ଆମଦାନୀ ପରିମାଣ ୭୨୧ ଟନ୍ ରହିଛି, ଯାହା ପୂର୍ବ ବର୍ଷ ତୁଳନାରେ କମ୍। ଏହାର ଅର୍ଥ ହେଉଛି ଉଚ୍ଚ ମୂଲ୍ୟ ଯୋଗୁଁ ଆମଦାନୀ ବିଲ୍ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ସୂତ୍ର ଅନୁଯାୟୀ, ସରକାର ନଗଦ ଦେୟ ନିୟନ୍ତ୍ରଣ, ଘରୋଇ ସୁନା ପୁନଃଚକ୍ରଣକୁ ପ୍ରୋତ୍ସାହିତ କରିବା, ସୁନା ଋଣ ଢାଞ୍ଚାରେ ଉନ୍ନତି ଆଣିବା ଏବଂ ଆମଦାନୀ ସୁନାକୁ ଭଲ ଭାବରେ ବ୍ୟବହାର କରିବା ସମେତ ଅନେକ ପ୍ରସ୍ତାବ ଉପରେ ବିଚାର କରୁଛନ୍ତି। ଏହା ସ୍ପଷ୍ଟ ଭାବରେ ସୂଚିତ କରେ ଯେ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ବ୍ୟାଙ୍କଗୁଡ଼ିକଠାରୁ ମଗାଯାଇଥିବା ଏହି ସୂଚନା ସୂଚାଇ ଦିଏ ଯେ ସରକାର ସୁନା କ୍ଷେତ୍ର ପାଇଁ ଏକ ବ୍ୟାପକ ନୀତି ଢାଞ୍ଚା ବିକଶିତ କରିବା ଉପରେ କାମ କରୁଛନ୍ତି। ଯାହା ଫଳରେ ଆଗାମୀ ମାସଗୁଡ଼ିକରେ, ସୁନା ଋଣ, ସୁନା ଇଟିଏଫ୍ ଏବଂ ସୁନା ଆମଦାନୀ-ରପ୍ତାନି ସହିତ ଜଡିତ ନିୟମରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇପାରେ।

**ମଧ୍ୟପ୍ରାଚ୍ୟ ସଙ୍କଟ**

# ତେଲ କମ୍ପାନୀଙ୍କୁ ସରକାର ଦେଲେ ୧.୨୩ ଲକ୍ଷ କୋଟି

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ମଧ୍ୟ ପ୍ରାଚ୍ୟ ସଙ୍କଟରେ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଯୋଗୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଘଟିଛି। ଏଥିଯୋଗୁ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ (ଓଏମ୍‌ସି) ଗୁଡ଼ିକ ଘୋର ଆର୍ଥିକ କ୍ଷତି ସହୁଥିବା କହିଆସୁଛନ୍ତି। ତେଲ କମ୍ପାନୀଙ୍କ ରାଜସ୍ୱ କ୍ଷତି ଦୂର କରିବା ଦେଇଥିବା ୧.୨୩ ଲକ୍ଷ କୋଟି ଟଙ୍କା ସେମାନଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ହେଲେ ବାରମ୍ବାର ତେଲ ଦର ବୃଦ୍ଧିରେ ଖାଉଟିଙ୍କ ଅବସ୍ଥା ଶୋଚନୀୟ।

ମଧ୍ୟ ପ୍ରାଚ୍ୟ ଯୁଦ୍ଧରେ ଭାରତ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରି ସରକାର ୭୮ ଦିନରେ ପ୍ରାୟ ୧.୨୩ ଲକ୍ଷ କୋଟିର ରାଜସ୍ୱ

### ହ୍ରାସ ହୋଇଛି ଉତ୍ପାଦ ଶୁଳ୍କ
### ଗ୍ରାହକଙ୍କୁ ମିଳିଲାନି ଆଶ୍ୱସ୍ତି



ପାଇଁ ସରକାର ଉତ୍ପାଦ ଶୁଳ୍କ ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ଫଳରେ ଗତ ୭୮ ଦିନରେ ସରକାରୀ ରାଜକୋଷକୁ ୧.୨୩ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଥିବା ସରକାର କହିଛନ୍ତି। ଏଥିଯୋଗ କମିଛି ତେଲ କମ୍ପାନୀଙ୍କ ତୈଳ ବିକ୍ରି ଜନିତ କ୍ଷତି। ହେଲେ ଏଥିରେ କ୍ଷତି ସହିଛନ୍ତି ଗ୍ରାହକ। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ବାରମ୍ବାର ତେଲ ବିକ୍ରିରେ ଘୋର କ୍ଷତି ସହୁଥିବା ନେଇ ଡିଣ୍ଡିମ ପିଟିଚାଲିଥିବାବେଳେ କେନ୍ଦ୍ର ସରକାର କ୍ଷତି ସହିଛନ୍ତି। ଦେଶର ଅର୍ଥନୀତିକୁ ବିଶ୍ୱ ତୈଳ ବଜାରରୁ ସୃଷ୍ଟ ବିଶୃଙ୍ଖଳାରୁ ରକ୍ଷା କରିବା ପାଇଁ ଏକ ଢାଲ ଭାବରେ କାର୍ଯ୍ୟ କରିଥିଲେ। ସରକାର ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ପ୍ରତି ଲିଟର ୭ଟଙ୍କରା ୫୦ ପଇସା ବୃଦ୍ଧି କରିଛନ୍ତି, ଯାହା ଦ୍ୱାରା ତୈଳ କମ୍ପାନୀଗୁଡ଼ିକର ମୋଟ କ୍ଷତି ୪୪% ହ୍ରାସ ପାଇଛି। ତୈଳ ଦର ବୃଦ୍ଧି ଯୋଗୁଁ ତୈଳ କମ୍ପାନୀଗୁଡ଼ିକ ପ୍ରତିଦିନ ୧୦୦୦ କୋଟି ଟଙ୍କା କ୍ଷତି ସହୁଥିଲେ, ଯାହାକୁ ବୃଦ୍ଧି ଦ୍ୱାରା ପ୍ରତିଦିନ ୬୦୦ କୋଟି ଟଙ୍କାକୁ ହ୍ରାସ କରାଯାଇଛି।


# ଭାରତରେ କ୍ୟାମ୍ପସ ପ୍ରତିଷ୍ଠା କରିବେ ବିଶ୍ୱର ୩ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ



ନୂଆଦିଲ୍ଲୀ, ୯।୬(ଏଜେନ୍ସି ବିଶ୍ୱର ୩ଟି ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ଯଥା ୟୁନିଭର୍ସିଟି ଅଫ୍ ୟର୍କ, ୟୁନିଭର୍ସିଟି ଅଫ୍ ବ୍ରିଷ୍ଟଲ, ୟୁକେ ଏବଂ ୟୁନିଭର୍ସିଟି ଅଫ୍ ନ୍ୟୁ ସାଉଥ୍ ୱେଲ୍ସ, ଅଷ୍ଟ୍ରେଲିଆକୁ ଭାରତରେ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନୁଷ୍ଠାନିକ ଭାବେ 'ଲେଟର ଅଫ୍ ଆପ୍ରୁଭାଲ୍' ହସ୍ତାନ୍ତର କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ପ୍ରଣୀତ ଜାତୀୟ ଶିକ୍ଷା ନୀତିର ଦୂରଦୃଷ୍ଟିକୁ ସାକାର କରି ଭାରତ ଆଜି ବିଶ୍ୱର ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିଜ ଆଡ଼କୁ ଆକର୍ଷିତ କରୁଛି। ଏହି ବିଶ୍ୱସ୍ତରୀୟ ସହଭାଗିତା ଆମର ଆଗାମୀ ପିଢ଼ିର ଗବେଷକ, ଶିକ୍ଷାବିତ୍ ଏବଂ ନବସୃଜନକାରୀ ମାନଙ୍କୁ ଏକ ନୂଆ ଦିଗ୍‌ଦର୍ଶନ ଦେବ। ଏହି ୩ଟି ପ୍ରତିଷ୍ଠିତ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଭାରତୀୟ ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ିହେବା ଫଳରେ ଭାରତୀୟ ଛାତ୍ରଛାତ୍ରୀମାନେ ଦେଶରେ ରହି ବିଶ୍ୱସ୍ତରୀୟ ଶିକ୍ଷା ଗ୍ରହଣ କରିପାରିବେ। ଏହି କାର୍ଯ୍ୟକ୍ରମରେ ବ୍ରିଟିଶ୍ ହାଇକମିଶନର ଲିଣ୍ଡି କ୍ୟାମେରନ୍, ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର ବରିଷ୍ଠ ପଦାଧିକାରୀ, ଅଷ୍ଟ୍ରେଲିଆ ଏବଂ ବ୍ରିଟିଶ ହାଇକମିଶନର ପ୍ରତିନିଧି ଏବଂ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏଫ୍‌ବିଓଆଇଓଏର ଉପ-ସଭାପତିଙ୍କ 'ସାର୍ ପାସ୍ ଟ୍ରେକ୍' ଶିଖର ଅଭିଯାନ

ଭୁବନେଶ୍ୱର, ୯।୬(ଏଜେନ୍ସି): ଏଫ୍‌ବିଓଆଇଓଏର ଉପସଭାପତି ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍, ଓଡ଼ିଶା ୟୁନିଟ୍‌ର ସାଧାରଣ ସମ୍ପାଦକ କମ୍ରେଡ୍ କମଲ୍‌ଜିତ ମହାପାତ୍ର ଚ୍ୟାଲେଞ୍ଜିଂ ସାର୍ ପାସ୍ ଟ୍ରେକ୍ (୧୩,୮୫୦ ଫୁଟ୍) ସଫଳତାର ସହ ସମ୍ପୂର୍ଣ୍ଣ କରିଛନ୍ତି। ସାର୍ ପାସ୍‌ର ଶିଖରରେ ଦଣ୍ଡାୟମାନ ହୋଇ କମ୍ରେଡ ଶ୍ରୀ ମହାପାତ୍ର ଏହି ସଫଳତାକୁ ଦେଶବ୍ୟାପୀ ବ୍ୟାଙ୍କ କର୍ମଚାରୀମାନଙ୍କ ମନର ଦାବି'୫ ଦିନିଆ ବ୍ୟାଙ୍କିଙ୍ଗ୍'ପାଇଁ ସମର୍ପିତ କରିଥିଲେ। ବ୍ୟାଙ୍କ କର୍ମଚାରୀମାନେ ନିଜର ବୃତ୍ତିଗତ ଦାୟିତ୍ୱ ସହ ବ୍ୟକ୍ତିଗତ ଜୀବନର ସନ୍ତୁଳନ ରକ୍ଷା କରି ନିରନ୍ତର ସେବା ପ୍ରଦାନ କରୁଛନ୍ତି। ଆମେ ପ୍ରତିଦିନ ସେବା କରୁଛୁ- ଏବେ ସପ୍ତାହରେ ୫ ଦିନ କାର୍ଯ୍ୟ କରିବାର ସମୟ ଆସିଥିବା ଶ୍ରୀ ମହାପାତ୍ର ସନ୍ଦେଶ ଦେଇଥିଲେ।




୫ ଦିନିଆ ବ୍ୟାଙ୍କିଙ୍ଗ୍‌କୁ ସମର୍ପିତ

# ବନ୍ଧନ ବ୍ୟାଙ୍କ-ସେଣ୍ଟ୍ରମ୍ ଫିନଭର୍ସ ସହଯୋଗିତା

ଭୁବନେଶ୍ୱର, ୯।୬(ସମିସ): ବନ୍ଧନ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ, ଡିମାଟ୍ ଓ ଟ୍ରେଡିଂ ସେବାର ସମନ୍ୱୟ ଥିବା ୩-ଇନ୍-୧ ନିବେଶ ପ୍ଲାଟଫର୍ମର ଶୁଭାରମ୍ଭ ପାଇଁ ବ୍ରୋକ୍‌ରେଜ୍ ସଂସ୍ଥା ସେଣ୍ଟ୍ରମ୍ ଗ୍ରୁପ୍‌ର ସେଣ୍ଟ୍ରମ୍ ଫିନଭର୍ସ ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଏହି ସହଯୋଗିତାର ଲକ୍ଷ୍ୟ ହେଉଛି ଗ୍ରାହକମାନଙ୍କ ନିବେଶ ଯାତ୍ରାର ସରଳୀକରଣ କରିବା ଏବଂ ଭାରତର ଦ୍ରୁତ ଗତିରେ ଆଗକୁ ବଢ଼ୁଥିବା ଆର୍ଥିକ ବଜାରରେ



ଅଂଶଗ୍ରହଣକୁ ସହଜ କରିବା। ବନ୍ଧନ ବ୍ୟାଙ୍କର ବ୍ୟାପକ ଶାଖା ନେଟୱର୍କ ଓ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଏହି ସେବା ଗ୍ରାହକମାନଙ୍କୁ ସେମାନଙ୍କ ବ୍ୟାଙ୍କ, ଡିମାଟ୍ ଓ ଟ୍ରେଡିଂ ଆକାଉଣ୍ଟକୁ ସୁବିଧାରେ, କାଗଜବିହୀନ ଭାବେ ଖୋଲିବା ଓ ପରିଚାଳନା କରିବାରେ ସହାୟକ ହେବ। ଗ୍ରାହମାନେ ଇକ୍ୱିଟି, ଆଇପିଓ, ଡେରିଭେଟିଭ୍, ଇଟିଏଫ୍ ଓ ଇଣ୍ଡିସେସ୍ ଆଦିରେ ନିବେଶ ସୁଯୋଗ ପାଇପାରିବେ।

# ଭାରତୀୟ ଆମ୍ବ ନେପାଳରେ ନିଷିଦ୍ଧ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ଭାରତୀୟ ଆମ୍ବ ରପ୍ତାନୀକୁ ଲାଗିଛି ବଡ଼ ଝଟ୍‌କା। କାରଣ ଜାପାନ ପରେ ପଡୋଶୀ ନେପାଳ ଭାରତରୁ ଆମ୍ବ ଆମଦାନି କରିବାକୁ ରୋକ୍‌ଠୋକ୍ ମନା କରିଦେଇଛି। ଭାରତରୁ ଆସୁଥିବା ଆମ୍ବରେ ଅତ୍ୟଧିକ ପରିମାଣର କେମିକଲ୍ସ ସ୍ପ୍ରେ ଓ ରାସାୟନିକ ଉପଯୋଗ କରାଯାଉଥିବା ନେପାଳ ଅଭିଯୋଗ କରିଛି। ବିଦେଶରେ ଏଭଳି ପରିସ୍ଥିତି ଭାରତୀୟ ଉତ୍ପାଦର ଛବି ଖରାପ କରୁଛି। ଏହାମଧ୍ୟରେ ଭାରତରୁ ରପ୍ତାନୀ ହେଉଥିବା ଉତ୍ପାଦନ ଉପରେ ସନ୍ଦେହ




ପ୍ରକାଶ କଲେଣି ଆମଦାନୀ କରୁଥିବା ରାଷ୍ଟ୍ର। ନିକଟରେ ଜାପାନ ଭାରତରୁ କିଣୁଥିବା ଆମ୍ବ ଉପରେ ନିଷେଧାଦେଶ ଲଗାଇଥିବାବେଳେ ଏବେ ପଡ଼ୋଶୀ ବାଂଲାଦେଶ ମଧ୍ୟ ଭାରତୀୟ ଆମ୍ବ ଉପରେ କଟକଣା ଲଗାଇଛି। ନେପାଳର ବର୍ଡରେ କ୍ୱାରେଣ୍ଟାଇନ ଅଫିସର ଭାରତରୁ ଆମଦାନୀ ହୋଇଥିବା ଆମ୍ବର ପ୍ରଥମେ ପରୀକ୍ଷା କରିଥିଲା। ଏଥିରେ ଅତ୍ୟଧିକ ପରିମାଣରେ କେମିକଲ୍ସ ପେଷ୍ଟିସାଇଡ୍ ମିଳିଥିଲା। ଏହାପରେ ନେପାଳ ସରକାର ଆମ୍ବ ପରେ ତୁରନ୍ତ ନିଷେଧାଦେଶ ଲଗାଇଛନ୍ତି। ଭାରତର ପ୍ରମୁଖ ୫ଟି ଆମ୍ବ ରପ୍ତାନିକାରୀ ଦେଶ ହେଉଛି ଆମେରିକା, ୟୁଏଇ, ୟୁକେ, ନେଦରଲ୍ୟାଣ୍ଡ ଏବଂ ସାଉଦି ଆରବ।

# ଏଚ୍‌ଡିଏଫ୍‌ସି ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ 'ନାରୀ ନିବେଶ ଯାତ୍ରା'

ଭୁବନେଶ୍ୱର, ୯।୬(ଏଜେନ୍ସି): ସାରା ଭାରତରେ ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସଚେତନତା ଏବଂ ନିବେଶକୁ ଉତ୍ସାହିତ କରିବା ପାଇଁ ଏଚ୍‌ଡିଏଫ୍‌ସି ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ 'ନାରୀ ନିବେଶ ଯାତ୍ରା' ଆରମ୍ଭ କରାଯାଇଛି। ଏହା ଏକ ପ୍ରଥମ ପ୍ରକାରର ଦେଶବ୍ୟାପୀ ନିବେଶକ ଶିକ୍ଷା ଏବଂ ସଚେତନତା ପଦକ୍ଷେପ ଯାହା ମହିଳାମାନଙ୍କୁ ସୂଚିତ ନିବେଶ ଏବଂ ଦୀର୍ଘକାଳୀନ ଆର୍ଥିକ ଯୋଜନା ମାଧ୍ୟମରେ ସେମାନଙ୍କ ଆର୍ଥିକ ଭବିଷ୍ୟତର ଦାୟିତ୍ୱ ନେବାକୁ ଉତ୍ସାହିତ



କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ପଦକ୍ଷେପ ମୁମ୍ବାଇର ବାନ୍ଦ୍ରାର ଚେତନା କଲେଜରେ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଏଚ୍‌ଡିଏଫ୍‌ସି ମ୍ୟୁଚୁଆଲ୍ ଫଣ୍ଡ ଦେଶବ୍ୟାପୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ୬୦ଟି ସମର୍ପିତ ଅଧିବେଶନ ପରିଚାଳନା କରିବ, ଯାହା ଆର୍ଥିକ ଯୋଜନା, ଲକ୍ଷ୍ୟ-ଆଧାରିତ ନିବେଶ, ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟି ଏବଂ ଶୃଙ୍ଖଳିତ ନିବେଶ ଅଭ୍ୟାସ ବିକାଶର ଗୁରୁତ୍ୱ ବିଷୟରେ ଆଲୋଚନା ପାଇଁ ପ୍ଲାଟଫର୍ମ ସୃଷ୍ଟି କରିବ ବୋଲି ଏଚ୍‌ଡିଏଫ୍‌ସି ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନବନୀତ ମୁନୋଟ୍ କହିଛନ୍ତି।

# ବେଦାନ୍ତ ଆଲୁମିନିୟମର ମିସନ ଅଭୀପ୍ସା



ଭୁବନେଶ୍ୱର, ୯।୬(ଏଜେନ୍ସି): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ସାମସିଙ୍ଘ କେଜି ବାଳିକା ଉଚ୍ଚ ବିଦ୍ୟାଳୟରେ ମିଶନ ଅଭିପ୍ସା ଅଧୀନରେ ଏକ ବ୍ଲକସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଥିରେ ଜିଲ୍ଲା ସାରା ସରକାରୀ ବିଦ୍ୟାଳୟର ୧୫୭ ଜଣ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ବୋର୍ଡ ପରୀକ୍ଷାରେ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡାର ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ରାଧାକାନ୍ତ ଗର୍ତିଆ; କୋଲାବିରାର ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଅନିଲ ପଟେଲ ଏବଂ କମ୍ପାନୀ ପରିଚାଳନା ସହିତ ୨୦୦ରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଏବଂ ସମ୍ପ୍ରଦାୟର ସଦସ୍ୟମାନେ ଯୋଗଦେଇଥିଲେ। ଜିଲ୍ଲା ପ୍ରଶାସନ ସହିତ ସହଭାଗୀତାରେ କାର୍ଯ୍ୟକାରୀ ହୋଇଥିବା, ମିଶନ ଅଭିପ୍ସା ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧ୍ୟାନ କେନ୍ଦ୍ରିତ ପରାମର୍ଶ, ଶୈକ୍ଷିକ ସହାୟତା ଏବଂ ନିୟମିତ ମୂଲ୍ୟାଙ୍କନ ମାଧ୍ୟମରେ ଶୈକ୍ଷିକ ଫଳାଫଳକୁ ଉନ୍ନତ କରିବାକୁ ଚେଷ୍ଟା କରେ। ଏହି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ବୋର୍ଡ ପରୀକ୍ଷାରେ ଭଲପ୍ରଦର୍ଶନ କରିବାରେ ସାହାଯ୍ୟ କରିବା, ଶିକ୍ଷାଗତ ବ୍ୟବଧାନକୁ ପୂରଣ କରିବା ଏବଂ ଉଚ୍ଚଶିକ୍ଷା ଏବଂ ଭବିଷ୍ୟତର କ୍ୟାରିଅର ସୁଯୋଗ ହାସଲ କରିବା ପାଇଁ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଥିବା ଝାରସୁଗୁଡା ବେଦାନ୍ତ ଆଲୁମିନିୟମର ସିଇଓ ସି.ଚନ୍ଦ୍ରୁ କହିଛନ୍ତି। ଶିକ୍ଷା ହେଉଛି ସାମାଜିକ ପରିବର୍ତନର ସବୁଠାରୁ ଶକ୍ତିଶାଳୀ ସମର୍ଥକମାନଙ୍କ ମଧ୍ୟରୁ ଗୋଟିଏ। ମିଶନ ଅଭିପ୍ସା ମାଧ୍ୟମରେ, ଆମେ ଶିକ୍ଷଣ ବ୍ୟବଧାନକୁ ପୂରଣ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସମ୍ଭାବନାକୁ ହାସଲ କରିବାରେ ସକ୍ଷମ କରିବା ପାଇଁ କାର୍ଯ୍ୟ କରୁଥିବା ସେ କହିଛନ୍ତି।

# ପାଇପ୍‌ରେ ଓମାନ୍‌ରୁ ଆସିବ ଗ୍ୟାସ୍

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ଭାରତର ଶକ୍ତି ସୁରକ୍ଷାକୁ ନେଇ ବଢୁଥିବା ଅନିଶ୍ଚିତତା ମଧ୍ୟରେ ଭାରତ ଏବେ ପ୍ରସ୍ତାବିତ ଓମାନ୍-ଗୁଜରାଟ ପାଇପ୍‌ଲାଇନ୍ ଉପରେ ବିଚାର କରୁଛି। ଏହି ଯୋଜନା ନେଇ ଗତ ତିନି ଦଶନ୍ଧି ଧରି ଚର୍ଚ୍ଚା ହୋଇଆସୁଥିଲେ ସୁଦ୍ଧା ଅତ୍ୟଧିକ ଖର୍ଚ୍ଚ, ବୈଷୟିକ ଜଟିଳତା ଏବଂ ବ୍ୟବସାୟିକ ସଫଳତା ନେଇ ସନ୍ଦେହ ଯୋଗୁ ଏହା କେବଳ ଯୋଜନା ସ୍ତରରେ ରହିଯାଇଥିଲା। ଓମାନ ଏବଂ ଗୁଜରାଟକୁ ସଂଯୋଗ କରୁଥିବା ପ୍ରସ୍ତାବିତ ଏହି ୨,୦୦୦ କିମିର ସମୁଦ୍ରତଳ ଗ୍ୟାସ ପାଇପ୍‌ଲାଇନ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବର୍ତ୍ତମାନ ଏହି ଆଲୋଚନା ସଫଳ ହେବା ଉପରେ । କାରଣ ଏହି ପ୍ରକଳ୍ପର କାମ କରୁଥିବା ଘରୋଇ କନସୋର୍ଟିୟମ୍ ଦ୍ୱାରା ବୈଷୟିକ ଏବଂ ଆର୍ଥିକ ସ୍ଥିତି ଅଧ୍ୟୟନ ସମ୍ପୂର୍ଣ୍ଣ ହେବା ପରେ ଏହି ପ୍ରକଳ୍ପ ଏବେ ଦ୍ରୁତ ଗତିରେ ଆଗେଇବ ବୋଲି ଆଲୋଚନା ଚାଲିଛି। ଏଥିପାଇଁ ସମୁଦ୍ରତଳ ସର୍ଭେ ମଧ୍ୟ କରାଯାଇଛି। ସର୍ଭେ ଅନୁସାରେ ଏହି ପ୍ରକଳ୍ପରେ ପ୍ରାୟ



- ବିଶ୍ୱର ସବୁଠୁ ଗଭୀରତମ ସମୁଦ୍ରତଳ ଗ୍ୟାସ ପାଇପ୍‌ଲାଇନ୍
- ୨୦୦୦ କିମିର ପାଇପ୍‌ଲାଇନ୍‌ରେ ହେବ ୪୦ ହଜାର କୋଟି ବ୍ୟୟ
- ପାଣ୍ଠି ଯୋଗାଣ ଓ ଦୀର୍ଘକାଳୀନ ଆର୍ଥିକ ଚୁକ୍ତି ବଡ଼ ଆହ୍ୱାନ
- ଲିକେଜ୍ ଘଟଣାରେ ମରାମତି ଅତ୍ୟନ୍ତ ବ୍ୟୟବହୁଳ

୪୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ଓମାନରୁ ସିଧାସଳଖ ଭାରତର ପଶ୍ଚିମ ଉପକୂଳ (ଗୁଜରାଟ)କୁ ଯୋଡ଼ିବ। ଏହା ବିଶ୍ୱର ଅନ୍ୟତମ ଗଭୀରତମ ସମୁଦ୍ରତଳି ପାଇପ୍‌ଲାଇନ୍ ହେବ, ଯାହାର କିଛି ଅଂଶ ସମୁଦ୍ର ପତ୍ତନରୁ ୩,୦୦୦ ମିଟରରୁ ଅଧିକ ଗଭୀରରେ ରହିବ।

ଭାରତ ଏହାର ଅଧିକାଂଶ ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ଆମଦାନୀ କରେ। ଏହି ଆମଦାନୀର ଏକ ବଡ଼ ଅଂଶ ପାରସ୍ୟ ଉପସାଗରରୁ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଦେଇ ଭାରତକୁ ଆସେ। ବର୍ତ୍ତମାନର ଇରାନ ଯୁଦ୍ଧ ଏହି ଜଳପଥକୁ ଅବରୋଧ କରୁଥିବାରୁ ଭାରତ ବର୍ତ୍ତମାନ ଇନ୍ଧନ ଆଣିପାରୁ ନାହିଁ। ହେଲେ ପ୍ରକଳ୍ପ କାମ ହୋଇଗଲେ ହରମୁଜ ଅବରୋଧ ହେଲେ ବୋଲି କୌଣସି ସମସ୍ୟା ହେବ ନାହିଁ। ଏଲ୍‌ଏନ୍‌ଜି କୁ ତରଳ କରି ଜାହାଜରେ ଆଣିବା ପରିବର୍ତ୍ତେ, ପାଇପଲାଇନ ଦ୍ୱାରା ସିଧାସଳଖ ଗ୍ୟାସ ଆସିଲେ ଏହା ଅଧିକ ନିର୍ଭରଯୋଗ୍ୟ ହେବ ଏବଂ ଜଳପଥର ବାଧାବିଘ୍ନରୁ ମୁକ୍ତି ମିଳିବ। ଆକଳନ ଅନୁଯାୟୀ, ଗ୍ୟାସ ପରିବହନ ଖର୍ଚ୍ଚ ପ୍ରତି ଏମ୍‌ଏମ୍‌ବିଟିୟୁ ପିଛା ୨ - ୨.୨୫ ଡଲାର ରହିପାରେ। ତେବେ ଏହି ପ୍ରକଳ୍ପ ଉପରେ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଗେଲ୍, ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍ ଏବଂ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଭଳି କମ୍ପାନୀଗୁଡ଼ିକର ପ୍ରାରମ୍ଭିକ ଅଧ୍ୟୟନକୁ ଭିତ୍ତି କରି ଏକ ବିସ୍ତୃତ ଡିପିଆର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ପ୍ରକଳ୍ପ ପାଇଁ ବଡ଼ ସମସ୍ୟା ହେଉଛି ଯାନ୍ତ୍ରିକ ତ୍ରୁଟି ଜନିତ ସମସ୍ୟା। ୩,୦୦୦ ମିଟର ଗଭୀରତାରେ ପ୍ରବଳ ଚାପ ଏବଂ କଠିନ ସମୁଦ୍ରତଳି ଅବସ୍ଥାରେ ପାଇପ୍ ବିଛାଇବା ଅତ୍ୟନ୍ତ କଷ୍ଟକର। ଏଥିରେ କୌଣସି ଲିକେଜ୍ ହେଲେ ମରାମତି କରିବା ଅତ୍ୟନ୍ତ ବ୍ୟୟବହୁଳ ହେବ। ସେହିପରି ୪୦,୦୦୦ କୋଟି ଟଙ୍କାର ଏହି ପ୍ରକଳ୍ପ ପାଇଁ ଦୀର୍ଘକାଳୀନ ଗ୍ୟାସ ମୂଲ୍ୟ ଏବଂ ଚାହିଦା ଉପରେ ନିର୍ଭର କରି ବ୍ୟବସାୟିକ ସଫଳତା ଆସିବ। ପ୍ରକଳ୍ପ ପାଇଁ କିଏ ପାଣ୍ଠି ଯୋଗାଇବ ଏବଂ ଦୀର୍ଘକାଳୀନ ଆର୍ଥିକ ଚୁକ୍ତି କିପରି ସୁନିଶ୍ଚିତ ହେବ, ତାହା ଏବେ ବଡ଼ ପ୍ରଶ୍ନ। ନୀତି ନିର୍ଦ୍ଧାରକଙ୍କ ପାଇଁ ଏହା କେବଳ ଏକ ଗ୍ୟାସ୍ ପ୍ରକଳ୍ପ ନୁହେଁ, ବରଂ ଭାରତର ଶକ୍ତି ସୁରକ୍ଷାକୁ ମଜବୁତ କରିବାର ଏକ ମାଧ୍ୟମ। ଭବିଷ୍ୟତରେ ଏହି ଭିତ୍ତିଭୂମି ବ୍ୟବହାର କରି ହାଇଡ୍ରୋଜେନ ଭଳି ବିକଳ୍ପ ଇନ୍ଧନ ମଧ୍ୟ ପରିବହନ କରାଯାଇପାରିବ। ପରିଶେଷରେ, ତିନି ଦଶନ୍ଧିର ଚର୍ଚ୍ଚା ପରେ, ଏହି ପ୍ରକଳ୍ପ ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ପ୍ରଶ୍ନ ଏହା ନୁହେଁ ଯେ ଏହି ଧାରଣାଟି ଆକର୍ଷଣୀୟ କି ନୁହେଁ, ବରଂ ପ୍ରଶ୍ନ ହେଉଛି କିପରି ବୈଷୟିକ ଜ୍ଞାନ, ଅର୍ଥନୀତି ଏବଂ ଆର୍ଥିକ ଯୋଜନାକୁ ଏକାଠି କରି ଏହାକୁ ବାସ୍ତବ ରୂପ ଦିଆଯାଇପାରିବ ତ?

## ଆଜିର ରାଶିଫଳ

**ମେଷ:** ନୂଆ କାମ ପାଇଁ ଯୋଜନା ପ୍ରସ୍ତୁତ କରିବେ। ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ। ଆୟ ଓ ବ୍ୟୟ ସମାନ ରହିବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଦାନ ଧର୍ମ କରିବେ।

**ବୃଷ:** ଅଚାନକ ଖୁସି ଖବର ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିତାମାତାଙ୍କ ଆଶୀର୍ବାଦରୁ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ।

**କର୍କଟ:** ସଠିକ୍ ସମୟରେ ନିଷ୍ପତ୍ତି ନେବା ଜରୁରି। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଯାନବାହନ କିଣିପାରନ୍ତି। ସାମାଜିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ଅଟକି ରହିଥିବା କାମ ପୂରା ହେବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କନ୍ୟା:** ଯୋଜନା ମୁତାବକ କାମ କରିବେ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଅଫିସ୍‌ରେ ନୂଆ କାମ ମିଳିପାରେ।

**ତୁଳା:** ପରିଶ୍ରମର ଫଳ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ କରିବେ। ପେଟ ଜନିତ ସମସ୍ୟା ହୋଇପାରେ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କର୍ମକ୍ଷେତ୍ରଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବନ୍ଧୁ ମିଳନ ଯୋଗ ଅଛି।

**ଧନୁ:** ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଅତ୍ୟଧିକ କାମ ଚାପ ଚିନ୍ତା ବଢ଼ାଇପାରେ।

**ମକର:** ଦିନଟି ସୁଖ ପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କୁମ୍ଭ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

## ଆଜିର ଇତିହାସ

- ୧୮୪୮ - ନ୍ୟୁୟର୍କ ଓ ଚିକାଗୋ ମଧ୍ୟରେ ପ୍ରଥମ ଟେଲିଗ୍ରାଫ୍ ଲିଙ୍କ୍ ଆରମ୍ଭ।
- ୧୯୩୧- ନରୱେ ପୂର୍ବ ଗ୍ରୀନ୍‌ଲ୍ୟାଣ୍ଡ ଉପରେ କବ୍‌ଜା କଲା।
- ୧୯୪୬- ରାଜତନ୍ତ୍ର ଶେଷ ହେବା ପରେ ଇଟାଲୀ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହେଲା।
- ୧୯୬୭- ସିରିୟା ଓ ଇସ୍ରାଏଲ ମଧ୍ୟରେ ୬ ଦିନିଆ ଯୁଦ୍ଧର ପରିସମାପ୍ତି।
- ୨୦୦୩- ନାସାର ମଙ୍ଗଳଯାନ ରୋଭର୍ ଲଞ୍ଚ୍ କରାଗଲା।



# ‘ବାରାଣସୀ’ ୩୦ ମିନିଟ୍‌ର ଯୁଦ୍ଧ ସିନ୍

ସାଉଥ୍ ଇଣ୍ଡଷ୍ଟ୍ରିର ଆରାଧ୍ୟ ନିର୍ଦ୍ଦେଶକ ଏସ୍. ଏସ୍. ରାଜମୌଳିଙ୍କ ଚଳଚ୍ଚିତ୍ର ‘ବାରାଣସୀ’କୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ୨୦୨୭ ମସିହାର ଏହା ସବୁଠୁ ବଡ଼ ଫିଲ୍ମ ହେବ ବୋଲି ଚର୍ଚ୍ଚା ହେଉଛି। ନିକଟରେ ନିର୍ଦ୍ଦେଶକ ରାଜମୌଳିଙ୍କ ପିତା ତଥା ଚଳଚ୍ଚିତ୍ର ଲେଖକ ବିଜୟେନ୍ଦ୍ର ପ୍ରସାଦ ଏଥିରେ ରାମ ଓ କୁମ୍ଭକର୍ଣ୍ଣଙ୍କ ମଧ୍ୟରେ ଏକ ଯୁଦ୍ଧ ସିନ୍ ରହିବ ବୋଲି ସ୍ପଷ୍ଟ କରିବା ପରେ ଏହା ଦର୍ଶକଙ୍କ ଉତ୍ସାହକୁ ଆହୁରି ବଢ଼ାଇ ଦେଇଛି। ବିଜୟେନ୍ଦ୍ର କହିଛନ୍ତି ଯେ, ‘ଫିଲ୍ମରେ ରାମ ଓ କୁମ୍ଭକର୍ଣ୍ଣଙ୍କ ମଧ୍ୟରେ ପୂରା ୩୦ ମିନିଟ୍‌ର ଏକ ରୋମାଞ୍ଚକର ଯୁଦ୍ଧ ସିନ୍ ରହିବ। ଏହା ହିଁ ପୂରା ଫିଲ୍ମର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ଏହି ସିନ୍ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେବ।’ ଯଦିଓ ଏଥିରେ ଭଗବାନ ରାମଙ୍କ ଭୂମିକାରେ ମହେଶ ବାବୁ ନଜର ଆସିବେ ହେଲେ କୁମ୍ଭକର୍ଣ୍ଣ ଭୂମିକାରେ ପୃଥ୍ୱୀରାଜ ନଜର ଆସିବେ କି ନାହିଁ ତାହା ସ୍ପଷ୍ଟ ହୋଇନି। ଅନ୍ୟପକ୍ଷରେ ଚଳଚ୍ଚିତ୍ରର ଏହି ସିନ୍‌କୁ ନେଇ ରାଜମୌଳି କହିଛନ୍ତି, “ଆମେ ଏହି ସମ୍ପୂର୍ଣ୍ଣ ଦୃଶ୍ୟର ସୁଟିଂ ୬୦ ଦିନ ଧରି କରିଛୁ ଏବଂ ନିକଟରେ ଏହା ଶେଷ ହୋଇଛି। ଏହାର ପ୍ରତ୍ୟେକ ଅଂଶ ଏକ ସମ୍ପୂର୍ଣ୍ଣ ଚଳଚ୍ଚିତ୍ର ଭଳି ଅନୁଭବ ହେଉଥିଲା, ଯେଉଁଥିପାଇଁ ଆମକୁ ସବୁକିଛି ନୂଆ କରି ଭାବିବାକୁ ଏବଂ ଯୋଜନା କରିବାକୁ ପଡ଼ିଥିଲା। ଶେଷରେ ଆମେ ଏହି ସିନ୍‌ର ସୁଟିଂ ସମ୍ପୂର୍ଣ୍ଣ କରିଛୁ। ଏହା ମହେଶ ବାବୁ ଏବଂ ମୋ ପାଇଁ କ୍ୟାରିୟରର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ।” ଏହି ସିନ୍‌ର ଝଲକ ଯେତେବେଳେ ଟ୍ରେଲରରେ ଦେଖିବାକୁ ମିଳିଥିଲା ସେତେବେଳେ ଫିଲ୍ମଟି ଟାଇମ୍ ଟ୍ରାଭେଲ ଉପରେ ଆଧାରିତ ହେବ ବୋଲି ଦର୍ଶକେ ଅନୁମାନ କରୁଥିଲେ। ଏବେ ତାହା ଭୁଲ୍ ପ୍ରମାଣିତ ହୋଇଛି। ‘ବାରାଣସୀ’ରେ ମହେଶବାବୁ, ପୃଥ୍ୱୀରାଜଙ୍କ ବ୍ୟତୀତ ପ୍ରିୟଙ୍କା ଚୋପ୍ରା ବି ନଜର ଆସିବେ। ପ୍ରିୟଙ୍କା ଏହି ଫିଲ୍ମ ମାଧ୍ୟମରେ ବହୁଦିନ ପରେ ଭାରତୀୟ ସିନେମାକୁ ଫେରୁଛନ୍ତି। ଏଥିରେ ସେ ମନ୍ଦାକିନୀ ଭୂମିକାରେ ନଜର ଆସିବେ। ୭ ଅପ୍ରେଲ୍, ୨୦୨୭ରେ ଏହା ରିଲିଜ୍ ହେବ।

# ବିଶ୍ୱ ଚକ୍ଷୁଦାନ ଦିବସ



ମୃତ୍ୟୁ ପରେ ଦୃଷ୍ଟିବାଧିତଙ୍କ ଜୀବନରେ ଆଲୋକ ଆଣିବା ପାଇଁ ଚକ୍ଷୁଦାନ ଏକ ମହାନ ସାମାଜିକ ଦାୟିତ୍ୱ। ଚକ୍ଷୁଦାନ କରିବାକୁ ସଂକଳ୍ପ ନେବା, ଏସମ୍ପର୍କୀୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୧୦ ତାରିଖକୁ ବିଶ୍ୱ ଚକ୍ଷୁଦାନ ଦିବସ ଭାବେ ପାଳନ କରାଯାଏ। ଚକ୍ଷୁଦାନ ହେଉଛି ସବୁଠୁ ମହତ୍ ତଥା ବଡ଼ ଦାନ। ଆମ ଦେଶରେ ଆଜି ବି ଅନେକ ଲୋକ ଦୁର୍ଘଟଣାବଶତଃ ଦୃଷ୍ଟିଶକ୍ତି ହରାଉଥିବା ବେଳେ ଅନେକ ଜନ୍ମରୁ ଦୃଷ୍ଟିବାଧିତ ହୋଇଥାନ୍ତି। ତେବେ ଚକ୍ଷୁଦାନ ଦ୍ୱାରା ଜଣେ ଦୃଷ୍ଟିବାଧିତ ଦୃଷ୍ଟିଶକ୍ତି ଫେରିପାଆନ୍ତି। ଦେଶରେ ପ୍ରତିବର୍ଷ ୮୦ରୁ ୯୦ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି। ଏଥିରୁ ଚକ୍ଷୁଦାନ ୨୫ ହଜାର ପାଖାପାଖି ହେଉଥାଏ। ଅବଶ୍ୟ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି, ଚକ୍ଷୁଦାନ କରୁଥିବା ଲୋକଙ୍କ ସଂଖ୍ୟା ଆଦୌ ସନ୍ତୋଷଜନକ ନୁହେଁ। ମଣିଷ ଶରୀରର ମୃତ୍ୟୁ ଅଛି, କିନ୍ତୁ ଚକ୍ଷୁର ମୃତ୍ୟୁ ନାହିଁ। ମଣିଷ ମୃତ୍ୟୁ ଘଟିବାର ୪ରୁ ୬ ଘଣ୍ଟା ପର୍ଯ୍ୟନ୍ତ ଚକ୍ଷୁ ଜୀବିତ ଥାଏ। ତାକୁ ନେଇ ଅନ୍ୟ ଜଣଙ୍କଠାରେ ପ୍ରତିରୋପଣ କରାଯାଇପାରିବ। ଫଳରେ ଜଣେ ଦୃଷ୍ଟିହୀନ ମଧ୍ୟ ଦୁନିଆ ଦେଖିପାରିବେ। ହେଲେ ସାମାଜିକ ଓ ଧାର୍ମିକ ପରମ୍ପରା କିମ୍ବା ଭୟ ଓ ଦ୍ୱନ୍ଦ ଯୋଗୁଁ ଲୋକମାନେ ଚକ୍ଷୁଦାନ ପାଇଁ ଆଗ୍ରହ ପ୍ରକାଶ କରିନଥାନ୍ତି। ତେଣୁ ସମସ୍ତଙ୍କୁ ଚକ୍ଷୁଦାନ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ସେହିପରି ନେତ୍ରଦାନ ପ୍ରକ୍ରିୟା ଖୁବ୍ ସରଳ। ଏହି ପ୍ରକ୍ରିୟା ୧୦-୨୦ ମିନିଟ୍ ମଧ୍ୟରେ ଶେଷ ହୋଇଥାଏ। ଏଥିରେ ମୁହଁର କୌଣସି ବିକୃତି ଘଟି ନଥାଏ। ମଧୁମେହ, ଆଜ୍‌ମା, ଉଚ୍ଚ ରକ୍ତଚାପ ରୋଗୀ, ହୃଦ୍ ରୋଗୀ ଚକ୍ଷୁଦାନ କରିପାରିବେ। ହେଲେ ଏଡ୍‌ସ, ହେପାଟାଇଟିସ୍, ରକ୍ତ କର୍କଟ, ବ୍ରେନ ଟ୍ୟୁମରରେ ପୀଡ଼ିତ ରୋଗୀ ଚକ୍ଷୁଦାନ କରିପାରିବେ ନାହିଁ। ନେତ୍ରଦାନ କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତି ନିଜ ରାଜ୍ୟର ସ୍ୱୀକୃତିପ୍ରାପ୍ତ ଆଇ ବ୍ୟାଙ୍କରେ ପଞ୍ଜିକରଣ କରିପାରିବେ। ଏହାବାଦ୍ ସରକାରୀ ହସ୍ପିଟାଲ କିମ୍ବା ରେଡ୍‌କ୍ରସ୍ ସୋସାଇଟି ସହ ଯୋଗାଯୋଗ କରି ନେତ୍ରଦାନ ଫର୍ମ ପୂରଣ କରିପାରିବେ।

# ଦୁଇବର୍ଷ ଶିଶୁର କାରନାମା

## ଘରକୁ ଆସିଲା ୩୧ ବର୍ଗର

ଆଜିର ଟେକ୍ନୋଲୋଜି ଦୁନିଆରେ ମୋବାଇଲ ବ୍ୟବହାର ସାଧାରଣ କଥା। କୁନି କୁନି ପିଲାଠୁ ଆରମ୍ଭ କରି ପରିଣତ ବୟସରେ ଉପସ୍ଥିତ ଲୋକେ ସମସ୍ତେ ମୋବାଇଲ ବ୍ୟବହାର କରୁଛନ୍ତି। ଏହି କାରଣରୁ ଅନେକ ସମୟରେ ପିଲାମାନେ ଅନ୍‌ଲାଇନ୍ ଗେମ୍ ଖେଳି ଅଜାଣତରେ ଅଭିଭାବକଙ୍କ ଆକାଉଣ୍ଟରୁ ହଜାର ହଜାର ଟଙ୍କା ଉଡ଼ାଇ ଦେଉଥିବାର ନଜିର ରହିଛି। ଏପରି ଏକ ଅଜବ ଘଟଣା ନିକଟରେ ଟେକ୍ସାସ୍‌ରେ ଦେଖିବାକୁ ମିଳିଛି। ଏଠାରେ ଏକ ଦୁଇବର୍ଷର ଶିଶୁ ଫୋନ୍‌ରେ ଖେଳିବା ସମୟରେ ମ୍ୟାକ୍‌ଡୋନାଲ୍ଡରୁ ୩୧ଟି ଚିଜ୍ ବର୍ଗର ତୁରନ୍ତ ଡେଲିଭରି କରାଇବା ପାଇଁ ଅର୍ଡର ଦେଇ ସମସ୍ତଙ୍କୁ ଚକିତ କରି ଦେଇଛି। ତେବେ ପିଲାଟି ଫୋନ୍‌ରେ ଗେମ୍ ଖେଳୁଥିବା ସମୟରେ ତାର ମା’ ପାଖରେ ଉପସ୍ଥିତ ଥିଲେ। ହେଲେ ସେ କିଛି ସମୟ ପାଇଁ ପିଲାଠୁ ଦୂରେଇ ଯିବା ପରେ ସେ ଏହି କାରନାମା କରିଥିଲା। ହେଲେ ପିଲାଟିର ଏହି କାର୍ଯ୍ୟ ସମ୍ପର୍କରେ ପୂରା ପରିବାର ଟେର୍ ପାଇ ନ ଥିଲା। କିଛି ସମୟ ପରେ ଘର ବାହାରେ ଡେଲିଭରି ବୟ ପହଞ୍ଚିଥିଲେ। ତାଙ୍କ ହାତରେ ବର୍ଗରର ବଡ଼ ବ୍ୟାଗ୍ ଦେଖି ପରିବାର ଲୋକେ ଚକିତ ହୋଇ ଯାଇଥିଲେ। ପ୍ରଥମେ ଭୁଲ୍‌ବଶତଃ ଅନ୍ୟର ଅର୍ଡର ତାଙ୍କ ଘରକୁ ଆସିଯାଇଛି ବୋଲି ମା’ ଭାବିଥିଲେ। ହେଲେ ଡେଲିଭରି ବୟଙ୍କଠାରୁ ଅର୍ଡର କଥା ଶୁଣି ଫୋନ୍ ଚେକ୍ କରିବା ପରେ ସମସ୍ତ ଘଟଣା ସେ ଜାଣି ପାରିଥିଲେ। ତାଙ୍କ ଦୁଇ ବର୍ଷର ପୁଅ ଏହା କରିଛି ବୋଲି ସେ ଜାଣି ପାରିଥିଲେ। ତେବେ ଏହି ଅର୍ଡର ଭାରତୀୟ ମୁଦ୍ରାରେ ପାଖାପାଖି ସାତହଜାର ଟଙ୍କାର ଥିଲା। ପରିବାର ଲୋକେ ଏତେ ସଂଖ୍ୟାରେ ବର୍ଗର ଖାଇପାରିବେନି ବୋଲି ପାଖ ପଡ଼ୋଶୀ ଓ ଜଣାଶୁଣା ଲୋକଙ୍କୁ ଏହାକୁ ବାଣ୍ଟି ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଭାଇରାଲ ହେବା ପରେ ଲୋକେ ଏହାକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



# ସମ୍ଭାବନା



## ଏଆଇ ଆଧାରିତ ସାକ୍ଷାତକାର




**କୃତ୍ରିମ ବୁଦ୍ଧିମତା ଏବେ ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି। ଏବେ ଏହାର ଉପଯୋଗ ସାକ୍ଷାତକାରରେ ବି କରାଯାଉଛି। ଅନେକ କମ୍ପାନି ବାୟୋଡାଟା ସ୍କ୍ରିନିଂ, ପ୍ରାରମ୍ଭିକ ସାକ୍ଷାତକାର ପର୍ଯ୍ୟାୟ ଲାଗି ଏଆଇ ବ୍ୟବହାର କରୁଛନ୍ତି। ବିଶେଷଜ୍ଞଙ୍କ କହିବା କଥା, ଏଆଇ ଆଧାରିତ ସାକ୍ଷାତକାର ଆଗାମୀ ଦିନରେ ସାଧାରଣ କଥା ପାଲଟିବ।**

ଏଆଇ ସାକ୍ଷାତକାରରେ ଲୋକଙ୍କୁ ଭିଡିଓ, ଅଡିଓ ଏବଂ ଟେକ୍ସଟ୍ ମାଧ୍ୟମରେ ପ୍ରଶ୍ନର ଉତ୍ତର ଦେବାକୁ ହୁଏ। ଏହା ପରେ ଏଆଇ ଲୋକଙ୍କ ଉତ୍ତର, ଭାଷା କୌଶଳ, ସମସ୍ୟା ସମାଧାନ କ୍ଷମତା, ଚାକିରି ଲାଗି ଉପଯୁକ୍ତ କି ନାହିଁ ବିଶ୍ଳେଷଣ କରେ। ଏଆଇ ଆଧାରିତ ସାକ୍ଷାତକାରର ଲାଭ ହେଉଛି ଏହାଦ୍ୱାରା କମ୍ପାନି ଅନେକ ପ୍ରାର୍ଥୀଙ୍କ ମୂଲ୍ୟାଙ୍କନ କମ୍ ସମୟରେ କରିପାରିବ। ଏହାବାଦ୍ ନିଯୁକ୍ତି ପ୍ରକ୍ରିୟା ବି ଶୀଘ୍ର ହୁଏ। ଏଥିଯୋଗୁ ଏଚ୍‌ଆର୍‌ଟିମ୍‌ର କାମ ମଧ୍ୟ ହାଲୁକା ହୁଏ।

କମ୍ପାନିରେ ଯଦି ଏଆଇ ଆଧାରିତ ସାକ୍ଷାତକାର ନିଆଯାଉଛି, ତେବେ ପ୍ରାର୍ଥୀଙ୍କୁ କେବଳ ବିଷୟ ଭିତ୍ତିକ ଜ୍ଞାନ ଉପରେ ଧ୍ୟାନ ଦେଲେ ଚଳିବ ନାହିଁ, ବରଂ ସ୍ପଷ୍ଟ ଓ ଆତ୍ମବିଶ୍ୱାସର ସହ ଉତ୍ତର ଦେବା ଜରୁରି। ଏଆଇ ସିଷ୍ଟମ ଅନେକ ସମୟରେ ପ୍ରାର୍ଥୀଙ୍କ ତର୍କ ଏବଂ ସଞ୍ଚାର କୌଶଳକୁ ଗୁରୁତ୍ୱ ଦିଏ। ତେଣୁ ଚାକିରି ବିବରଣୀକୁ ଧ୍ୟାନରେ ପଢ଼ିବା ଏବଂ ତା’ ସହ ଜଡ଼ିତ କୌଶଳକୁ ନିଜ ଉତ୍ତରରେ ସାମିଲ କରିବା ଉଚିତ। ଏହାବାଦ୍ ମକ୍ ଇଣ୍ଟରଭ୍ୟୁର ଅଭ୍ୟାସ କରିବା ଦରକାର। ଭବିଷ୍ୟତରେ ପ୍ରାର୍ଥୀଙ୍କୁ ଏଆଇ ସହିତ ପ୍ରଭାବୀ ଶୈଳୀରେ କାମ କରିବାକୁ ପଡ଼ିବ ବୋଲି ବୁଝିବାକୁ ପଡ଼ିବ। ଅନ୍ୟପଟେ ଅନେକ କମ୍ପାନି ଏବେ ଏଆଇ ସାକ୍ଷରତା ଏବଂ ଏଆଇ ଟୁଲର ଉପଯୋଗକୁ ବି ଏକ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ଭାବେ ଦେଖୁଛନ୍ତି।

# ଡିଜିଟାଲ ଆସକ୍ତି ଦୂରାଇବ ‘ବ୍ରିକ୍’



**ବର୍ତ୍ତମାନ ସମୟରେ ଯୁବପିଢ଼ି ଚାହିଁକି ବି ନିଜ ଫୋନ୍‌ରୁ ଦୂରତ୍ୱ ରକ୍ଷା କରିପାରୁ ନାହାନ୍ତି। ଏହି ସମସ୍ୟାର ସମାଧାନ କରିବ ‘ବ୍ରିକ୍’। ଏହା ଏକ ଛୋଟ ଗ୍ୟାଜେଟ୍। ଯାହାକି ଲୋକଙ୍କୁ ଡିଜିଟାଲ ଦୁନିଆରୁ ବାହାରେ ରଖିବାରେ ସାହାଯ୍ୟ କରିବ।**

ବ୍ରିକ୍ ଦେଖିବାକୁ ଏକ ଧଳା ରଙ୍ଗର ପ୍ଲାଷ୍ଟିକ୍ ଖଣ୍ଡ। ଏହା ଏତେ ଛୋଟ ଯେ ଏହାକୁ ସହଜରେ ହାତରେ ଧରିପାରିବେ। ତେବେ ଏହାର ପ୍ରକୃତ କ୍ଷମତା ଏଥିରେ ଥିବା ଟେକ୍ନିକ୍‌ରେ ନିହିତ ଅଛି। ଏହା ଫୋନ୍‌ର ସେହି ଆପ୍‌କୁ ନିଜ ନିୟନ୍ତ୍ରଣକୁ ଆଣେ, ଯେଉଁଥିରେ ସବୁଠୁ ଅଧିକ ସମୟ ନଷ୍ଟ ହୋଇଥାଏ। ଏହାକୁ ବ୍ୟବହାର କରିବା ଖୁବ୍ ସହଜ। ଏ ଲାଗି ଫୋନ୍‌ରେ ଏହାର ଏକ ଆପ୍ ଡାଉନଲୋଡ୍ କରିବାକୁ ପଡ଼ିବ। ତା’ସହ ଇନ୍‌ଷ୍ଟା, ଫେସ୍‌ବୁକ୍ କିମ୍ବା କୌଣସି ଗେମ୍ ଆପ୍ ବ୍ଲକ୍ କରିବାକୁ ଚାହୁଁଥିଲେ, ତାହାର ଏକ ତାଲିକା ପ୍ରସ୍ତୁତ କରିବାକୁ ହୁଏ। ଏହାପରେ ଫୋନ୍‌କୁ ଏହି ବ୍ରିକ୍ ନାମକ ଛୋଟ ପଥରରେ ସଂସ୍ପର୍ଶ କଲେ ସମସ୍ତ ଆପ୍ ଲକ୍ ହୋଇଯିବ। ଚାହିଁଲେ ବି ଏହାକୁ ଖୋଲିପାରିବେ ନାହିଁ।

ସେହିପରି ଅନଲକ୍ କରିଥିବା ଆପ୍‌କୁ ସେ ପର୍ଯ୍ୟନ୍ତ ଖୋଲିପାରିବେ ନାହିଁ, ଯେପର୍ଯ୍ୟନ୍ତ ବ୍ରିକ୍ ଫୋନ୍ ସଂସ୍ପର୍ଶରେ ନ ଆସିଛି। ଏହିପରି ଭାବେ ଏହା ଜଣକର ଫୋନ୍‌ରୁ ଧ୍ୟାନ ହଟାଇ ଥାଏ। ଏହି ଛୋଟ ଗ୍ୟାଜେଟ୍ ଯୋଗୁଁ ଲୋକେ ନିଜ ନିଦ ପୂରା କରିପାରୁଛନ୍ତି। କାମରେ ଧ୍ୟାନ କେନ୍ଦ୍ରିତ କରିବା ସହ ପରିବାର ସହିତ ସମୟ ଅତିବାହିତ କରୁଛନ୍ତି।

# କିଭଳି ବଢ଼ିବ ସ୍ମରଣଶକ୍ତି



**ଅନେକ ସମୟରେ ଛାତ୍ରଛାତ୍ରୀ ପଢୁଥିବା ପାଠକୁ ମନେ ରଖି ପାରନ୍ତି ନାହିଁ। ସେହିପରି ସ୍ମରଣଶକ୍ତିକୁ ସଫଳତାର ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ବିଚାର କରାଯାଏ।**

- ମସ୍ତିଷ୍କ ସକ୍ରିୟ ରଖିବା ପାଇଁ ନିତିଦିନ ପଜଲ ସମାଧାନ କରନ୍ତୁ।
- ନୂଆ ଭାଷା ଶିଖିବାକୁ ପ୍ରୟାସ କରନ୍ତୁ। ବହିପଢ଼ା ଅଭ୍ୟାସ ଆପଣାନ୍ତୁ।
- ସେହିପରି ପଢ଼ିଥିବା ବିଷୟକୁ ବିଭିନ୍ନ ସମୟରେ ମନେ ପକାନ୍ତୁ।
- ମେମୋରି ଗେମ୍ ଖେଳନ୍ତୁ। ଯେଉଁଥିରେ ଶବ୍ଦ ଓ ଚିତ୍ର ମନେ ରଖିବାକୁ ପଡୁଥିବ।
- ଚେସ୍ ଖେଳରେ ସମୟ ଅତିବାହିତ କରନ୍ତୁ।
- ଧ୍ୟାନ ଓ ମେଡିଟେସନ କରନ୍ତୁ। ଏକାଗ୍ରତା ବଢ଼ିବ।

# ଭଏସ୍ ଓଭର୍‌ରେ କ୍ୟାରିୟର



**ନିଜର ଦମ୍‌ଦାର ଏବଂ ମଧୁର ସ୍ୱର ମାଧ୍ୟମରେ ଭଏସ୍ ଓଭର୍‌ରେ କ୍ୟାରିୟର କରିବା ସହଜ। ଏହାକୁ ଅଫ୍ କ୍ୟାମେରା ବା ଅଫ୍ ଷ୍ଟେଜ୍ କମେଣ୍ଟ୍ରି ବୋଲି କୁହାଯାଏ। ସେହିପରି ବର୍ତ୍ତମାନ ରିଲ୍ସ, ୟୁଟ୍ୟୁବ୍ ସର୍ଟ୍, ଅଡିଓବୁକ୍ ଏବଂ ଏଆଇ ଡବିଂ ମଧ୍ୟ ଏହି କ୍ଷେତ୍ରକୁ ଅଧିକ ସହଜ କରିଛି। ଆଜିର ସମୟରେ ଭଏସ୍‌ଓଭରକୁ ନେଇ ଗୋଟିଏ ନୁହେଁ, ବରଂ ବିଭିନ୍ନ କ୍ୟାରିୟର ବିକଳ୍ପ ଅଛି।**

**ଇନ୍‌ଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍:** ଏବେ ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ସର୍ଟ୍‌ରେ କେବଳ ଭିଡିଓ ନୁହେଁ, ବରଂ ଭଏସ୍‌ର ବି ଗୁରୁତ୍ୱ ଭୂମିକା ରହିଛି। ଜେନ୍ ଜେଡ୍ କ୍ରିଏଟର କୌଣସି ସ୍କ୍ରିପ୍ଟକୁ ନିଜ ଭଏସ୍‌ରେ ପକାଇ ମୋଟିଭେସ୍‌ନାଲ, ଷ୍ଟୋରି ଟାଇମ୍ ରିଲ୍ ତିଆରି କରି ଭାଇରାଲ ହେଉଛନ୍ତି। ବ୍ରାଣ୍ଡ ପ୍ରମୋସନ, ପେଜ୍ ମନିଟାଇଜେସନ, ଫ୍ରିଲାନ୍ସ, ଭଏସ ପ୍ରୋଜେକ୍ଟରୁ ଟଙ୍କା ଆସେ। ୟୁଟ୍ୟୁବ୍‌ରେ ଏବେ ବିଭିନ୍ନ ପ୍ରକାର ଭିଡିଓ ରହିଛି। ଟେକ୍, ଏଜୁକେସନ, ଷ୍ଟୋରି ଟେଲିଂ କଣ୍ଟେଣ୍ଟ। ଏ ସବୁ ଲାଗି ଭଏସ୍‌ଓଭର ଜରୁରି।

**ଅଡିଓ ବୁକ୍:** ସେହିପରି ଏବେ ଲୋକେ ବହି ପଢ଼ିବା ପରିବର୍ତ୍ତେ ଶୁଣିବାକୁ ପସନ୍ଦ କରୁଛନ୍ତି। ତେବେ ଅଡିଓ ବୁକ୍ ପ୍ଲାଟଫର୍ମରେ ଏମିତି ଲୋକଙ୍କ ଚାହିଦା ରହିଛି, ଯେଉଁମାନେ କେବଳ କାହାଣୀକୁ ପଢ଼ି ନ ଥାନ୍ତି, ବରଂ ମନ ଦେଇ ଶୁଣନ୍ତି। ଘରେ ଏହି କାମ ସହଜରେ କରି ହେବ। ଏଆଇ ଆସିବାରୁ ଜେନ୍ ଜେଡ୍ ଏବେ ନିଜେ ପଡ୍‌କାଷ୍ଟ ସଂଚାଳନ କରୁଛନ୍ତି। ନଚେତ ଅନ୍ୟ ଶୋ’ ଲାଗି ଭଏସ୍ ଦେଉଛନ୍ତି। ଶୋ’ ହିଟ୍ ହେଲେ ସ୍ପନରସିପ୍ ମିଳେ। ଏଥିରେ ସେମାନେ ଭଲ ଆୟ କରନ୍ତି।

**ଦରକାର ନାହିଁ ବଡ଼ ସେଟ୍‌ଅପ୍:** ସେହିପରି ଭଏସ୍ ଓଭର ଲାଗି ବଡ଼ ସେଟ୍‌ଅପ୍‌ର ଆବଶ୍ୟକତା ନ ଥାଏ। ଭଲ ମାଇକ୍ରୋଫୋନ୍, ଲାପଟପ୍, ଏବଂ ଦକ୍ଷତାରୁ ଏହି କାମ ଆରମ୍ଭ ହୁଏ। ଏହା ପୂରାପୂରି ସୃଜନାତ୍ମକ କାମ। ଭଏସ୍ ଓଭର୍‌ରେ ୨-୩ ମିନିଟ୍ ଭଏସ୍ ଦେବା ଲାଗି ୫ ହଜାର-୧୦ ହଜାର ମିଳେ। କୌଣସି ବିଶେଷ ପ୍ରୋଜେକ୍ଟ ଉପରେ କାମ କଲେ ୩୦ ହଜାର ଟଙ୍କା ମାସକୁ ମିଳେ। ଅଡିଓ ବୁକ୍ ରେକର୍ଡରେ ପ୍ରତି ବହି ଲାଗି ୩୦-୪୦ ହଜାର ଟଙ୍କା ମିଳେ।

# ନୂଆ ରୂପରେ ୨୦୨୬ ଫିଫା ବିଶ୍ୱକପ୍

ବିଶ୍ୱରେ ଯେଉଁ କେତୋଟି ଖେଳ ଆୟୋଜନ କରାଯାଉଛି, ତାହା ମଧ୍ୟରେ ସବୁଠାରୁ ଅଧିକ ଲୋକ ଖେଳୁଥିବା ବା ଅନ୍ୟପକ୍ଷରେ ଲୋକପ୍ରିୟତା ଖେଳ ହେଉଛି ଫୁଟବଲ। ଏହି ଖେଳର ବିଶ୍ୱ ସଂଗଠନ ଫିଫା ଦ୍ୱାରା ପ୍ରତି ୪ ବର୍ଷରେ ଥରେ ବିଶ୍ୱକପ୍ ଆୟୋଜିତ ହୋଇଥାଏ। ଚଳିତବର୍ଷ ପ୍ରଥମଥର ଲାଗି ୩ଟି ଦେଶରେ ଯଥା, ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ, କାନାଡାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ପୂର୍ବରୁ ୧୯୭୦ ଓ ୧୯୮୬ରେ ବିଶ୍ୱକପ୍ ଆୟୋଜନ କରୁଥିବା ମେକ୍ସିକୋ ଲାଗି ଏହା ରେକର୍ଡ ତୃତୀୟଥର ଓ ଯେକୌଣସି ବିଭାଗରେ କାନାଡାରେ ପ୍ରଥମଥର ଖେଳାଯିବ। ଏହାର ୨୩ତମ ସଂସ୍କରଣରେ ପ୍ରଥମଥର ସର୍ବାଧିକ ୪୮ ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଉତ୍ତର ଆମେରିକାର ୧୬ଟି ସହରରେ ଥିବା ଷ୍ଟାଡିୟମ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ। ଏଥର ମଧ୍ୟ ସର୍ବାଧିକ ୧୦୪ଟି ରେକର୍ଡ ମ୍ୟାଚ୍ ଖେଳାଯିବ। ସର୍ବାଧିକ ଲୋକପ୍ରିୟତା ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ସବୁଠୁ ଅଧିକ ଦର୍ଶକ ଉପଭୋଗ କରିବେ ବୋଲି ଆଶା କରାଯାଉଛି।

### ■ ୩ ଦେଶ, ୧୬ ଭେନ୍ୟୁ

ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ୩ଟି ଦେଶରେ ଆୟୋଜିତ




**ଫିଫା ବିଶ୍ୱକପ୍**
**ଆଉ ଦିନେ**

ହେଉଛି। ଏହି ଦେଶ ଗୁଡ଼ିକ ହେଲେ ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡା। ପ୍ରଥମଥର ଫିଫା ବିଶ୍ୱକପ୍ ୩ଟି ଦେଶରେ ଆୟୋଜିତ ହେବ। ଏହା ମଧ୍ୟରେ ୧୯୭୦ ଓ ୧୯୮୬ରେ ବିଶ୍ୱକପ୍ ଆୟୋଜନ କରୁଥିବା ମେକ୍ସିକୋ ବିଶ୍ୱର ପ୍ରଥମ ଦେଶ ଭାବେ ତୃତୀୟଥର ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ। ଆମେରିକା ଦ୍ୱିତୀୟ ଓ ୩ଟି ଦେଶରେ ମୋଟ ୧୬ଟି ଭେନ୍ୟୁରେ ଖେଳାଯିବ। ଏହା ମଧ୍ୟରୁ ଆମେରିକାରେ ୧୧ଟି, ମେକ୍ସିକୋରେ ୩ଟି ଓ କାନାଡାରେ ୨ଟି ଭେନ୍ୟୁ ରହିଛି। ଏହି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ମେକ୍ସିକୋ ସିଟିରେ ଥିବା ଆଜ୍‌ଟେକା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ବିଶ୍ୱର ପ୍ରଥମ ଷ୍ଟାଡିୟମ୍ ଭାବେ ଆଜ୍‌ଟେକା ତୃତୀୟଥର ଲାଗି ଉଦ୍‌ଘାଟନୀ ଉତ୍ସବ ଓ ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜନ କରିବ।

### ■ ରେକର୍ଡ ୪୮ ଦେଶ

ଜୁନ୍ ୧୧ରୁ ଜୁଲାଇ ୧୯ ତାରିଖଯାଏ ଖେଳାଯିବାକୁ ଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ୪୮ଟି ଦେଶ ଭାଗନେଉଛନ୍ତି। ଟୁର୍ଣ୍ଣାମେଣ୍ଟର ଲୋକପ୍ରିୟତା ଓ ଅଧିକ ଅର୍ଥ ଆୟ ଆଶାରେ ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୩୨ରୁ ୪୮କୁ ବୃଦ୍ଧି କରାଯାଇଛି। ଏହା ମଧ୍ୟରେ ୪ଟି ଦେଶ ଯଥା କେପ୍ ଭାର୍ଡ, କ୍ୟୁରାସିଆ, ଜୋର୍ଡାନ ଓ ଉଜ୍‌ବେକିସ୍ତାନ ପ୍ରଥମଥର ଅଂଶଗ୍ରହଣ କରୁଛନ୍ତି। ଟୁର୍ଣ୍ଣାମେଣ୍ଟରେ ୩ ଆୟୋଜକ ଦେଶ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ମଧ୍ୟ ଭାଗନେଉଛି। ଟୁର୍ଣ୍ଣାମେଣ୍ଟରେ ୟୁରୋପ ମହାଦେଶରୁ ସର୍ବାଧିକ ୧୬ଟି, ଆଫ୍ରିକା ମହାଦେଶରୁ ୧୦ଟି, ଏସିଆରୁ ୯ଟି, କୋନକାଫାଫ ବା କନ୍‌ଫେଡେରେସନ ଅଫ୍ ନର୍ଥ, ସେଣ୍ଟ୍ରାଲ ଆମେରିକାନ ଓ କାରିବିୟାନ୍ ଆସୋସିଏସନ ଫୁଟବଲରୁ ୬ଟି, ଦକ୍ଷିଣ ଆମେରିକାରୁ ୬ଟି ଏବଂ ଓସେନିଆ ଫୁଟବଲ କନ୍‌ଫେଡେରେସନରୁ କେବଳ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

### ■ ସର୍ବାଧିକ ୧୦୪ଟି ମ୍ୟାଚ୍

ଏଥର ବିଶ୍ୱକପ୍‌ରେ ୪୮ ଟି ଦେଶ ଅଂଶଗ୍ରହଣ କରିଥିଲାବେଳେ ମୋଟ ୧୦୪ଟି ମ୍ୟାଚ୍ ଖେଳାଯିବ। ଏହି ୪୮ଟି ଦେଶକୁ ୧୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଗୋଟିଏ ଦଳ ଅନ୍ୟସହ ଥରେ ଲେଖାଏଁ ଖେଳିବ। ପ୍ରଥମ ପର୍ଯ୍ୟାୟ ଶେଷରେ ପ୍ରତ୍ୟେକ ଗ୍ରୁପ୍‌ର ପ୍ରଥମ ଦୁଇଟି ଦଳ ବା ୨୪ଟି ଟିମ୍ ସହ ବିଭିନ୍ନ ଗ୍ରୁପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ ୮ଟି ଦଳ ଦ୍ୱିତୀୟ ପର୍ଯ୍ୟାୟ ବା ନକ୍‌ଆଉଟର ପ୍ରଥମ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଜୁନ୍ ୧୧ରୁ ଜୁନ୍ ୨୭ ତାରିଖଯାଏ ଗ୍ରୁପ୍ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳାଯିବ।

ଜୁଲାଇ ୨୮ରୁ ନକ୍‌ଆଉଟ ବା ସିଙ୍ଗଲ ଏଲିମିନେସନ ଫର୍ମାଟ ଆରମ୍ଭ ହେବ। ଏହାର ଅର୍ଥ ଯେଉଁ ଦଳ ପରାଜିତ ହେବ, ସେହି ଦଳ ଟୁର୍ଣ୍ଣାମେଣ୍ଟରୁ ବିଦା ହେବ। ଏହି ପର୍ଯ୍ୟାୟରେ ୧୬ଟି ମ୍ୟାଚ୍ ଖେଳାଯିବ ଓ ଜୁଲାଇ ୩ରେ ଏହା ଶେଷ ହେବ। ରାଉଣ୍ଡ ଅଫ୍ ୩୨ରେ ଜିତିଥିବା ଦଳଗୁଡ଼ିକ ମଧ୍ୟରେ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍ ଖେଳାଯିବ। ଏଥିରେ ୮ଟି ମ୍ୟାଚ୍ ଖେଳାଯିବ ଓ ଏହା ଜୁଲାଇ ୪ରୁ ଆରମ୍ଭ ହୋଇ ଜୁଲାଇ ୭ରେ ଶେଷ ହେବ। ଏହା ମଧ୍ୟରୁ ଯେଉଁ ୮ଟି ଦଳ ବିଜୟୀ ହେବେ ଜୁଲାଇ ୯ରୁ ୧୧ ମଧ୍ୟରେ କ୍ୱାଟର୍ ଖେଳିବେ। ଏଥିରେ ୪ଟି ମ୍ୟାଚ୍ ଖେଳାଯିବ। ଜୁଲାଇ ୧୪ ଓ ୧୫ରେ ସେମିଫାଇନାଲ, ଜୁଲାଇ ୧୮ରେ ତୃତୀୟ ସ୍ଥାନିତ ଓ ଜୁଲାଇ ୧୯ରେ ଫାଇନାଲ ମୁକାବିଲା ଆମେରିକାର ଇଷ୍ଟରଦରଫୋର୍ଡ ସ୍ଥିତ ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ଖେଳାଯିବ।

### ■ ଭାରତରେ ଜିଟିଭି ପ୍ରସାରଣ କରିବ

ଏହି ବିଶ୍ୱକପ୍‌ର ପ୍ରସାରଣ ଅଧିକାର ୩ଟି ସଂସ୍ଥାକୁ ପ୍ରଦାନ କରିଛି ଫିଫା। ଇଂରାଜୀରେ ଫକ୍ସ, ସ୍ପାନିଶରେ ଏନ୍‌ବିସି ୟୁନିଭର୍ସାଲ ଓ କାନାଡାରେ ବେଲ ମେଡିଆ ଏହି ଟୁର୍ଣ୍ଣାମେଣ୍ଟର ପ୍ରସାରଣ ଅଧିକାର ପାଇଛନ୍ତି। ଟୁର୍ଣ୍ଣାମେଣ୍ଟ ୩ଟି ଦେଶରେ ଆୟୋଜିତ ହେଉଥିବାରୁ ଏଥର ୩ଟି ଜୋନ୍‌ରେ ଖେଳ ହେବ। ଭାରତୀୟ ସମୟ ଅନୁସାରେ ମ୍ୟାଚ୍ ଗୁଡ଼ିକ ସାଧାରଣତଃ ରାତି ୧୨ଟା ୩୦ରୁ ଆରମ୍ଭ ହୋଇ ପରଦିନ ସକାଳ ୮ଟା ୩୦ ଯାଏ ଚାଲିବ। କିଛି ମ୍ୟାଚ୍ ମଧ୍ୟ ଭାରତୀୟ ସମୟ ରାତି ୯ଟା ୩୦, ୧୦ଟା ୩୦ରେ ଖେଳାଯିବ। ଏପରି ୧୪ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଭାରତରେ ଜିଟିଭିରେ ମ୍ୟାଚ୍ ଗୁଡ଼ିକ ଦେଖାଯାଇପାରିବ।



**୨୦୨୬ ବିଶ୍ୱକପ୍‌ରେ ପ୍ରଥମ**

| | | |
|---|---|---|
| ଆୟୋଜକ ଦେଶ | : | ୩ଟି (ଆମେରିକା, ମେକ୍ସିକୋ ଓ କାନାଡା) |
| ଅଂଶଗ୍ରହଣକାରୀ ଦେଶ | : | ୪୮ଟି (ସର୍ବାଧିକ) |
| ପ୍ରଥମଥର ଅଂଶଗ୍ରହଣ | : | କେପ୍ ଭର୍ଡ, କ୍ୟୁରାସାଓ, ଜୋର୍ଡାନ ଓ ଉଜବେକିସ୍ତାନ |
| ୨୩ତମ ସଂସ୍କରଣରେ ମ୍ୟାଚ୍ | : | ୧୦୪ଟି (ସର୍ବାଧିକ) |
| ସର୍ବାଧିକ ଆୟୋଜକ ଦେଶ | : | ୩ଥର ମେକ୍ସିକୋ |
| ସର୍ବାଧିକ ଉଦ୍‌ଘାଟନୀ ଉତ୍ସବ | : | ୩ଥର ମେକ୍ସିକୋ ସିଟି |

**ବିଶ୍ୱକପ୍ ମୁକାବିଲା**

| ପର୍ଯ୍ୟାୟ | ମ୍ୟାଚ୍ | ଖେଳ ସମୟ |
|---|---|---|
| ପ୍ରଥମ ରାଉଣ୍ଡ | ୭୨ | ଜୁନ୍ ୧୧ ରୁ ୨୮ |
| ରାଉଣ୍ଡ ଅଫ୍ ୩୨ | ୧୬ | ଜୁନ୍ ୨୯ରୁ ଜୁଲାଇ ୩ |
| ପ୍ରି-କ୍ୱାର୍ଟର ଫାଇନାଲ | ୦୮ | ଜୁଲାଇ ୪ରୁ ୭ |
| କ୍ୱାର୍ଟର ଫାଇନାଲ | ୦୪ | ଜୁଲାଇ ୯ ରୁ ୧୧ |
| ସେମିଫାଇନାଲ | ୦୨ | ଜୁଲାଇ ୧୪ ଓ ୧୫ |
| ତୃତୀୟ ସ୍ଥାନ | ୦୧ | ଜୁଲାଇ ୧୮ |
| ଫାଇନାଲ | ୦୧ | ଜୁଲାଇ ୧୯ |

## ୨୧ ବର୍ଷ ପରେ ଅଷ୍ଟ୍ରେଲିଆକୁ ହରାଇଲା ବାଂଲାଦେଶ

ଢାକା, ୯ ।୬ (ଏଜେନ୍ସି)

ସୀମିତ ଓଭର ସିରିଜ ଖେଳିବା ଲାଗି ବାଂଲାଦେଶ ଗସ୍ତ କରିଥିବା ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଆରମ୍ଭରୁ ବିପର୍ଯ୍ୟୟର ସାମ୍ନା କରିଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଘରୋଇ ବାଂଲାଦେଶ ଡିଏଲ୍ ପଦ୍ଧତିରେ ୮୬ ରନରେ ବିଶ୍ୱ ଚାମ୍ପିଅନ ଅଷ୍ଟ୍ରେଲିଆକୁ ହରାଇଦେଇଛି। ଫଳରେ ଦିନିକିଆ କ୍ରିକେଟ୍ ଇତିହାସରେ ଅଷ୍ଟ୍ରେଲିଆ ଦଳ ଦ୍ୱିତୀୟଥର ଲାଗି ବାଂଲାଦେଶ ନିକଟରୁ ପରାସ୍ତ ହୋଇଛି। ଏଥିପୂର୍ବରୁ ୨୧ ବର୍ଷ ତଳେ ୨୦୦୫ରେ କାର୍ଡିଫରେ ଅନୁଷ୍ଠିତ ନାଟୱେଷ୍ଟ ସିରିଜରେ ବାଂଲାଦେଶ ୫ ୱିକେଟରେ ଅଷ୍ଟ୍ରେଲିଆକୁ ହରାଇଥିଲା।

ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୮ ୱିକେଟରେ ୨୮୪ ରନର ସମ୍ମାନଜନକ ସ୍କୋର କରିଥିଲା। ଦଳ ପକ୍ଷରୁ ମୋସାଦେକ ହୋସେନ ଅପରାଜିତ ୮୬, ନାଜମୋଲ ହୋସେନ ସାଣ୍ଟୋ ୬୭ ଓ ତାନଜିଦ ହାସାନ ୫୪ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ନାଥନ ଏଲିନ (୩/୩୮), ମ୍ୟାଟ୍ ରେନସ (୨/୩୫), ଲିଆମ ସ୍କଟ (୨/୫୭) ଓ ଜାଭିଅର ବାର୍ଟଲେଟ୍ (୧/୬୨) ମିଳିତ ଭାବେ ୱିକେଟ୍ ବାଣ୍ଟିନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ବଲରେ ମ୍ୟାଥ୍ୟୁ ସର୍ଟଙ୍କ ୱିକେଟ୍ ହରାଇଥିଲା। ଅଷ୍ଟ୍ରେଲିଆ ୪୨.୨ ଓଭରରେ ୧୯୧ ରନରେ ୯ଟି ୱିକେଟ ହରାଇ ପରାଜୟ ଦ୍ୱାରରେ ଥିବାବେଳେ ବର୍ଷା ଓ ଭୟଙ୍କର ବିଜୁଳି ମାରିଥିଲା। ଫଳରେ ଖେଳ ଆଉ ସମ୍ଭବପର ହୋଇ ନ ପାରିବାରୁ ଡିଏଲ ପଦ୍ଧତିର ସହାୟତା ନିଆଯାଇଥିଲା। ଏଥିରେ ବାଂଲାଦେଶକୁ ୮୬ ରନରେ ବିଜୟୀ ଘୋଷିତ କରାଯାଇଥିଲା। ନାହିଦ ରାଣା ୪ଟି ୱିକେଟ୍ ନେଇ ଅଷ୍ଟ୍ରେଲିଆର ସର୍ବାଧିକ କ୍ଷତି ଘଟାଇଥିଲେ।

## ନାଇଟ୍ କ୍ଲବ୍‌ରେ ଗଣ୍ଡଗୋଳ: ବିବାଦରେ ଷ୍ଟୋକ୍ସ, ଆଟକିନ୍‌ସନ୍

ଲଣ୍ଡନ, ୯ ।୬ (ସମିସ)

ସମ୍ପ୍ରତି ନ୍ୟୁଜିଲାଣ୍ଡ ବିପକ୍ଷରେ ଚାଲିଥିବା ଟେଷ୍ଟ ସିରିଜର ପ୍ରଥମ ମ୍ୟାଚରେ ଘରୋଇ ଇଂଲଣ୍ଡ ୧୧୫ ରନରେ ବିଜୟୀ ହୋଇଛି। ଏହି ବିଜୟ ପରେ ଇଂଲଣ୍ଡ ଖେଳାଳିମାନେ ଏକ ନାଇଟ୍ କ୍ଲବରେ ଗଣ୍ଡଗୋଳ କରି ପୁଣିଥରେ ବିବାଦୀୟ ହୋଇପଡ଼ିଛନ୍ତି। ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ସହ ଦ୍ରୁତ ବୋଲର ଗସ୍ ଆଟକିନସନ୍ ଏକ ଝଗଡ଼ାରେ ଜଡିତ ଥିବା ଜଣାପଡ଼ିଛି। ଏହି ଘଟଣା ଚେଲସିରେ ଘଟିଛି। ରିପୋର୍ଟ ଅନୁଯାୟୀ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ଏହାର କ୍ରିକେଟର୍‌ଙ୍କ ପାଇଁ ନାଇଟ୍ କ୍ଲବକୁ ନେଇ କଠୋର କଟକଣା ରହିଛି। ସର୍ବାଧିକ ରାତି ୧୨ଟା ପୂର୍ବରୁ ଇଂଲଣ୍ଡ ଖେଳାଳି ଟିମ୍ ହୋଟେଲକୁ ଫେରିବାକୁ ବାଧ୍। ତଥାପି, ଅଧିନାୟକ ଷ୍ଟୋକ୍ସ ଏବଂ ଆଟକିନସନ୍ ଏହି ନିୟମ ଉଲ୍ଲଙ୍ଘନ କରିଛନ୍ତି।

ରବିବାର ରାତିରୁ ଯାଇ ଏହି ଦୁଇ ଖେଳାଳି ସୋମବାର ସକାଳ ପର୍ଯ୍ୟନ୍ତ ଏକ ନାଇଟ୍ କ୍ଲବରେ ରହିଥିଲେ। ରିପୋର୍ଟ ଅନୁଯାୟୀ, ଷ୍ଟୋକ୍ସ ଏବଂ ଆଟକିନସନ୍ ଜଣେ ରଗବି ଖେଳାଳିଙ୍କ ସହ ଝଗଡ଼ା କରିଥିଲେ। ଏହି ରଗବୀ ଖେଳାଳି ସାରାସେନ୍ସ ଏକାଡେମୀ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଗଣ୍ଡଗୋଳ ସମୟରେ ରଗବି ଖେଳାଳି ଜଣଙ୍କ ଆଟକିନସନ୍ ଉପରକୁ ଏକ ଶକ୍ତିଶାଳୀ ମୁଥ ମାଡ଼ କରିଥିଲେ। କିନ୍ତୁ ସୌଭାଗ୍ୟକୁ ଏହା ନିକଟରେ ଠିଆ ହୋଇଥିବା ଜଣେ ସୁରକ୍ଷା କର୍ମୀଙ୍କ ମୁହଁରେ ବାଜିଥିଲା। ଫଳରେ ସୁରକ୍ଷାକର୍ମୀଙ୍କ ମୁହଁରେ ଏକାଧିକ ଷ୍ଟିଚ ପଡ଼ିଥିବା ଜଣାପଡ଼ିଛି। ଇସିବି ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଯଦି ଷ୍ଟୋକ୍ସ ଏବଂ ଆଟକିନସନ ପ୍ରୋଟୋକଲ ଉଲ୍ଲଙ୍ଘନ କରିଥିବାର ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେମାନଙ୍କୁ ଦଣ୍ଡ ମିଳିପାରେ,। ଏପରିକି ଷ୍ଟୋକ୍ସଙ୍କୁ ଅଧିନାୟକ ପଦରୁ ମଧ୍ୟ ବାହାର କରିଦିଆଯାଇପାରେ। ଇସିବି ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଦଳ ଘୋଷଣା କରିନାହିଁ। ଏହି ଘଟଣା ବୋର୍ଡର ଦଳ ବିଷୟରେ ଚିନ୍ତା ବଢ଼ାଇ ଦେଇଛି।

ଉଲ୍ଲେଖଯୋଗ୍ୟ, ବେନ୍ ଷ୍ଟୋକ୍ସଙ୍କର ବିବାଦର ଏକ ଲମ୍ବା ଇତିହାସ ଅଛି। ୨୦୧୭ରେ ବ୍ରିଷ୍ଟଲରେ ଏକ ଘଟଣା ପରେ ଷ୍ଟୋକ୍ସ ଉପ-ଅଧିନାୟକ ପଦ ହରାଇଥିଲେ। ସମ୍ପ୍ରତି, ଇଂଲଣ୍ଡର ମୁଖ୍ୟ ପ୍ରଶିକ୍ଷକ ବ୍ରେଣ୍ଡନ୍ ମ୍ୟାକକୁଲମ୍ ଖେଳାଳିମାନଙ୍କୁ ଏପରି କିଛି ନ କରିବାକୁ ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ କ୍ଲବ୍ ଘଟଣାରେ ଏବଂ ଗସ୍ ଆଟକିନସନଙ୍କ ନାମ ସାମ୍ନାକୁ ଆସିଛି।

## ଜୁଲାଇ ୨୫ରୁ ଡୁରାଣ୍ଡ କପ୍, ସେପ୍ଟେମ୍ବର ୪ରୁ ଆଇଏସଏଲ୍

ନୂଆଦିଲ୍ଲୀ, ୯ ।୬ (ଏଜେନ୍ସି): ଭାରତୀୟ ଘରୋଇ ଫୁଟବଲର ସର୍ବୋଚ୍ଚ ପ୍ରତିଯୋଗିତା ଆଇଏସଏଲ୍‌ର ଆଗାମୀ ୨୦୨୬-୨୭ ସିଜନ୍ ସେପ୍ଟେମ୍ବର ୪ରୁ ଆରମ୍ଭ ହୋଇପାରେ। ସେହିଭଳି ସମ୍ମାନଜନକ ଡୁରାଣ୍ଡ କପ୍ ୨୫ ଜୁଲାଇରୁ ଆରମ୍ଭ ହେବା ପାଇଁ ସ୍ଥିର ହୋଇଛି। ଗତକାଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଉପସ୍ଥିତିରେ ଆଇଏସଏଲ୍ କ୍ଲବ୍ ଏବଂ ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫଏଫ୍) ମଧ୍ୟରେ ଅନୁଷ୍ଠିତ ବୈଠକରେ ଏହି ଦୁଇଟି ମୁଖ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଜାମସେଦପୁର ଏଫସି ବ୍ୟତୀତ ସମସ୍ତ ଆଇଏସଏଲ୍ ଦଳ ବୈଠକରେ ଯୋଗ ଦେଇଥିଲେ। ନିକଟରେ ଇଣ୍ଡିଆନ୍ ଫୁଟବଲ୍ ଲିଗ୍ (ଆଇଏଫଏଲ) ଜିତିବା ପରେ ଆଇଏସଏଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଡାଇମଣ୍ଡ ହାର୍ବର କ୍ଲବ ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ଲିଗ୍ ପାଇଁ ବାଣିଜ୍ୟିକ ବିଷୟରେ ଆଲୋଚନା କରିବା ଲାଗି ଜିନିୟସ୍ ସ୍ପୋର୍ଟ୍ସକୁ ଭେଟି ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଉଲ୍ଲେଖଯୋଗ୍ୟ, ୨୦୨୫ ରେ କମର୍ସିଆଲ ପାର୍ଟନରଙ୍କ ଅଭାବ ଯୋଗୁ ଆଇଏସଏଲ୍ ଦୀର୍ଘ ୮ ମାସ ବିଳମ୍ବରେ ଆରମ୍ଭ ହୋଇଥିଲା। ଫଳସ୍ୱରୂପ ସଂକ୍ଷିପ୍ତ ସିଜନରେ ଫେବୃଆରୀ ଏବଂ ମେ ମଧ୍ୟରେ ସିଙ୍ଗଲ-ଲେଗ୍ ମ୍ୟାଚ୍ ଥିଲା।

● ଆୟର୍ଲାଣ୍ଡ ଓ ଇଂଲଣ୍ଡ ଟି-୨୦ ସିରିଜ

## ସିରାଜଙ୍କ ସ୍ଥାନରେ ପ୍ରସିଦ୍ଧ

ନୂଆଦିଲ୍ଲୀ, ୯ ।୬ (ଏଜେନ୍ସି): ଆଗାମୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ଲାଗି ଘୋଷିତ ଭାରତୀୟ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ପୂର୍ବରୁ ଘୋଷିତ ଦଳରୁ ପ୍ରତ୍ୟାହାର କରିନିଆଯାଇଛି। ତାଙ୍କ




ସ୍ଥାନରେ ଅନ୍ୟତମ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଏହି ଦୁଇ ସିରିଜ ଲାଗି ଭାରତୀୟ ଦଳରେ ସୁଯୋଗ ମିଳିଛି। କାର୍ଯ୍ୟଭାର ପରିଚାଳନାର ଅଂଶ ଭାବରେ ଖେଳାଳିଙ୍କ ଉପରୁ ଅତ୍ୟଧିକ ଚାପକୁ ହଟାଇବା ଲାଗି ସିରାଜଙ୍କୁ ଏହି ବିଶ୍ରାମ ଦେଇଛି। ବିସିସିଆଇ ଡାକ୍ତରୀ ଦଳ ଏବଂ ଟିମ୍ ମ୍ୟାନେଜମେଣ୍ଟ ମଧ୍ୟରେ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ସିରାଜ ଆୟର୍ଲାଣ୍ଡ ବିପକ୍ଷ ୨ଟି ଓ ଇଂଲଣ୍ଡ ବିପକ୍ଷ ପାଞ୍ଚଟି ଟି-୨୦ ମ୍ୟାଚ୍ ଲାଗି ପୂର୍ବରୁ ଦଳରେ ସ୍ଥାନ ପାଇଥିଲେ। କିନ୍ତୁ ଜାପାନରେ ହେବାକୁ ଥିବା ଏସୀୟ କ୍ରୀଡ଼ା ପାଇଁ ତାଙ୍କୁ ମନୋନୀତ କରାଯାଇ ନଥିଲା। ଆୟର୍ଲାଣ୍ଡ ବିପକ୍ଷ ସିରିଜ ଜୁନ ୨୬ରୁ ଓ ଇଂଲଣ୍ଡ ସହ ଜୁଲାଇ ୧ରୁ ସିରିଜ ଆରମ୍ଭ ହେବ।

**ଆୟର୍ଲାଣ୍ଡ ଓ ଇଂଲଣ୍ଡ ଟି-୨୦ ସିରିଜ ଲାଗି ଘୋଷିତ ଦଳ:**

ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା (ଉପ-ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶିଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ବୈଭବ ସୂର୍ଯ୍ୟବଂଶୀ, ରବି ବିଷ୍ଣୋଇ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା, ଅର୍ଶଦୀପ ସିଂହ ଓ ପ୍ରିନ୍ସ ଯାଦବ।

### ଋତୁରାଜଙ୍କ ରେକର୍ଡ

ଡାମ୍ବୁଲା, ୯ ।୬ (ଏଜେନ୍ସି): ନିର୍ଭରଯୋଗ୍ୟ ବ୍ୟାଟର୍ ଋତୁରାଜ ଗାଏକୱାଡ ଲିଷ୍ଟ-ଏ କ୍ରିକେଟ୍‌ରେ ୨୧ତମ ଶତକ ହାସଲ କରିଛନ୍ତି। ମଙ୍ଗଳବାର ଆରମ୍ଭ ହୋଇଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ଗାଏକୱାଡଙ୍କ ୧୦୧ ରନ ବଳରେ ଭାରତ-ଏ ୮ ରନରେ ଶ୍ରୀଲଙ୍କା-ଏ’କୁ ପରାସ୍ତ କରିଛି। ଲିଷ୍ଟ-ଏ’ରେ ଗାଏକୱାଡଙ୍କ ଏହା ୨୧ତମ ଶତକ ହୋଇଛି। ଏହିକ୍ରମରେ ଲିଷ୍ଟ-ଏ ଫର୍ମାଟ୍‌ରେ ସର୍ବାଧିକ ଶତକ ମାରିବାରେ ସେ ରାହୁଲ ଦ୍ରାବିଡ ଓ ଗୌତମ ଗମ୍ଭୀରଙ୍କ ସହ ସମକକ୍ଷ ହୋଇଛନ୍ତି। ଉଭୟ ଦ୍ରାବିଡ ଓ ଗମ୍ଭୀର ମଧ୍ୟ ୨୧ଟି ଲେଖାଏ ଶତକ ମାରିଛନ୍ତି। ତେବେ ଭାରତୀୟ ଭାବରେ ଲିଷ୍ଟ-ଏ’ରେ ସର୍ବାଧିକ ୬୦ଟି ଶତକ ମାରି ସଚିନ ତେନ୍ଦୁଲକର ତାଲିକାର ଶୀର୍ଷରେ ରହିଛନ୍ତି।

**ସିଏମ୍ ଟ୍ରଫି ଫୁଟବଲ୍**

## ଯାଜପୁର-ବରଗଡ଼, ଭୁବନେଶ୍ୱର-କେନ୍ଦୁଝର ଫାଇନାଲ

ଭୁବନେଶ୍ୱର, ୯ ।୬ (ସମିସ)

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ୧୪ ବର୍ଷରୁ କମ୍ ଫୁଟ୍‌ବଲ ଚାମ୍ପିଅନସିପ୍‌ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଯାଜପୁର ଓ ବରଗଡ଼ ମଧ୍ୟରେ ବାଳକ ବିଭାଗ ଫାଇନାଲ ଖେଳାଯିବ। ବୁଧବାର ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଯାଜପୁର ୨-୧ ଗୋଲ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଥିଲା। ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ବରଗଡ଼ ୫-୧ ଗୋଲ୍‌ରେ ରାଉରକେଲାକୁ ହରାଇଥିଲା। ଅପରପକ୍ଷରେ ମହିଳା ବିଭାଗର ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର ୬-୦ ଗୋଲରେ ନବରଙ୍ଗପୁରକୁ ଏବଂ ଦ୍ୱିତୀୟ ସେମିରେ କେନ୍ଦୁଝର ୮-୧ ଗୋଲରେ ବରଗଡ଼କୁ ହରାଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ବୁଧବାର ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଭୁବନେଶ୍ୱର ଓ କେନ୍ଦୁଝର ମଧ୍ୟରେ ଫାଇନାଲ ଖେଳାଯିବ ବୋଲି ଫାଓ ପକ୍ଷରୁ ସୂଚନା ଦିଆଯାଇଛି।

## ଗାଏକୱାଡଙ୍କ ଶତକ; ଭାରତ-ଏ’ର ରୋମାଞ୍ଚକ ବିଜୟ

ଡାମ୍ବୁଲା, ୯ ।୬ (ଏଜେନ୍ସି)

ଘରୋଇ ଶ୍ରୀଲଙ୍କା-ଏ, ଭାରତ-ଏ ଓ ଆଫଗାନିସ୍ତାନ-ଏ’କୁ ନେଇ ମଙ୍ଗଳବାରଠାରୁ ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜ ଆରମ୍ଭ ହୋଇଛି। ରୋମାଞ୍ଚକର

**ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜ**

ଉଦ୍‌ଘାଟନୀ ମୁକାବିଲାରେ ଭାରତ-ଏ ଋତୁରାଜ ଗାଏକୱାଡଙ୍କ ଶତକ ବଳରେ ୮ ରନରେ ଶ୍ରୀଲଙ୍କା-ଏ’କୁ ପରାସ୍ତ କରିଛି। ଏଥିସହ ୨ ପଏଣ୍ଟ ପାଇ ଭାରତ-ଏ ଖାତା ଖୋଲିଛି। ଗୁରୁବାର ଭାରତ-ଏ ଓ ଆଫଗାନିସ୍ତାନ-ଏ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।



ମଙ୍ଗଳବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଭାରତ-ଏ ଅଧିନାୟକ ତିଲକ ବର୍ମା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତେବେ ଦଳ ୫ ଓଭର ମଧ୍ୟରେ ଦୁଇ ଓପନର୍ ବୈଭବ ସୂର୍ଯ୍ୟବଂଶୀ ଓ ପ୍ରଭସିମରନ ସିଂହ(୨ ରନ)ଙ୍କ ୱିକେଟ ହରାଇଥିଲା। ଏଠାରେ ଭାରତ-ଏ ପକ୍ଷରୁ ପଦାର୍ପଣ କରିଥିବା ସୂର୍ଯ୍ୟବଂଶୀ ୧୨ଟି ବଲରେ ମାତ୍ର ୧୪ ରନ କରି ନିରାଶ କରିଥିଲେ। ତେବେ ମଧ୍ୟକ୍ରମରେ ନିର୍ଭରଯୋଗ୍ୟ ଋତୁରାଜ ଗାଏକୱାଡ ଓ ଅଧିନାୟକ ତିଲକ ବର୍ମାଙ୍କ ଉପଯୋଗୀ ଇନିଂସ୍ ବଳରେ ୫୦ ଓଭରରେ ୬ ୱିକେଟ ହରାଇ ୨୭୭ ରନର ସମ୍ମାନଜନକ ସ୍କୋର କରିଥିଲା। ଗାଏକୱାଡ ସର୍ବାଧିକ ୧୦୧ ରନର ଶତକୀୟ ପାଳି ଖେଳିଥିଲେ। ୧୧୪ ବଲର ଏହି ପାଳିରେ ସେ ୬ଟି ଚୌକା ଓ ୩ଟି ଛକା ମାରିଥିଲେ।

ତେବେ ଅତ୍ୟଧିକ ଧୀମା ବ୍ୟାଟିଂ କରିଥିବା ତିଲକ ୯୭ ବଲରେ ୬୦ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଂଶ ଆର୍ଯ୍ୟ ୩୨, ଆୟୁଷ ବଦୋନୀ ୨୪, ସୂୟାଶ ହେଡଗେ ୨୬ ରନ କରିଥିଲେ। ପ୍ରିୟାଂଶ ଦୁର୍ଭାଗ୍ୟଜନକ ଭାବେ ରନ ଆଉଟ୍ ହୋଇଥିଲେ। ରନ ନେବା ପ୍ରୟାସରେ ସେ ବ୍ୟାଟ୍ ଡ୍ରାଗ କରୁଥିବାବେଳେ ତାହା ୱିକେଟ୍‌କିପରଙ୍କ ଜୋତାରେ ଲାଗି ରହିଯାଇଥିଲା। ଫଳରେ ସେ କ୍ରିଜରେ ପହଞ୍ଚିପାରି ନ ଥିଲେ। ବୋଲିଂରେ ଶ୍ରୀଲଙ୍କା-ଏ ପକ୍ଷରୁ ମହମ୍ମଦ ଶିରାଜ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଏକଦା ବିଜୟ ସ୍ଥିତିରେ ଥିବା ଶ୍ରୀଲଙ୍କା-ଏ ୪୮.୫ ଓଭରରେ ୨୬୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଶହାନ ଅରାଚଚିଗେ ୭୪, ନିରୋଶାନ ଡିକୱେଲା ୪୭, ସାଦିରା ସମରବିକ୍ରମା ୪୬ ଓ ଅଭିଷ୍କା ଫର୍ଣ୍ଣାଡୋ ୪୫ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଶେଷ ଦୁଇ ଓଭରରେ ୩ ୱିକେଟ ବାକି ଥାଇ ଶ୍ରୀଲଙ୍କା-ଏ’କୁ ୧୨ ରନ ଆବଶ୍ୟକ ହେଉଥିଲେ ମଧ୍ୟ ଦଳ ଅଲଆଉଟ୍ ହୋଇଯାଇଥିଲା। ଅର୍ଶାଦ ଖାନ, ଅନୁକୂଳ ରୟ, ବିପ୍ରରାଜ ନିଗମ ଓ ବଦୋନୀ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS